NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
12 JUNE 2025
ଗୁରୁବାର
୧୨ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 28 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


DADLS-29



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# କଥାଦେଇ କଥା ରଖିଲେ ଲୋକଙ୍କ ସରକାର



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଲୋକଙ୍କ ପାଇଁ, ଲୋକଙ୍କ ସରକାର

କାର୍ଯ୍ୟକ୍ଷମ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଲୋକଙ୍କ ପାଖରେ ପହଞ୍ଚିଲା ସରକାର, ସମ୍ବଲପୁରରେ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରାୟ ୮୫% ଅଭିଯୋଗ ସମାଧାନ

ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ୫ଲକ୍ଷରୁ ଅଧିକ ଅଭିଯୋଗ ସମାଧାନ

## ମହିଳା ସଶକ୍ତିକରଣ

ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ

୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆର୍ଥିକ ଅନଗ୍ରସର ପରିବାରର ଝିଅମାନଙ୍କୁ ସ୍ଥାନୀୟ ପରମ୍ପରା ଅନୁସାରେ ଗଣ ବିବାହ

## କୃଷି ଓ କୃଷକ ସଶକ୍ତିକରଣ

ସମୃଦ୍ଧ କୃଷକ ଯୋଜନାରେ ଧାନର କ୍ୱିଣ୍ଟାଲ ପିଛା MSP ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା

ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ପାଇଁ ନିଷ୍ପତ୍ତି

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

AB-PMJAY ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଦେଶର ୨୯ ହଜାରରୁ ଅଧିକ ଚିକିତ୍ସାଳୟରେ ନଗଦବିହୀନ ଚିକିତ୍ସା ସୁବିଧା

ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଉନ୍ନତ ଚିକିତ୍ସା ସୁବିଧା

ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ଓ ତଦୁର୍ଦ୍ଧ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା

## ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ

ଜାତୀୟ ଶିକ୍ଷା ନୀତି – ୨୦୨୦ କାର୍ଯ୍ୟକାରୀ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ଶତାୟୁ ବିଦ୍ୟାଳୟଗୁଡ଼ିକର ନବୀକରଣ ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ

## ଗ୍ରାମୀଣ ଭିତ୍ତିଭୂମି ବିକାଶ

ଗ୍ରାମ ଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା

୩ ଲକ୍ଷ ୬୫୮ ଘରୋଇ ଟ୍ୟାପ ସଂଯୋଗୀକୃତ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ୨.୬୭ ଲକ୍ଷ ଘର ନିର୍ମିତ ଓ ୩୬ ଲକ୍ଷ ନୂତନ ହିତାଧିକାରୀ ଚିହ୍ନଟ

ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ ଘର ମଞ୍ଜୁର

## ଜନଜାତି ବିକାଶ

ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ୧,୭୨,୩୫୬ ଜଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ

ଆବାସିକ ବିଦ୍ୟାଳୟଗୁଡ଼ିକ ପାଇଁ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା

ଜନଜାତି ଶିଶୁମାନଙ୍କ ଶିକ୍ଷା ଏବଂ ଜ୍ଞାନାତ୍ମକ ବିକାଶ ଉଦ୍ଦେଶ୍ୟରେ "ଆମେ ପଢ଼ିବା ଆମ ଭାଷାରେ" ଅଭିଯାନ କାର୍ଯ୍ୟକାରୀ

## ଯୁବବର୍ଗଙ୍କ ପାଇଁ ଅପାର ସୁଯୋଗ

ଅଦ୍ୟାବଧି ୨୭,୩୮୨ ମୂଳ ସରକାରୀ ପଦବୀ ପୂରଣ

ସରକାରୀ ଚାକିରୀ ବୟସ ସୀମା ୪୨ କୁ ବୃଦ୍ଧି

ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ

## ସମୃଦ୍ଧ ଓଡ଼ିଶା ପାଇଁ ଶିଳ୍ପାୟନ

ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ, ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ଲକ୍ଷ୍ୟ, ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି

କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ସମୁଦାୟ ୨୦ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ; ଶୁଭ ଉଦ୍‌ଘାଟନ; ୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି

ଖୋର୍ଦ୍ଧାରେ ୫,୭୭୦ କୋଟି ଟଙ୍କାର ୧୪ଟି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ; ଭିତ୍ତି ପ୍ରସ୍ତର ସ୍ଥାପନ; ୩୭ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି




OIPR-15001/13/0683/2526

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

### ନାଇଟ୍ ଫ୍ରାଙ୍କ୍ ଗ୍ଲୋବାଲ୍ ୱେଲଥ୍ ରିପୋର୍ଟ-୨୦୨୫

# ଭାରତରେ ୮୫,୬୯୮ କୋଟିପତି



**ନୂଆଦିଲ୍ଲୀ,୧୧।୬/ଏଜେନ୍ସି:** ଭାରତରେ ଏବେ ୮୫,୬୯୮ ଜଣ କୋଟିପତି (ଏଚ୍‌ଏନ୍‌ଡବ୍ଲ୍ୟୁଆଇ ବା ହାଇ-ନେଟ୍-ୱର୍ଥ ଇଣ୍ଡିଭିଜୁଆଲ୍) ରହିଛନ୍ତି। ନାଇଟ୍ ଫ୍ରାଙ୍କ୍ ଗ୍ଲୋବାଲ୍ ୱେଲଥ୍ ରିପୋର୍ଟ-୨୦୨୫ରେ ଏଭଳି କିଛି ତଥ୍ୟ ଉଜାଗର ହୋଇଛି। ନାଇଟ୍ ଫ୍ରାଙ୍କ ରିପୋର୍ଟ ଅନୁଯାୟୀ ଏହି ୮୫,୬୯୮ ଜଣ ଭାରତୀୟଙ୍କ ପାଖରେ ମୋଟ ୧୦ ମିଲିୟନ ଡଲାରରୁ ଅଧିକ ପରିମାଣର ସମ୍ପତ୍ତି ରହିଛି। ଧନୀ ବ୍ୟକ୍ତିଙ୍କ ସଂଖ୍ୟା ଦୃଷ୍ଟିରୁ ଭାରତ ବର୍ତ୍ତମାନ କେବଳ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍ ଏବଂ ଜାପାନ ପଛରେ ରହିଛି। ଭାରତର ଶକ୍ତିଶାଳୀ ଅର୍ଥନୈତିକ ବୃଦ୍ଧି, ଉଦ୍ୟୋଗୀ କାର୍ଯ୍ୟକଳାପର ବୃଦ୍ଧି ଏବଂ ପୁଞ୍ଜିର ବର୍ଦ୍ଧିତ ପ୍ରବେଶକୁ ବ୍ୟକ୍ତିଗତ ସମ୍ପତ୍ତିର ବୃଦ୍ଧିର ମୁଖ୍ୟ କାରଣ ଭାବେ ଉଲ୍ଲେଖ କରାଯାଇଛି।

ନାଇଟ୍ ଫ୍ରାଙ୍କ ନିଜ ରିପୋର୍ଟରେ ଦର୍ଶାଇଛି ଯେ, ଭାରତର ଡିଜିଟାଲ୍ ଭିତ୍ତିଭୂମି, ବିଶେଷତଃ ସ୍ମାର୍ଟଫୋନ୍ ଏବଂ ଡିଜିଟାଲ୍ ବ୍ୟାଙ୍କିଂର ବ୍ୟାପକତା, ପୂର୍ବ ଦଶନ୍ଧିଗୁଡ଼ିକ ତୁଳନାରେ ସମ୍ପତ୍ତି ସୃଷ୍ଟିକୁ ଅଧିକ ସୁଲଭ କରିଛି। ଗତବର୍ଷ ତୁଳନାରେ ଭାରତୀୟ ଆରବପତିଙ୍କ ସଂଖ୍ୟାରେ ପ୍ରାୟ ୧୨% ବୃଦ୍ଧି ହୋଇଛି। ଭାରତରେ ବର୍ତ୍ତମାନ ୧୯୧ ଜଣ ଆରବପତି ଅଛନ୍ତି, ଯାହା ୨୦୨୩ରେ ୧୬୫ ଥିଲା। ଏହା ମଧ୍ୟରେ ଗୋଟିଏ ବର୍ଷରେ ୨୬ଜଣ ନୂଆ ଆରବପତି ସୃଷ୍ଟି ହୋଇଛନ୍ତି, ଯାହା ୨୦୧୯ରେ ନୂଆକରି ଆରବପତି ସାଜିଥିବା ୭ଜଣଙ୍କ ତୁଳନାରେ ଯଥେଷ୍ଟ ଅଧିକ। ଭାରତୀୟ ଆରବପତିମାନେ ବର୍ତ୍ତମାନ ପ୍ରାୟ ୦.୯୫ ଟ୍ରିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ଅଧିକାରୀ ଅଟନ୍ତି। ଭାରତର ଧନୀ ବ୍ୟକ୍ତିମାନେ, ବିଶ୍ୱର ଅନ୍ୟ ଧନୀମାନଙ୍କ ପରି, ରିଅଲ୍ ଇଷ୍ଟେଟକୁ ଅଧିକ ଗୁରୁତ୍ୱ ଦିଅନ୍ତି। ବିଶ୍ୱରେ ଆରବପତିଙ୍କ ସମ୍ପତ୍ତିର ପ୍ରାୟ ୩୦% ରିଅଲ୍ ଇଷ୍ଟେଟରେ ରହିଛି, ଏବଂ ଏହି ପ୍ରବୃତ୍ତି ଭାରତରେ ବିଶେଷ ଭାବେ ଶକ୍ତିଶାଳୀ, ଯେଉଁଠାରେ ସମ୍ପତ୍ତିକୁ ସାମାଜିକ ମର୍ଯ୍ୟାଦା ଏବଂ ସ୍ଥିରତାର ପ୍ରତୀକ ଭାବେ ଦେଖାଯାଏ। ଭାରତୀୟ କୋଟିପତିମାନେ ଦୁବାଇ, ଲଣ୍ଡନ ଏବଂ ସିଙ୍ଗାପୁର ଭଳି ବିଦେଶୀ ବଜାରରେ ମଧ୍ୟ ବିନିଯୋଗ କରିବାକୁ ଆଗ୍ରହୀ। ତେବେ ଭାରତର ଧନୀ ବ୍ୟକ୍ତିଙ୍କ ଜନସଂଖ୍ୟା ୨୦୨୮ ସୁଦ୍ଧା ୪୩% ବୃଦ୍ଧି ପାଇ ଆନୁମାନିକ ୧୨୨,୧୧୯ ବ୍ୟକ୍ତିଙ୍କୁ ଛୁଇଁବ ବୋଲି ନାଇଟ୍ ଫ୍ରାଙ୍କ ଆକଳନ କରିଛି।

### ବିହାର ନିର୍ବାଚନ

# ଏନ୍‌ଡିଏ ଉପରେ ଭାରୀ ପଡ଼ିବ ଇଣ୍ଡିଆ



- ତେଜସ୍ୱୀ ମୁଖ୍ୟମନ୍ତ୍ରୀ ପଦ ପାଇଁ ନଂ ୧ ପସନ୍ଦ
- ରାହୁଲ୍‌ଙ୍କ କ୍ରେଜ୍ ଆଗରେ କାମ କରିବନି ନୀତୀଶ, ମୋଦୀଙ୍କ ମ୍ୟାଜିକ୍

**ପାଟନା,୧୧।୬/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନର ତାରିଖ ଯଦିଓ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ, କିନ୍ତୁ ନଭେମ୍ବର ପୂର୍ବରୁ ଘୋଷଣା ହେବା ନେଇ ଆଶା କରାଯାଉଛି। ତେବେ ଏହି ସମୟରେ ଏକ ପ୍ରାକ୍ ନିର୍ବାଚନୀ ସର୍ଭେ ରିପୋର୍ଟ ସାମ୍ନାକୁ ଆସିଛି, ଯାହାକି ସମସ୍ତଙ୍କୁ ଚକିତ କରିଦେବା ଭଳି ହୋଇଛି। ରିପୋର୍ଟ ଅନୁସାରେ ବିହାରରେ କରାଯାଇଥିବା ଏକ ପ୍ରାକ୍ ନିର୍ବାଚନୀ ସର୍ଭେରୁ ମିଳିଥିବା ଫଳାଫଳ ଅନୁସାରେ ଏଥର ବିହାରରେ ବିଜେପି-ଜେଡିୟୁ ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ନୁହେଁ ବରଂ କଂଗ୍ରେସ-ଆରଜେଡି ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ କ୍ଷମତାକୁ ଫେରିବା ସମ୍ଭାବନା ବେଶ୍ ଅଧିକ। ସେହିପରି ନୂଆକରି ଗଠନ ହୋଇଥିବା ପ୍ରଶାନ୍ତ କିଶୋର (ପିକେ)ଙ୍କ ରାଜନୈତିକ ଦଳ ଜନସୂରଜ ପାର୍ଟି ମଧ୍ୟ ଆଗାମୀ ବିଧାନସଭା ନିର୍ବାଚନରେ ନିଜ ପ୍ରଭାବ ଦେଖାଇବାରେ ସଫଳ ହେବ।

ପୋଲ ଟ୍ରାକର୍ ସର୍ଭେ ଅନୁଯାୟୀ, ଇଣ୍ଡିଆ ମେଣ୍ଟ ଏଥର ଏନ୍‌ଡିଏକୁ ପଛରେ ପକାଇବାରେ ସଫଳ ହେବ। ନିର୍ବାଚନରେ କଂଗ୍ରେସ ଏବଂ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ମେଣ୍ଟ ୪୪.୨% ଭୋଟ୍ ସହ ୧୨୬ ଆସନ ପାଇବ। ସେହିପରି ଜେଡିୟୁ ଏବଂ ବିଜେପି ମେଣ୍ଟ ୪୨.୮% ଭୋଟ୍ ଅର୍ଥାତ୍ ୧୧୨ ଆସନ ହାତେଇବାରେ ସଫଳ ହୋଇପାରିବେ। ଜନ ସୂରଜ ପାର୍ଟିକୁ ୨.୭% ଭୋଟ୍ ସହ ୧ଟି ଆସନ ଏବଂ ଅନ୍ୟାନ୍ୟ ଦଳଙ୍କ ଖାତାକୁ ୧୦.୩% ଭୋଟ୍ ସହ ୮ଟି ଆସନ ଯିବ ବୋଲି ଅନୁମାନ କରାଯାଉଛି। ସେହିପରି ସର୍ଭେରେ ଆଉ ଏକ ବଡ଼ ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ନୀତୀଶ କୁମାର ବିହାରବାସୀଙ୍କ ସର୍ବାଧିକ ପସନ୍ଦଯୋଗ୍ୟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନୁହଁନ୍ତି ବରଂ ତେଜସ୍ୱୀ ଯାଦବ ଏହି ଦୌଡରେ ସର୍ବାଗ୍ରେ ରହିଛନ୍ତି। ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଯେଉଁଠି ମାତ୍ର ୩୧% ସମର୍ଥନ ଦେଖିବାକୁ ମିଳୁଛି ସେଠାରେ ପ୍ରାୟ ୪୩% ସମର୍ଥନ ତେଜସ୍ୱୀଙ୍କ ସପକ୍ଷରେ ରହିଥିବା ସ୍ପଷ୍ଟ ହେଉଛି। ସେହିପରି ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୁଳନାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏଥର ସର୍ବାଧିକ ପସନ୍ଦର ନେତା ଭାବେ ଆଗୁଆ ଥିବା ଦେଖିବାକୁ ମିଳୁଛି। ପୋଲ ଟ୍ରାକର ଅନୁସାରେ ରାହୁଲ ଗାନ୍ଧୀଙ୍କୁ ୪୭% ବିହାରବାସୀ ପସନ୍ଦ କରୁଥିବା ବେଳେ ମୋଦୀଙ୍କୁ ୩୯% ଲୋକଙ୍କ ସମର୍ଥନ ରହିଛି। ନୀତୀଶ କୁମାର, ତେଜସ୍ୱୀ ଯାଦବଙ୍କ ସମେତ ଅନ୍ୟ ନେତାମାନଙ୍କୁ ୧୪% ଜନସମର୍ଥନ ରହିଛି। ସେହିପରି ତେଜସ୍ୱୀ ଏଥର ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ଭାବେ ଉଭା ହୋଇଛନ୍ତି। ବିହାରରେ ଇଣ୍ଡିଆ ମେଣ୍ଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚେହେରା ହେଉଛନ୍ତି ଆରଜେଡି ନେତା ତେଜସ୍ୱୀ ଯାଦବ।

ବିହାରରେ ମୋଟ ୨୪୩ ବିଧାନସଭା ଆସନ ଅଛି ଏବଂ ବହୁମତ ପାଇଁ ୧୨୨ ଆସନ ଆବଶ୍ୟକ। ଯଦି ସର୍ଭେକୁ ବିଶ୍ୱାସ କରାଯାଏ, ତେବେ ଏଥର ଇଣ୍ଡିଆ ମେଣ୍ଟ ସରକାର ଗଠନ କରିବା ସମ୍ଭାବନା ଅଧିକ। ପ୍ରକାଶ, ପୋଲ ଟ୍ରାକର ବିହାର ବିଧାନସଭା ପରିପ୍ରେକ୍ଷୀରେ ଇତି ମଧ୍ୟରେ ଦୁଇ ଦୁଇଥର ସର୍ଭେ କରିସାରିଛି। ଦୁଇଥର ଯାକ ଇଣ୍ଡିଆ ମେଣ୍ଟ ବହୁମତ ପାଇବ ବୋଲି ଫଳାଫଳ ସାମ୍ନାକୁ ଆସିଛି।

# କଂଗ୍ରେସର ପ୍ରଶ୍ନବାଣରେ କେନ୍ଦ୍ର ଘାଇଲା



### ଅପରେସନ୍ ସିନ୍ଦୂର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ୪ ପ୍ରଶ୍ନ

### ମନରେଗା ଯୋଜନାରେ ୬୦% ଖର୍ଚ୍ଚ ସୀମା କାହିଁକି ?

### ମଣିପୁର, କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା ଦାବି ଭିତ୍ତିହୀନ ନୁହେଁ କି ?

**ନୂଆଦିଲ୍ଲୀ, ୧୧।୬/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିରୋଧୀ କଂଗ୍ରେସ ଅତ୍ୟନ୍ତ ଶାଣିତ ସ୍ୱରରେ ପ୍ରଶ୍ନ କରିବା ଆରମ୍ଭ କରିଛି। ଦିନକ ପୂର୍ବେ ପ୍ରଧାନମନ୍ତ୍ରୀ ମୋଦୀ ବିଦେଶ ଗସ୍ତରେ ଯାଇଥିବା ୭ ପ୍ରତିନିଧିସ୍ତରୀୟ ୫୦ଜଣିଆ ପ୍ରତିନିଧି ଦଳର ସମସ୍ତ ସଦସ୍ୟଙ୍କୁ ଭେଟିବାର କିଛି ଘଣ୍ଟା ମଧ୍ୟରେ କଂଗ୍ରେସ ପ୍ରଶ୍ନ କରିବା ଆରମ୍ଭ କରିଛି। ରିପୋର୍ଟ ଅନୁସାରେ କଂଗ୍ରେସ ମହାସଚିବ ଜୟରାମ ରମେଶ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟତଃ ୪ଟି ପ୍ରଶ୍ନ କରିଛି। ପ୍ରଥମ ପ୍ରଶ୍ନ ହେଉଛି ପ୍ରଧାନମନ୍ତ୍ରୀ କେବେ ସର୍ବଦଳୀୟ ବୈଠକର ଅଧ୍ୟକ୍ଷତା କରିବେ ? ସେ ଦଳର ସାଂସଦମାନଙ୍କୁ ନୁହେଁ ବରଂ ନେତାମାନଙ୍କୁ କେବେ ଭେଟିବେ ? ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା ଚ୍ୟାଲେଞ୍ଜ ଉପରେ ସେ ଏହି ନେତାମାନଙ୍କୁ କେବେ ବିଶ୍ୱାସକୁ ନେବେ ? ଦ୍ୱିତୀୟ ପ୍ରଶ୍ନ ହେଉଛି କାର୍ଗିଲ ଯୁଦ୍ଧ ପରେ ଏକ କାର୍ଗିଲ ସମୀକ୍ଷା କମିଟି ଗଠନ କରାଯାଇଥିଲା। ଅପରେସନ୍ ସିନ୍ଦୂର ପରେ ସେପରି କିଛି ସମୀକ୍ଷା କମିଟି ଗଠନ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଯୋଜନା ଅଛି କି ? ତୃତୀୟ ପ୍ରଶ୍ନ ହେଉଛି ପ୍ରଧାନମନ୍ତ୍ରୀ କ'ଣ ମୌସୁମୀ ଅଧିବେଶନରେ ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା ଚ୍ୟାଲେଞ୍ଜ, ଚୀନ୍, ପାକିସ୍ତାନରୁ ଚ୍ୟାଲେଞ୍ଜ), ନୂତନ ପ୍ରଯୁକ୍ତିବିଦ୍ୟା ଚ୍ୟାଲେଞ୍ଜ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ବାରମ୍ବାର ଦାବି କରାଯାଇଥିବା ଚ୍ୟାଲେଞ୍ଜ ଉପରେ ପୂର୍ଣ୍ଣ ୨ ଦିନିଆ ଆଲୋଚନା ପାଇଁ ଅନୁମତି ଦେବେ ? ଚତୁର୍ଥ ଏବଂ ଅନ୍ତିମ ପ୍ରଶ୍ନ ହେଉଛି, ପହଲଗାମ ଆତଙ୍କବାଦୀ ଆକ୍ରମଣ କରିଥିବା ଆତଙ୍କବାଦୀମାନେ ଏପର୍ଯ୍ୟନ୍ତ ଫେରାର ଅଛନ୍ତି। ମୃତକଙ୍କ ପରିବାରଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିପାରିନାହିଁ। ଏହା ଉପରେ ସରକାରଙ୍କ କ'ଣ ଯୋଜନା ରହିଛି ?

ଏହି ଅବସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ମନରେଗା) ଯୋଜନା ସମ୍ପର୍କରେ କେନ୍ଦ୍ର ସରକାର ନେଇଥିବା ନୂଆ ନିଷ୍ପତ୍ତି ପ୍ରସଙ୍ଗରେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ୍ କରିଛନ୍ତି ଜୟରାମ। ଜୟରାମ କହିଛନ୍ତି, କେନ୍ଦ୍ର ସରକାର ମାତ୍ର ୩ଟି ସହଜ ପଦକ୍ଷେପରେ ହିଁ ମନରେଗାକୁ ଶେଷ କରିଦେବାକୁ ଚାହୁଁଛନ୍ତି। ପ୍ରଥମ ପର୍ଯ୍ୟାୟ ହେଉଛି, ଏକ ଦଶନ୍ଧି ଧରି ମନରେଗାକୁ ପର୍ଯ୍ୟାପ୍ତ ପାଣ୍ଠି ଦିଆଯାଇନାହିଁ। ଯେଉଁକାରଣରୁ ମଜୁରୀ ହାର ସ୍ଥିର ରହିଛି ଏବଂ ବିଚାରାଧୀନ ଦେୟର ପରିମାଣ ବୃଦ୍ଧି ପାଉଛି। ଯାହା ଏହି ଆର୍ଥିକ ବର୍ଷର ଆରମ୍ଭରେ ୨୧,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ଦ୍ୱିତୀୟ ପର୍ଯ୍ୟାୟ ହେଉଛି, ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମାସିକ/ତ୍ରୈମାସିକ ବ୍ୟୟ ଯୋଜନା କାର୍ଯ୍ୟକାରୀ କରାଯିବା ଯାହା ଅଧୀନରେ ଆର୍ଥିକ ବର୍ଷର ପ୍ରଥମ ୬ମାସରେ ମନରେଗାର ମୋଟ୍ ବଜେଟର କେବଳ ୬୦% ଖର୍ଚ୍ଚ କରିବାର ସୀମା ସ୍ଥିର କରାଯାଇଛି। ଏବଂ ଅନ୍ତିମ ଅର୍ଥାତ୍ ତୃତୀୟ ପର୍ଯ୍ୟାୟ ହେଉଛି ଯେତେବେଳେ ବଜେଟ୍‌ରେ ପେମେଣ୍ଟ ସମାଧାନ କରିବା ପରେ କୌଣସି ସୁବିଧା ସୁଯୋଗ ରହୁନାହିଁ ସେତେବେଳେ ମନରେଗା ହିତାଧିକାରୀଙ୍କୁ କାମ ଦେବା ପ୍ରାୟ ବନ୍ଦ କରିଦିଅ ଅର୍ଥାତ୍ ମନରେଗା ଯୋଜନାକୁ ହିଁ ବନ୍ଦ କରିଦିଅ। ରମେଶ କହିଛନ୍ତି ଯେ ପ୍ରଥମ ଏବଂ ଦ୍ୱିତୀୟ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି। ଖୁବଶୀଘ୍ର ତୃତୀୟ ପଦକ୍ଷେପ ମଧ୍ୟ ସରକାର ନେବେ। ସରକାର ମନରେଗା ଖର୍ଚ୍ଚ ସୀମା ୬୦%ରେ ସୀମିତ କରିବା ବଦଳରେ ମନରେଗା ମଜୁରୀ ଦୈନିକ ୪୦୦ ଟଙ୍କାକୁ ବୃଦ୍ଧି କରିବା ଉପରେ ବିଚାର କରିବା ଉଚିତ୍। ଆଧାର ଆଧାରିତ ପେମେଣ୍ଟ ସେତୁ ପ୍ରଣାଳୀ (ଏବିପିଏସ୍) କୁ ବାଧ୍ୟତାମୂଳକ କରାଯିବା ଉଚିତ୍ ନୁହେଁ। ୧୫ ଦିନର ବୈଧାନିକ ଅବଧି ମଧ୍ୟରେ ମଜୁରୀ ପ୍ରଦାନ କରାଯିବା ଉଚିତ ଏବଂ ଦେୟରେ ଯେକୌଣସି ବିଳମ୍ବକୁ କ୍ଷତିପୂରଣ ଦିଆଯିବା ଉଚିତ୍।

ଏତଦ୍‌ବ୍ୟତୀତ ଜୟରାମ କାଶ୍ମୀର-ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଦାବିକୁ ମଧ୍ୟ ଭିତ୍ତିହୀନ ବୋଲି ଅଭିହିତ କରିଛନ୍ତି। ଏପ୍ରକାର ଦାବି ପ୍ରକୃତରେ କେନ୍ଦ୍ର ସରକାରଙ୍କ ବଡ଼ ବିଫଳତାରୁ ଧ୍ୟାନ ହଟାଇବା ପାଇଁ କରାଯାଇଛି। ଜୟରାମଙ୍କ କହିବାନୁସାରେ ମଣିପୁର ଏବେ ବି ଜଳୁଛି। ଏଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଧିକ ଖରାପ ରହିଛି। ରାଜ୍ୟରେ ରାଷ୍ଟ୍ରପତି ଶାସନ ସମ୍ପୂର୍ଣ୍ଣ ବିଫଳ ପ୍ରମାଣିତ ହୋଇଛି। ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଏବଂ ଜୀବିକାର ଦୁଃଖ ସେମାନଙ୍କ ମଧ୍ୟରେ ଯନ୍ତ୍ରଣା, ହତାଶା ଏବଂ କ୍ରୋଧ ସୃଷ୍ଟି କରିଛି। ଯାହା ସବୁଠି ଅନୁଭବ କରାଯାଇପାରିବ। କିନ୍ତୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାନ୍ତି ପ୍ରତିଷ୍ଠା କରିବା ନେଇ କେବଳ ମିଥ୍ୟା ଆଶ୍ୱାସନା ଦେଉଛନ୍ତି।

### ଫରିଦାବାଦରେ ଲୋମହର୍ଷଣକାରୀ ଘଟଣା

# ୪ ପିଲାଙ୍କୁ ଧରି ଟ୍ରେନ୍ ଆଗକୁ ଡେଇଁପଡ଼ିଲା ବାପା

**ଫରିଦାବାଦ୍, ୧୧।୬/ଏଜେନ୍ସି:** ଫରିଦାବାଦରେ ଘଟିଥିବା ଏକ ଅତ୍ୟନ୍ତ ଦୁଃଖଦ ତଥା ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ନିଜର ୪ ପୁଅ (୧୦ବର୍ଷ, ୯ ବର୍ଷ, ୫ ବର୍ଷ ଏବଂ ୩ ବର୍ଷ)ଙ୍କୁ ସାଙ୍ଗରେ ଧରି ଏକ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁପଡିଛନ୍ତି। ଏହି ଘଟଣାକୁ ନେଇ କେବଳ ଫରିଦାବାଦ୍ ନୁହେଁ ବରଂ ପୁରା ହରିଆଣା, ଦିଲ୍ଲୀ ଏବଂ ବିହାର ଆଦି ରାଜ୍ୟର ଲୋକେ ମଧ୍ୟ ଗଭୀର ମାନସିକ ଅବସାଦଗ୍ରସ୍ତ ହୋଇପଡିଛନ୍ତି। ରିପୋର୍ଟ ଅନୁସାରେ ମନୋଜ ମହତୋ (ବିହାରର ତାରାତର ବାହାରିୟା ଗ୍ରାମର ସ୍ଥାୟୀ ନିବାସୀ) ନିଜ ପତ୍ନୀ ଏବଂ ୪ ପୁଅଙ୍କ ସହ ଫରିଦାବାଦ୍‌ରେ ଏକ ଭଡାଘରେ ରହୁଥିଲେ। ଏହି ଅଞ୍ଚଳରେ ମନୋଜ ଦିନ ମଜୁରିଆ ଭାବେ କାମ କରନ୍ତି। ତେବେ ବେଶ୍ କିଛି ଦିନ ଧରି ନିଜ ପତ୍ନୀଙ୍କ ଚରିତ୍ର ଉପରେ ସନ୍ଦେହ କରୁଥିଲେ ମନୋଜ। ଏହାକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡା ମଧ୍ୟ ହେଉଥିଲା। ତେବେ ମଙ୍ଗଳବାର ଅପରାହ୍ନରେ ମନୋଜ ନିଜର ୪ ପିଲାଙ୍କୁ ପାର୍କ ନେଇଯିବା ବାହାନାରେ କିଛି



ଦୂରରେ ଥିବା ଏଲସନ୍ ଚୌକ୍ ଫ୍ଲାଏଓଭର ତଳ ଟ୍ରେନ୍ ଟ୍ରାକ୍ ନିକଟକୁ ଚାଲିଯାଇଥିଲେ। ସେଠାରେ ପିଲାମାନେ ଚିପ୍ସ ଏବଂ କୋଲ୍ଡ ଡ୍ରିଙ୍କ୍‌ସ ମାଗିବାରୁ ସେସବୁକୁ ମନୋଜ କିଣି ପିଲାଙ୍କୁ ଦେଇଥିଲେ ଏବଂ ଅପେକ୍ଷା କରିଥିଲେ ଟ୍ରେନ୍ ଆସିବା ପର୍ଯ୍ୟନ୍ତ। ଟ୍ରେନ୍ ଆସୁଥିବା ଜାଣି ସେ ପିଲାମାନଙ୍କୁ ଟ୍ରେନ୍ ଟ୍ରାକ୍‌କୁ ନେଇଯାଇଥିଲେ ଏବଂ ଚାଲିବା ଆରମ୍ଭ କରିଥିଲେ। ଯେତେବେଳେ ଏକ ଦ୍ରୁତଗାମୀ ଟ୍ରେନ୍ ସେମାନଙ୍କ ନିକଟତର ହୋଇଥିଲା ସେତେବେଳେ ପିଲାମାନେ ଭୟଭୀତ ହୋଇ ପଳାଇଯିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ମନୋଜ ସେମାନଙ୍କୁ ଜାବୁଡି ଧରିଥିଲେ ଏବଂ ଛାଡିନଥିଲେ। ଅନ୍ୟପକ୍ଷେ ଟ୍ରେନ୍ ଚାଳକ ଲୋକୋ ପାଇଲଟ୍ ସେମାନଙ୍କୁ ଦେଖି ସାଇରନ୍ ବଜାଇଥିଲେ ମଧ୍ୟ ମନୋଜ ହଟିନଥିଲେ। ଟ୍ରେନ୍ ମନୋଜ ଏବଂ ୪ କୋମଳ ଶିଶୁଙ୍କ ଉପରେ ମାଡ଼ିଯାଇଥିଲା। ତେବେ ମନୋଜ ନିଜ ପକେଟରେ ରଖିଥିବା ନିଜ ଆଧାର କାର୍ଡରୁ ପୁଲିସ୍ ମୃତକଙ୍କୁ ଚିହ୍ନଟ କରିଥିଲା। ସେହିପରି ମନୋଜ ନିଜ ପାଖରେ ରଖିଥିବା ଏକ ସ୍ଲିପ୍ (ମୋବାଇଲ୍ ନଂ ଲେଖାଥିଲା)ରୁ ପୁଲିସ୍ ମନୋଜଙ୍କ ପତ୍ନୀଙ୍କୁ ଏସମ୍ପର୍କରେ ଜଣାଇଥିଲା।



### ଆକାଶରେ 'ଷ୍ଟ୍ରବେରୀ ମୁନ୍'

# ମହାଜାଗତିକ ଦୃଶ୍ୟ ଦେଖିଲେ ବିଶ୍ୱବାସୀ

**ନୂଆଦିଲ୍ଲୀ,୧୧।୬/ଏଜେନ୍ସି:** ଭାରତ ସମେତ ବିଶ୍ୱର ବିଭିନ୍ନ ଅନେକ ଦେଶରେ ବୁଧବାର 'ଷ୍ଟ୍ରବେରୀ ମୁନ୍' ଭଳି ଏକ ବିରଳ ମହାଜାଗତିକ ଦୃଶ୍ୟ ଦେଖିବାକୁ ମିଳିଛି। ଭାରତର ଦକ୍ଷିଣ-ପୂର୍ବ ରାଜ୍ୟଗୁଡ଼ିକରେ ଅର୍ଥାତ୍ ଦିଲ୍ଲୀ, ମୁମ୍ବାଇ, କୋଲକାତା ଏବଂ ବେଙ୍ଗାଲୁରୁ ଭଳି ସହରରେ ମଧ୍ୟ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ୧୮ ବର୍ଷରେ ଥରେ ମହାକାଶରେ ଏହି ମହାଜାଗତିକ ଦୃଶ୍ୟକୁ ଦେଖିବାକୁ ମିଳୁଥିବାରୁ ଏହାକୁ ବିରଳ ଭାବେ ଆଖ୍ୟାୟିତ କରାଯାଇଥାଏ। ପୁନଶ୍ଚ ୨୦୪୩ରେ ଦୃଶ୍ୟମାନ ହେବ।

ପୂର୍ଣ୍ଣମୀ ଜହ୍ନର ଏପ୍ରକାର ପରିବର୍ତ୍ତିତ ରଙ୍ଗ ଭୌତିକ କାରଣଜନିତ ହୋଇଥିବା ବେଳେ ଏହାର ଏପ୍ରକାର ନାମକରଣ କିନ୍ତୁ ଆମେରିକୀୟ ଆଦିବାସୀ ପରମ୍ପରା ସହିତ ଜଡ଼ିତ। ସେଠାରେ ଜୁନ୍ ମାସରେ ପୂର୍ଣ୍ଣିମା ପରେ ଷ୍ଟ୍ର-ବେରୀ ଅମଳ ଆରମ୍ଭ ହେଉଥିଲା। ସେଥିପାଇଁ ଏହି ଦିନ ଆସୁଥିବା ଜହ୍ନର ରଙ୍ଗ ଦେଖି ତାହାର ନାମକରଣ ଏପ୍ରକାର କରାଯାଇଛି। କେବଳ ସେତିକି ନୁହେଁ ଏଥରର ଷ୍ଟ୍ରବେରୀ ମୁନ୍ କେବଳ ଏହାର ନାମ କିମ୍ବା ରଙ୍ଗ ପାଇଁ ନୁହେଁ, ବରଂ ଏହାର ଆକାର ପାଇଁ ମଧ୍ୟ ସ୍ୱତନ୍ତ୍ର। ଏହି ବର୍ଷ ଚନ୍ଦ୍ର ପୃଥିବୀଠୁ ସବୁଠାରୁ ଦୂରରେ ରହିବ, ଯାହା ଯୋଗୁଁ ଏହା ସାଧାରଣ ଅପେକ୍ଷା ଛୋଟ ଏବଂ ନିମ୍ନ ଦେଖାଯିବ। ଏହାକୁ 'ମାଇକ୍ରୋ ମୁନ୍' ମଧ୍ୟ କୁହାଯାଇଥାଏ।

# ତତ୍କାଳ ଟିକେଟ୍ ପାଇଁ ନୂଆ ନିୟମ: ଜୁଲାଇରୁ ଆଧାର ଓଟିପି ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୧୧।୬/ଏଜେନ୍ସି:** ବଦଳିଲା ତତ୍କାଳ ଟିକେଟ୍ ନିୟମ। ଜୁଲାଇ ୧ରୁ ଲାଗୁ ହେବ ଏହି ନୂଆ ନିୟମ। ଏଣିକି କେବଳ ଆଧାର ଥିବା ବ୍ୟବହାରକାରୀ ଜୁଲାଇ ୧ରୁ ଆଇଆରସିଟିସି ୱେବସାଇଟ୍ ଏବଂ ଆପ୍‌ରେ ତତ୍କାଳ ଟିକେଟ୍ ବୁକିଂ କରିପାରିବେ। ଏହାର ଅର୍ଥ ତତ୍କାଳ ଟିକଟ ବୁକିଂ ପାଇଁ ଆଧାର ଓଟିପିକୁ ବାଧ୍ୟତାମୂଳକ କରାଯାଇଛି। ନୂଆ ନିୟମ ନେଇ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଶ୍ରୀ ବୈଷ୍ଣବ କହିଛନ୍ତି, ତତ୍କାଳ ଟିକେଟିଂ ବ୍ୟବସ୍ଥାକୁ ସୁଲଭ ଏବଂ ସ୍ୱଚ୍ଛ କରିବା ଏବଂ ପ୍ରକୃତ ଯାତ୍ରୀଙ୍କ ସ୍ୱାର୍ଥର ସୁରକ୍ଷା ଉଦ୍ଦେଶ୍ୟରେ ଭାରତୀୟ ରେଳବାଇ ତତ୍କାଳ ଟିକେଟ୍ ବୁକିଂ ବ୍ୟବସ୍ଥାରେ ପ୍ରମୁଖ ପରିବର୍ତ୍ତନ ଘୋଷଣା କରିଛି। ଏହି ପରିବର୍ତ୍ତନଗୁଡ଼ିକ ବ୍ୟବହାରକାରୀଙ୍କ ପ୍ରାମାଣିକତାକୁ ବୃଦ୍ଧି ଏବଂ ଯୋଜନାର ଅପବ୍ୟବହାରକୁ ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ।

ପିଆରଏସ୍ କାଉଣ୍ଟରରେ ଏବଂ ପ୍ରାଧିକୃତ ଏଜେଣ୍ଟମାନଙ୍କ ମାଧ୍ୟମରେ ବୁକ୍ କରାଯାଇଥିବା ତତ୍କାଳ ଟିକେଟ୍ ବୁକିଂ ସମୟରେ ବ୍ୟବହାରକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୋବାଇଲ୍ ନମ୍ବରକୁ ପଠାଯାଇଥିବା ଓଟିପି ଆବଶ୍ୟକ। ଏହି ବ୍ୟବସ୍ଥା ମଧ୍ୟ ୧୫ ଜୁଲାଇ ୨୦୨୫ରୁ କାର୍ଯ୍ୟକାରୀ ହେବ। ଏସି ପାଇଁ ଏହି ନିୟମ ପୂର୍ବାହ୍ନ ୧୦.୦୦ ରୁ ୧୦.୩୦ ପର୍ଯ୍ୟନ୍ତ ଏବଂ ନନଏସି ପାଇଁ ପୂର୍ବାହ୍ନ ୧୧.୦୦ ରୁ ୧୧.୩୦ ଯାଏଁ ଉଦ୍ଦିଷ୍ଟ ରହିବ। ସେହିପରି ଅନ୍ୟ ଏକ ରିପୋର୍ଟ ଅନୁସାରେ ଏଣିକି ଆଉ ୪ ଘଣ୍ଟା ନୁହଁ, ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭର ୨୪ ଘଣ୍ଟା ପୂର୍ବରୁ ସିଟ୍ କନଫର୍ମେସନର ଅପଡେଟ୍ ମିଳିଯିବ। ଏଭଳି ଏକ ଯୋଜନା ଉପରେ ଭାରତୀୟ ରେଳ ଏବେ କାମ କରୁଛି। ତେବେ ଏହାକୁ ଏକ ପାଇଲଟ୍ ପ୍ରୋଜେକ୍ଟ ଭାବେ ରାଜସ୍ଥାନର ବିକାନିର ଡିଭିଜନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଲାଗୁ କରାଯିବ।

# ୬୪୦୫ କୋଟିର ୨ମଲ୍ଟି ଟ୍ରାକିଂ ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

### ବର୍ତ୍ତମାନର ନେଟୱାର୍କରେ ଯୋଡିହେବ ଅତିରିକ୍ତ ୩୧୮ କିଲୋମିଟର

### ସୃଷ୍ଟିହେବ ୧୦୮ ଲକ୍ଷ ମାନବ ଦିବସ ବିଶିଷ୍ଟ ପ୍ରତ୍ୟକ୍ଷ ନିଯୁକ୍ତି



**ନୂଆଦିଲ୍ଲୀ, ୧୧।୬/ଏଜେନ୍ସି:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ରେଳ ମନ୍ତ୍ରଣାଳୟର ମୋଟ ୬୪୦୫ କୋଟି ଟଙ୍କା ମୂଲ୍ୟର ଦୁଇଟି ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ଦୁଇ ପ୍ରକଳ୍ପଗୁଡ଼ିକ ହେଲା କୋଡରମା-ବାରକାକାନା ଦୋହରୀକରଣ (୧୩୩ କିଲୋମିଟର) ପ୍ରକଳ୍ପ, ବଲ୍ଲାରୀ-ଚିକଜାଜୁର ଦୋହରୀକରଣ (୧୮୫ କିଲୋମିଟର) ପ୍ରକଳ୍ପ। କୋଡରମା-ବାରକାକାନା ଦୋହରୀକରଣ (୧୩୩ କିଲୋମିଟର) ପ୍ରକଳ୍ପ ପାଇଁ ୩୦୬୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ବଲ୍ଲାରୀ-ଚିକଜାଜୁର ରେଳ ଲାଇନର ଦୋହରୀକରଣ ପ୍ରକଳ୍ପ ପାଇଁ ମୋଟ୍ ୩୩୪୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

କ୍ୟାବିନେଟ ବୈଠକ ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ୧୩୩ କିଲୋମିଟର କୋଡରମା-ବରକାକାନା ଦୋହରୀକରଣ ପ୍ରକଳ୍ପ ଝାଡ଼ଖଣ୍ଡର ୪ ଜିଲ୍ଲା କୋଡରମା, ଚତରା ହଜାରିବାଗ ଏବଂ ରାମଗଡ଼ର ୯୩୮ଟି ଗ୍ରାମ ଏବଂ ୧୫ ଲକ୍ଷ ଜନସଂଖ୍ୟାକୁ ଉନ୍ନତ ସଂଯୋଗ ପ୍ରଦାନ କରିବ। ଏଥିସହ ଏହା ଝାଡ଼ଖଣ୍ଡର ଏକ ପ୍ରମୁଖ କୋଇଲା ଉତ୍ପାଦନ ଅଞ୍ଚଳ ଦେଇ ଯିବ। ଏଥିସହ ଏହି ପ୍ରକଳ୍ପ ପାଟନା ଏବଂ ରାଞ୍ଚି ମଧ୍ୟରେ ସବୁଠାରୁ କ୍ଷୁଦ୍ର ଏବଂ ଅଧିକ ଦକ୍ଷ ରେଳ ସଂଯୋଗ ଭାବେ ମଧ୍ୟ କାର୍ଯ୍ୟ କରିବ। ସେହିପରି ବଲ୍ଲାରୀ-ଚିକଜାଜୁର ଦୋହରୀକରଣ (୧୮୫ କିଲୋମିଟର) ପ୍ରକଳ୍ପ ଅନ୍ତର୍ଗତ ବିଛାଯିବାକୁ ଥିବା ରେଳଲାଇନ୍ ମାଙ୍ଗାଲୋର ବନ୍ଦରକୁ ସିକନ୍ଦରାବାଦ ସହିତ ସଂଯୋଗ କରିବ। ଏହି ପ୍ରକଳ୍ପ ଲାଇନ କର୍ଣ୍ଣାଟକର ବଲ୍ଲାରୀ ଏବଂ ଚିତ୍ରଦୁର୍ଗ ଜିଲ୍ଲା ଓ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲା ଦେଇ ଯିବ। ଏହି ପ୍ରକଳ୍ପ ଲୁହା, କୋଇଲା, ଇସ୍ପାତ ଏବଂ ସାରର ପରିବହନକୁ ପୂରଣ କରିବ। ତେବେ ଏସବୁ ବର୍ଦ୍ଧିତ ଲାଇନ କ୍ଷମତା ଗତିଶୀଳତାକୁ ଯଥେଷ୍ଟ ବୃଦ୍ଧି କରିବ, ଯାହା ଫଳରେ ଭାରତୀୟ ରେଳବାଇର କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବା ନିର୍ଭରଯୋଗ୍ୟତାରେ ଉନ୍ନତି ଆସିବ। ଏହି ମଲ୍ଟି-ଟ୍ରାକିଂ ପ୍ରସ୍ତାବଗୁଡ଼ିକ ରେଳ ପରିଚାଳନାକୁ ସୁଗମ କରିବ ଏବଂ ଭିଡ଼ ହ୍ରାସ କରିବ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନୂଆ ଭାରତର ଦୃଷ୍ଟିକୋଣ ସହିତ ସମାନ, ଯାହା ଏସବୁ ଅଂଚଳରେ କ୍ଷେତ୍ରରେ ବ୍ୟାପକ ବିକାଶ ମାଧ୍ୟମରେ ଲୋକଙ୍କୁ 'ଆତ୍ମନିର୍ଭର' କରିବ, ଏହାଦ୍ୱାରା ସେମାନଙ୍କ ପାଇଁ ନିଯୁକ୍ତି/ଆତ୍ମନିଯୁକ୍ତି ସୁଯୋଗ ବୃଦ୍ଧି କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ସମୟରେ ପ୍ରାୟ ୧୦୮ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟେକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ କହିବାନୁସାରେ ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ-ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ବହୁ-ମୋଡାଲ ସଂଯୋଗୀକରଣର ଫଳାଫଳ, ଯାହା ସମନ୍ୱିତ ଯୋଜନା ମାଧ୍ୟମରେ ସମ୍ଭବ ହୋଇଛି ଏବଂ ଏହା ସାଧାରଣ ଲୋକ, ମାଲ୍ ଏବଂ ସେବାର ପରିବହନ ପାଇଁ ସୁଗମ ସଂଯୋଗୀକରଣ ପ୍ରଦାନ କରିବ। ଝାଡ଼ଖଣ୍ଡ, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶର ୭ଟି ଜିଲ୍ଲାକୁ କଭର କରୁଥିବା ଏହି ଦୁଇଟି ପ୍ରକଳ୍ପ ଭାରତୀୟ ରେଳବାଇର ବିଦ୍ୟମାନ ନେଟୱାର୍କରେ ପ୍ରାୟ ୩୧୮ କିଲୋମିଟର ଯୋଡିବ। ଏସବୁ ଅନୁମୋଦିତ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ପ୍ରାୟ ୨୮.୧୯ ଲକ୍ଷ ଜନସଂଖ୍ୟା ଥିବା ମୋଟ ୧୪୦୮ଟି ଗ୍ରାମକୁ ସଂଯୋଗୀକରଣ ବୃଦ୍ଧି କରିବ। ଏସବୁ ରେଳପଥ କୋଇଲା, ଲୁହାପଥର, ବିଶୋଧିତ ଇସ୍ପାତ, ସିମେଣ୍ଟ, ସାର, କୃଷି ସାମଗ୍ରୀ ଏବଂ ପେଟ୍ରୋଲିୟମ ଉତ୍ପାଦ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକୀୟ ମାର୍ଗ। ଏସବୁ କ୍ଷମତା ବୃଦ୍ଧି କାର୍ଯ୍ୟ ଫଳରେ ୪୯ ଏମଟିପିଏ (ପ୍ରତିବର୍ଷ ନିୟୁତ ଟନ୍) ଅତିରିକ୍ତ ମାଲ ପରିବହନ ହେବ। ରେଳବାଇ ଏକ ପରିବେଶ ଅନୁକୂଳ ଏବଂ ଶକ୍ତି ଦକ୍ଷ ପରିବହନ ପଦ୍ଧତି ହୋଇଥିବାରୁ ଏହା ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ, ତୈଳ ଆମଦାନୀ (୫୨ କୋଟି ଲିଟର) ଏବଂ କାର୍ବନ ଡାଇଅକ୍ସାଇଡ ନିର୍ଗମନ (୨୬୪ କୋଟି କିଲୋଗ୍ରାମ) ହ୍ରାସ କରିବ, ଯାହା ପ୍ରାୟ ୧୧ କୋଟି ଗଛ ଲଗାଇବା ସହିତ ସମାନ। କେନ୍ଦ୍ରମନ୍ତ୍ରୀ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ, ନରେନ୍ଦ୍ର ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳରେ ପରିବହନ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ପାଇଁ ୪ ଲକ୍ଷ ୫୮ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ପ୍ରକଳ୍ପ ହାତକୁ ନିଆଯାଇଛି। ସେ କହିଥିଲେ, ପରିବହନ କ୍ଷେତ୍ରରେ ପୁଞ୍ଜି ନିବେଶ କାରଣରୁ ଲଜିଷ୍ଟିକ୍ସ ଖର୍ଚ୍ଚ ୪ ପ୍ରତିଶତ ହ୍ରାସ ପାଇଛି।

# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
12 JUNE 2025
ଗୁରୁବାର
୧୨ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 28 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର







ଭୁବନେଶ୍ୱର-ଆବୁଧାବି

## ସିଧାସଳଖ ବିମାନସେବା

**ଭୁବନେଶ୍ୱର,୧୧।୬/ଏନ୍ଏନ୍ଏସ୍:**

ରାଜଧାନୀ ଭୁବନେଶ୍ୱର ଓ ଆବୁଧାବି ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ ହେବାକୁ ଯାଉଛି । ସପ୍ତାହକୁ ତିନିଦିନ ଅର୍ଥାତ୍ ମଙ୍ଗଳବାର, ଗୁରୁବାର ଓ ଶନିବାର ବିମାନ ଚଳାଚଳ କରିବ । ଗୁରୁବାରଠାରୁ ଇଣ୍ଡିଗୋ ତା'ର ବିମାନ ସେବା ଆରମ୍ଭ କରିବ । ବିଲ୍ଡିଂ ମ୍ୟାନେଜ୍‌ମେଣ୍ଟ ଅଫ୍ ଏଭିଏସନ୍ ଆସେଟ୍ସ ଆଣ୍ଡ୍ ନେଟ୍‌ୱାର୍କ ଅଧୀନରେ ତାହା କାର୍ଯ୍ୟକ୍ଷମ ହେବ । ବିମାନସେବା ଯୋଗୁ ଅନ୍ତର୍ଜାତୀୟ ସଂଯୋଗ ବୃଦ୍ଧିହେବା ସହ ପର୍ଯ୍ୟଟନ ଓ ବାଣିଜ୍ୟ ବ୍ୟବସାୟ ବୃଦ୍ଧି କରିବାରେ ସାହାଯ୍ୟ କରିବ । ଦ୍ୱିତୀୟରେ ସେଠାରେ ବସବାସ କରୁଥିବା ବହୁ ପ୍ରବାସୀ ଓଡ଼ିଆ ଲୋକ ଏହି ବିମାନସେବା ଯୋଗୁ ଉପକୃତ ହେବେ ।

**ସପ୍ତାହକୁ ଚଳାଚଳ କରିବ ତିନି ଦିନ**

## ଏଣିକି ସହଜରେ ବିକ୍ରି ହୋଇପାରିବ ପାର୍ଟ ପ୍ଲଟ୍

**ଭୁବନେଶ୍ୱର,୧୧।୬/ଏନ୍ଏନ୍ଏସ୍:**



ରାଜ୍ୟରେ ଦୀର୍ଘ ଦିନ ହେଲା ପାର୍ଟ ପ୍ଲଟ୍ ବିକ୍ରି ଉପରେ ଲାଗିଥିବା କଟକଣା ହଟିଛି । ପାର୍ଟ ପ୍ଲଟ୍ ବିକ୍ରି ପାଇଁ ବାଟ ଫିଟିଛି । ଖାଲି ପାର୍ଟ ପ୍ଲଟ୍ ନୁହେଁ, ଚାଷ ଜମି ବିକ୍ରି ଉପରୁ ମଧ୍ୟ କଟକଣା ହଟେଇ ଦେଇଛନ୍ତି ସରକାର । ଭାଇ ଭାଇଙ୍କ ଭିତରେ ଜାଗା ବଣ୍ଟାହେଲେ ଆଉ ସବ୍‌ଡିଭିଜନ୍ ଲେ-ଆଉଟ୍ ଦରକାର ପଡ଼ିବ ନାହିଁ । ପୂର୍ବରୁ ଥିବା ବ୍ୟବସ୍ଥାରେ ସଂଶୋଧନ ଆଣି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ସାନି ବିଜ୍ଞପ୍ତି ପ୍ରକାଶ ପାଇଛି । ପାର୍ଟ ▶▶ ୫

ସ୍ନାନବେଦୀରେ ଶ୍ରୀଜିଉ

# ଗଜାନନବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

**ପୁରୀ,୧୧।୬/ଏନ୍ଏନ୍ଏସ୍:**

ପବିତ୍ର ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ସମ୍ପୂର୍ଣ୍ଣ ରୀତିନୀତି ସହକାରେ ପାଳିତ ହୋଇଛି ଶ୍ରୀଜିଉଙ୍କ ସ୍ନାନଯାତ୍ରା । ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହା ଆଦ୍ୟ ଯାତ୍ରା । ଶ୍ରୀଜିଉମାନେ ସୁନାକୂଅରୁ ୧୦୮ ଗରା ସୁବାସିତ ଜଳରେ ଗାଧୋଇଛନ୍ତି । ମନ୍ଦିର ନିକଟ ସୁନାକୂଅକୁ ଯଥାବିଧି ପୂଜାର୍ଚ୍ଚନା ପରେ ସେବାୟତମାନେ ସେଥିରୁ ୧୦୮ ଗରା ଶୀତଳ ଜଳ ବୋହି ଆଣି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପ୍ରତ୍ୟେକ୍ଷ ସ୍ନାନ କରାଇଥିଲେ । ପରେ ଚାରିଠାକୁରଙ୍କ ମନଲୋଭା ହାତୀବେଶ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁମାନେ ଶ୍ରୀଜିଉଙ୍କ ଏହି ଦୁର୍ଲ୍ଲଭବେଶ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଛନ୍ତି ।

ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମା ବା ମହତି ଜ୍ୟେଷ୍ଠା ସ୍ନାନ ଉତ୍ସବ । ବିଶ୍ୱରେ ଏମିତି ଦିଅଁ ଇଏ ଯାହାଙ୍କର ସ୍ନାନକୁ ନେଇ ଯାତ୍ରା । ମହାପ୍ରଭୁ ସବୁଦିନ ସ୍ନାନ କରନ୍ତି ଏବଂ ଆଜି ମଧ୍ୟ ସ୍ନାନ କରିଥିଲେ । ହେଲେ ସବୁଦିନ ଯେଉଁ ସ୍ନାନ କରନ୍ତି ତାଙ୍କ ସମ୍ମୁଖରେ ଦର୍ପଣ ରଖାଯାଏ ଏବଂ ସେଥିରେ ତାଙ୍କ ପ୍ରତିବିମ୍ବ ପଡ଼େ ସେଇ ଦର୍ପଣକୁ ସ୍ନାନ କରାଯାଏ ତାକୁ ବିମ୍ବ ସ୍ନାନ କୁହାଯାଏ । କିନ୍ତୁ ଆଜି ମହାପ୍ରଭୁ ଯେଉଁ ସ୍ନାନ କରିଛନ୍ତି ତାକୁ



ପ୍ରତ୍ୟେକ୍ଷ ସ୍ନାନ କୁହାଯାଏ । ଏହି ଦିବ୍ୟ ମାନବୀୟ ଲୀଳା ଅବଲୋକନ କରିବା ପାଇଁ ଶ୍ରୀକ୍ଷେତ୍ରରେ ସୃଷ୍ଟି ହୋଇଥିଲା ଏକ ଆଧାତ୍ମିକ ପରିବେଶ । ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଲୋକାରଣ୍ୟ ହୋଇଥିଲା ବଡ଼ଦାଣ୍ଡ । ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ମାତ୍ର କିଛି ସମୟର ବିଳମ୍ବରେ ପହଣ୍ଡି ଆରମ୍ଭ ହୋଇଥିଲା ।

ଧାଡ଼ି ପହଣ୍ଡିରେ ଚକ୍ରରାଜ ସୁଦର୍ଶନ, ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ କାଳିଆ ସାଆନ୍ତ ପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ହୋଇ ଆସି ସ୍ନାନମଣ୍ଡପରେ ଅଧିଷ୍ଠିତ ହୋଇଥିଲେ । ମହାପ୍ରଭୁଙ୍କ ପହଣ୍ଡି ବେଳେ ଦେଖିବାକୁ ମିଳିଥିଲା ଅଲୌକିକ ଘଟଣା । ପହଣ୍ଡି ସମୟରେ ପ୍ରବଳ ଖରା ଥିବାବେଳେ ସ୍ନାନବେଦୀରେ ବିରାଜମାନ କରିବା ପରେ ଘୋଟି ଆସିଥିଲା ମେଘ ମଣ୍ଡଳ । ସିଂହାସନରେ ମହାପ୍ରଭୁ ବସିଥିବା ବେଳେ ହୋଇଥିଲା ବର୍ଷା । ଭକ୍ତ ଅନୁଭବ କରିଥିଲେ ଖରା ବର୍ଷାର ଲୁଚକାଳି ଖେଳ । ସତେ ଯେମିତି ଦେବଲୋକରୁ ଦେବରାଜ ଇନ୍ଦ୍ର ବି ମହାପ୍ରଭୁଙ୍କ ସ୍ନାନଲୀଳାରେ ଜଳସେବା କରିଥିଲେ । ▶▶ ୫

### ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କଲେ

ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ସକାଳୁ ସକାଳୁ ଶ୍ରୀମନ୍ଦିର ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜଗନ୍ନାଥ ମହାପ୍ରଭୁଙ୍କ ପହଣ୍ଡି ଦେଖିବା ସହ ମଙ୍ଗଳ ଆଳତି ଦର୍ଶନ କରିଥିଲେ । ସେବକଙ୍କ ନୀତିକାନ୍ତି ସମୟରେ ଉପସ୍ଥିତ ରହି ସମନ୍ୱୟ ଓ ନୀତି ତ୍ୱରାନ୍ୱିତ କରାଇବାରେ ନେଇଥିଲେ ପ୍ରମୁଖ ଭୂମିକା । ଆଗାମୀ ରଥଯାତ୍ରାରେ ସେବକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଅଘଟଣ ଏଡ଼ାଇବାକୁ ମଧ୍ୟ ପରାମର୍ଶ ଦେଇଥିଲେ । ଅନ୍ୟପଟେ ଖୁବ୍‌ଶୀଘ୍ର ଛତିଶା ନିଯୋଗକୁ ନେଇ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଏକ ବୈଠକ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେପଟେ ରଥଖଳା ଯାଇ ରଥ ନିର୍ମାଣ ସମୀକ୍ଷା କରିବା ସହ ରଥ ନିର୍ମାଣ ସେବକଙ୍କ ପାଉଣା ବୃଦ୍ଧି ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ଦର୍ଶନ ସାରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଆଜି ହେଉଛି ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା । ପହଣ୍ଡି ବିଜେ ଏବଂ ମଙ୍ଗଳ ଆରତୀ



ସମାରୋହ ପରେ, ମୁଁ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାର ମହାନ ସୌଭାଗ୍ୟ ପାଇଲି । ସମସ୍ତଙ୍କ କଲ୍ୟାଣର ଭାବନା ସହିତ, ରଥଯାତ୍ରା ମଧ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ରଥଯାତ୍ରା ସମୟରେ ଅନେକ ଭକ୍ତ ଆଶୀର୍ବାଦ ନେବାକୁ ଆସିବେ, ଏବଂ ମୁଁ ଓଡ଼ିଶାବାସୀଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରୁଛି । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ସ୍ନାନଯାତ୍ରା ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ ଏକ୍ସରେ ଲେଖିଥିଲେ, ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳମୟ ଜୀବନ ପାଇଁ ପ୍ରାର୍ଥନା କରୁଛି ।

# ଥମୁନି ଝାଡ଼ାବାନ୍ତି ୫୦୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

### ସ୍ଥିତି ଅନୁଧ୍ୟାନ କଲା ଡାକ୍ତରୀ ଟିମ୍



**ଯାଜପୁର,ରସୁଲପୁର,ଧର୍ମଶାଳା,୧୧।୬/ଏନ୍ଏନ୍ଏସ୍ :**

ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗତ ଦୁଇଦିନ ହେଲା ଝାଡ଼ାବାନ୍ତି ବ୍ୟାପୀ ୫୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ସମ୍ପ୍ରତି ଏହିସ୍ଥିତି ଥମୁନଥିବା ବେଳେ କେବଳ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରେ ୧୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଛନ୍ତି । ଗତକାଲିଠାରୁ ଆଜି ମଧ୍ୟରେ ଏଠାରେ ୧୫୧ ଜଣ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ଅଧିକାଂଶ ସୁସ୍ଥହୋଇ ଘରକୁ ଫେରିଯାଇଛନ୍ତି । ବୁଧବାର ଧର୍ମଶାଳା ଡାକ୍ତରଖାନାକୁ ୫୮ ଆକ୍ରାନ୍ତ ଚିକିତ୍ସା ପାଇଁ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଧର୍ମଶାଳା ବ୍ଲକ୍ ମହିଶରା ଓ ପାଖର ପଞ୍ଚାୟତର ବୋଲି ଜଣାପଡ଼ିଛି । ଏମାନଙ୍କ ମଧ୍ୟରୁ ୨୪ଜଣ ସୁସ୍ଥହୋଇ ଘରକୁ ଫେରିଯାଇଥିବା ବେଳେ ଏବେ ଡାକ୍ତରଖାନାରେ ୩୪ ଜଣ ଚିକିତ୍ସାଧୀନ ଅଛନ୍ତି । ତେବେ ଝାଡ଼ାବାନ୍ତି ବ୍ୟାପିବାର କାରଣ ଓ ପ୍ରତିକାର ଖୋଜିବା ଲାଗି ରାଜ୍ୟ ମେଡିକାଲ୍ ବିଭାଗ ପକ୍ଷରୁ ୨ଜଣିଆ ଡାକ୍ତରୀ ଟିମ୍ ▶▶ ୫

### ରାପିଡ୍ ଆକ୍ସନ୍ ଟିମ୍ ମୁତୟନ

**ଭୁବନେଶ୍ୱର,୧୧।୬/ଏନ୍ଏନ୍ଏସ୍:**

ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ରୋଗର ଚିକିତ୍ସା ଓ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କ୍ଷେତ୍ରସ୍ତରୀୟ କାର୍ଯ୍ୟ ଆରମ୍ଭ କରାଯାଇଛି । ପ୍ରଭାବିତ ଧର୍ମଶାଳା, ବ୍ୟାସନଗର ପୌରାଞ୍ଚଳ, ଦାନଗଦି, ରସୁଲପୁର ଓ କୋରେଇ ବ୍ଲକ୍ ସମେତ ଆଖପାଖ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଟିମ୍ ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ କରିଛନ୍ତି । ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟସେବା ଏବଂ ଜନ ସ୍ୱାସ୍ଥ୍ୟସେବା ଟିମ୍‌ଗୁଡ଼ିକ ସମନ୍ୱିତ ଭାବେ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମକୁ ସଘନ ଓ ଲକ୍ଷଭେଦୀ କରିଛନ୍ତି । ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ସମେତ ରାଜ୍ୟସ୍ତରରୁ ସ୍ୱତନ୍ତ୍ର ଭାବେ ୨ଟି ରାପିଡ୍ ଆକ୍ସନ ଟିମ୍ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଜିଲ୍ଲା ଟିମ୍ ସହିତ ମିଳିତ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି । ରାଜ୍ୟସ୍ତରୀୟ ଟିମ୍‌ରେ ଡାକ୍ତର, ମାଇକ୍ରୋବାୟୋଲୋଜି ବିଶେଷଜ୍ଞ, ସଂକ୍ରାମକ ରୋଗ ବିଜ୍ଞାନୀ ଆଦିଙ୍କୁ ▶▶ ୫

### ରାଜ୍ୟସ୍ତରୀୟ ବିକାଶ ମେଳା ୨୦୨୫ ଉଦ୍‌ଘାଟିତ

# ପ୍ରତିଶ୍ରୁତି ବାସ୍ତବତାରେ ପରିଣତ କରିଛୁ

**ଭୁବନେଶ୍ୱର,୧୧।୬/ଏନ୍ଏନ୍ଏସ୍:**

ବର୍ଷକ ତଳେ ରାଜ୍ୟବାସୀ ଯେଉଁ ଆଶା ଆକାଂକ୍ଷା ନେଇ ଶାସନରେ ପରିବର୍ତ୍ତନ ଆଣିଥିଲେ ଓ ଆମକୁ ଦାୟିତ୍ୱ ଭାର ଦେଇଥିଲେ, ଆମେ ଲୋକଙ୍କ ସେହି ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଦୃଢ଼ ପ୍ରତିବଦ୍ଧତାର ସହ କାର୍ଯ୍ୟ ଜାରି ରଖିଛୁ । ବିଗତ ଏକ ବର୍ଷ ଥିଲା ଆମ ପାଇଁ ଆହ୍ୱାନର ବର୍ଷ । ଆମର ସବୁ କାର୍ଯ୍ୟକ୍ରମରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆମକୁ ମାର୍ଗଦର୍ଶନ ଦେଇଆସିଛନ୍ତି । ଏହି ସମୟ ମଧ୍ୟରେ ଆମେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ ଏବଂ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ବାସ୍ତବତାରେ ପରିଣତ କରିଛୁ । ଆମ ପ୍ରତିଶ୍ରୁତି ପାଣିର ଗାର ନୁହେଁ, ପଥରରେ ଅଙ୍କା ଯାଇଥିବା ଅଳିଭା ଗାର । କଥା ଦେଇଥିଲୁ କଥା ରଖିଛୁ ।

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିକାଶ ମେଳା ୨୦୨୫ର ଉଦ୍‌ଘାଟନ କରି ଏହା ପ୍ରକାଶ କରିଛନ୍ତି । ଭୁବନେଶ୍ୱରର ଇଡ୍‌କୋ



ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ହସ୍ତତନ୍ତ, ହସ୍ତଶିଳ୍ପ ଓ ସ୍ଥାନୀୟ ଉତ୍ପାଦ ସମ୍ପର୍କିତ ପ୍ରଦର୍ଶନୀ ଏବଂ ଫୁଡ୍ କୋର୍ଟ୍‌ର ଶୁଭାରମ୍ଭ କରିବା ସହିତ ବୁଲି ଦେଖିଥିଲେ । ଏହି ବିକାଶ ମେଳା ଜୁନ୍ ୧୮ ପର୍ଯ୍ୟନ୍ତ ଚାଲିବ । ଏହି ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାୟ ୭୫ରୁ ଅଧିକ ଷ୍ଟଲ୍‌ରେ ଜନସାଧାରଣଙ୍କୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ପଦ୍ଧତି ମାଧ୍ୟମରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଉଛି । ଏଥିସହିତ ସୁଭଦ୍ରା ଶକ୍ତି ମହିଳାମାନଙ୍କ ଦ୍ୱାରା ୪୦ରୁ ଅଧିକ ଷ୍ଟଲ୍‌ରେ ଓଡ଼ିଆ ପାରମ୍ପରିକ ଖାଦ୍ୟର ବିବିଧତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଫୁଡ୍ ଫେଷ୍ଟିଭାଲ୍ ମଧ୍ୟ ଆୟୋଜନ କରାଯାଇଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗଣତନ୍ତ୍ରରେ ଲୋକଙ୍କ ସ୍ୱର ହିଁ ଭଗବାନଙ୍କ ସ୍ୱର । ଯଦି ଲୋକେ ସେମାନଙ୍କ ନିର୍ବାଚିତ ସରକାରଙ୍କୁ ନିଜର କଥା, ନିଜର ବ୍ୟଥା କହିପାରିବେନି, ସେ ପ୍ରକାର ଗଣତନ୍ତ୍ର ▶▶ ୫




# ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ଓ ଗଜାନନବେଶ


ଆସିକା


ବୁଗୁଡା


ଶେରଗଡ

**ଆସିକା,୧୧।୬/ଏନ୍‌ଏନ୍‌ଏସ୍:** ରଥଯାତ୍ରାର ଆଦ୍ୟପର୍ବ ହେଉଛି ମହାପ୍ରଭୁଙ୍କ ସ୍ନାନଯାତ୍ରା। ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ବୁଧବାର ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଅବସରରେ ଜଗନ୍ନାଥ ମନ୍ଦିର ଗୁଡିକରେ ଭକ୍ତଙ୍କ ଗହଳି ଲାଗି ରହିଥିଲା । ଆସିକା ସହରର ସୁନାମ୍ଧ ସାହି ଜଗନ୍ନାଥ ମନ୍ଦିର, ଖମ୍ବେଶ୍ୱରୀ ପାଟଣା ଜଗନ୍ନାଥ ମନ୍ଦିର, ବଜାର ସାହି ଜଗନ୍ନାଥ ମନ୍ଦିର, ଚିନିଶିଳ୍ପ ନୂଆଗାଁ ଜଗନ୍ନାଥ ମନ୍ଦିର, କାଳଷଣ୍ଢପୁର ଜଗନ୍ନାଥ ମନ୍ଦିର ସମେତ ଆଖପାଖ ସମସ୍ତ ଜଗନ୍ନାଥ ମନ୍ଦିର ଗୁଡିକରେ ହରିବୋଲ ଓ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନ ବେଦୀରେ ପୂଜିତ ଚତୁର୍ଦ୍ଧା ବିଗ୍ରହଙ୍କୁ ସ୍ନାନ ବେଦୀରେ ଦର୍ଶନ ଲାଗି ଭକ୍ତଙ୍କ ମଧ୍ୟରେ ଉତ୍ସୁକତା ଲାଗି ରହିଥିଲା । ମହାପ୍ରଭୁଙ୍କ ପବିତ୍ର ସ୍ନାନ ଯାତ୍ରା ସହିତ ସ୍ନାନ ବେଦୀରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ହାତୀ ବେଶରେ ଦର୍ଶନ କରିବାକୁ ଭକ୍ତଙ୍କ ମଧ୍ୟରେ ଥିଲା ପ୍ରବଳ ଉତ୍କଣ୍ଠା । ବୁଧବାର ପୂର୍ବାହ୍ନରେ ରୀତିନୀତି ତଥା ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା ପରେ ଧାଡିପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ଅଣାଯାଇ ସ୍ନାନ ବେଦୀରେ ଅଧିଷ୍ଠିତ କରାଯାଇଥିଲା । ୧୦୮ ଗରା ସୁବାସିତ ଜଳରେ ଦିଅଁ ମାନଙ୍କୁ ସ୍ନାନ କରାଯିବା ପରେ ନବବସ୍ତ୍ର ପରିଧାନ କରାଯାଇ ଗଜାନନ ବା ହାତୀ ବେଶରେ ସଜ୍ଜିତ କରାଯାଇଥିଲା । ସମବାୟ ଚିନିଶିଳ୍ପ ନୂଆଗାଁ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀ ଜଗନ୍ନାଥ ସଂସ୍ଥାପନ ସମିତିର ସଭାପତି ତଥା ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା, ସଂପାଦକ ସନ୍ତୋଷ କୁମାର ମଲିକ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ସ୍ୱାଇଁ, ଦିଲୀପ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର କର, ଇ.ଅରୁଣ କୁମାର ପାତ୍ର, ପ୍ରଶାନ୍ତ କୁମାର ପାଢୀ, ଶ୍ରୀନିବାସ ମହାପାତ୍ର, ବାଇଧର ନାହାକ, ଚିତ୍ତ ଚିନ୍ମୟ ରଂଜନ ନାୟକ, ଜୟରାମ ଯାଦବ, ଶ୍ରୀପାଳୀ ସୁନ୍ଦର ଦାଶ, କୃଷ୍ଣଚନ୍ଦ୍ର ଲେଙ୍କା, ଲମ୍ବୋଦର ସାବତ, ଦାମୋଦର ସିୟ, ରାମପ୍ରସାଦ ଶତପଥୀ, ଅନିଲ୍ କୁମାର ଦାଶଙ୍କ ସମେତ ସମବାୟ ଚିନିଶିଳ୍ପର ବହୁ କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତରେ ବ୍ରହ୍ମାଣ୍ଡେଶ୍ୱରଙ୍କ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଥିଲା। ସ୍ନାନ ବେଦୀରେ ଚତୁର୍ଦ୍ଧାମୂର୍ତ୍ତୀ ୧୦୮ ଶୀତଳ ସୁବାସିତ ଜଳ, ଚନ୍ଦନ କର୍ପୁର, କସ୍ତୁରୀ ଇତ୍ୟାଦିରେ ସ୍ନାନ କରିବା କାରଣରୁ ଜ୍ୱରରେ ପୀଡିତ ହୋଇଥାନ୍ତି । ଅଣସର ଗୃହରେ ବୈଦ୍ୟରାଜ ୧୦ ପ୍ରକାରର ଚେର ମୂଳୀରେ ପ୍ରସ୍ତୁତି ଔଷଧ ଦେଇଥାନ୍ତି । ଜ୍ୱର ଭଲ ହେବା ପରେ ଅର୍ଥାତ ଦେବସ୍ନାନ ପୂର୍ଣ୍ଣମାଠାରୁ ୧୫ ଦିନ ପରେ ଶ୍ରୀ ଗୁଣ୍ଡିଚା ଯାତ୍ରାରେ ପହଣ୍ଡି ବିଜେରେ ଚତୁର୍ଦ୍ଧାମୂର୍ତ୍ତୀ ପୁଣି ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ଚିନିଶିଳ୍ପ ନୂଆଗାଁ ସ୍ଥିତ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଲମ୍ବୋଦର ପଣ୍ଡା ଓ ଶରତ ଚନ୍ଦ୍ର ଦାଶଙ୍କ ଉପସ୍ଥିତିରେ ଉକ୍ତ ମନ୍ଦିରରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ପବିତ୍ର ଗଜାନନ ବେଶ ଦେଖିଥିଲେ ଭକ୍ତ। ଆସିକା ଏନଏସି ଅଧିନସ୍ଥ ସୁନାମ୍ଧ ସାହି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଦେବସ୍ନାନ ପୂର୍ଣ୍ଣିମା କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦିର ଟ୍ରଷ୍ଟି ନାରାୟଣ ମୁନୀ, ପୂଜକ ନୀଳମାଧବ ଦାଶ, ସୁରେନ୍ଦ୍ରନାଥ ଦାଶ, ଉପେନ୍ଦ୍ରନାଥ ଦାଶ, ଜିତେନ୍ଦ୍ର କୁମାର ଦାଶ, ସୁଶାନ୍ତ କୁମାର ଦାଶ, କାହ୍ନୁଚରଣ ପଣ୍ଡା, ନୀଳମଣି ପଣ୍ଡା, ମନୋଜ କୁମାର ପଣ୍ଡା, ମନୋଜ କୁମାର ଦାଶ, ଚିତ୍ତରଂଜନ ଦାଶ ପ୍ରମୁଖ ସହଯୋଗ କରିଥିଲେ।

**ଶେରଗଡ:** ଶେରଗଡ଼ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ସକାଳୁ ମନ୍ଦିରରେ ପୂଜା ପରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ମହାପ୍ରଭୁଙ୍କୁ ସ୍ନାନ ମଣ୍ଡପକୁ ପହଣ୍ଡି କରାଯାଇଥିଲା । ପାରମ୍ପରିକ ଭୋଗ ପୂଜା ପରେ ତିନି ଠାକୁରଙ୍କୁ ମହାସ୍ନାନ କରାଯାଇଥିଲା । ସ୍ନାନ ପରେ ଠାକୁର ଗଜାନନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ରାତିରେ ଠାକୁରଙ୍କୁ ଅନବସର ଗୃହକୁ ପହଣ୍ଡି କରାଯାଇଥିଲା। ଶେରଗଡ଼ କରଡ଼ାକଣା, ଅଲାରିଗଡ଼, ପିତଳ, ତହଁର, ଗୋବିନ୍ଦପୁର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ଉତ୍ସବ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି।

**ବୁଗୁଡା :** ସ୍ଥାନୀୟ ବଳଦେବ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାତଃ କାଳରେ ଠାକୁରଙ୍କ ଅବକାଶ, ମଙ୍ଗଳ ଆଳତି, ମଇଲମ, ତଡପଲାଗି ଆଦି କାର୍ଯ୍ୟକ୍ରମ ସାଙ୍ଗକୁ ଶ୍ରୀ ବିରଞ୍ଚି ନାରାୟଣ ମଠାଧୀଶ ଭକ୍ତରାମ ଦାସଙ୍କ ଦ୍ୱାରା ଛେରା ପହଁରା ସହ ଠାକୁରଙ୍କ ପହଣ୍ଡିବିଜେ କରି ଦେବସ୍ନାନ ମଣ୍ଡପକୁ ନିଆଯାଇଥିଲା । ସେଠାରେ ପୁରୁଷୋସିତ ମନ୍ତ୍ରରେ ସ୍ନାନ ବିଧି ସମ୍ପନ୍ନ ପରେ ଠାକୁର ଗଜାନନ ବେଶ ଧାରଣ କରିଥିଲେ। ଏହା ପରେ ୧୦୮ ଆଳତି ନୀତି, ପୂଜାପାଠ ଓ ସଙ୍କୁଡି ଭୋଗ କାର୍ଯ୍ୟକ୍ରମ ଯଥା ରୀତିନୀତି ପ୍ରକାରେ ଅନୁଷ୍ଠିତ ହୋଇଥିଲା। ପରେ ତିନି ଠାକୁର ଅଣସର ଘରକୁ ବିଜେ କରିଥିଲେ । ପୂଜକ ଦିନବନ୍ଧୁ ପାଣି, ସୁରେଶ ଚନ୍ଦ୍ର ପଣ୍ଡା , ହରିହର ପଣ୍ଡା, ଦେବେନ୍ଦ୍ର ପାଣି,ଅଶୋକ କୁମାର ପାଣି, ଅରୁଣ ପାଣି , ଦୁର୍ଗା ମାଧବ ପାଣି , ଶ୍ୟାମ ସୁନ୍ଦର ପାଣି, ରବିନ୍ଦ୍ର ପାଣି , ଶିବୁନ୍ ରଥ, ଆଲୋକ ପାଣି, ସୁବ୍ରତ କୁମାର ପଣ୍ଡା, ଆଶିଷ ପାଣି, ସୁରେନ୍ଦ୍ର ପାଣି ପ୍ରମୁଖ ପୂଜାପାଠ କାର୍ଯ୍ୟ ସମ୍ପାଦନ କରିଥିଲେ । କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଶରତ ଚନ୍ଦ୍ର ମହାରଣା ପରିଚାଳନା କରିଥିଲେ। ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଠାକୁରଙ୍କ ୧୦୮ ଜଳଲାଗି ଏବଂ ଗଜାନନ ବେଶ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା ।

### ମାନସିକ ପୂରଣ ପାଇଁ ସୀମାଞ୍ଚଳ ଯାଉଥିଲେ

## ଟ୍ରକ୍ ଧକ୍କାରେ ବାପା, ଝିଅଙ୍କ ସମେତ ୩ ମୃତ

**ବ୍ରହ୍ମପୁର,୧୧।୬/ଏନ୍‌ଏନ୍‌ଏସ୍:** ଆନ୍ଧ୍ରପ୍ରଦେଶର ପଲାସା ନିକଟସ୍ଥ ଶ୍ରୀକାକୁଲମ ଜିଲ୍ଲା କୋଟାବମାଲୀ ମଣ୍ଡଳ ଉଥାଲାପାଡୁ ନିକଟରେ ବଡ ଧରଣର ଦୁର୍ଘଟଣା ଘଟିଛି। ସେଥି ମଧ୍ୟରେ ଗଞ୍ଜାମ ଜିଲ୍ଲାର ତିନି ଓଡିଆଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଚିକିଟି ବ୍ଲକ କେ. ନୂଆଗାଁ ମଇସାନପୁର କଳଥିଆ ଗ୍ରାମର ସୁଶାନ୍ତ ସାବତ(୫୨), ଝିଅ ସନ୍ତୋଷୀ ସାବତ(୩) ଓ ଗେଟ୍ ବଜାର ଅଞ୍ଚଳର ଗୋକୁଳ ପଣ୍ଡା(୩୩) ରହିଥିବା ଜଣାପଡିଛି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ପ୍ରତି ମୃତକଙ୍କ ଲାଗି ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ସୂଚନା ପ୍ରକାରେ ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ମଇସାନପୁର କଳଥିଆ ଗ୍ରାମର ଦୁଇଟି ପରିବାର ସୋମବାର ବିଳମ୍ବିତ ରାତିରେ ୨ଟି ବୋଲେରୋ ଗାଡ଼ି ଯୋଗେ ମାନସିକ ପୂରଣ ପାଇଁ ଆନ୍ଧ୍ର ପ୍ରଦେଶର ସିମାଞ୍ଚଳକୁ ଯାଉଥିଲେ। ଦୁଇ ଗାଡ଼ିରେ ୧୫ରୁ ଅଧିକ ଜଣ ଯାତ୍ରୀ ରହିଥିଲେ। ଗ୍ରାମର ସୁଶାନ୍ତ ସାବତ ଏବଂ ଅନ୍ୟ ଏକ ପରିବାରର ସଦସ୍ୟମାନେ ଯାତ୍ରା କରିଥିଲେ। ମଙ୍ଗଳବାର ଭୋରରେ ଶ୍ରୀକାକୁଲମ ଜିଲ୍ଲା କୋଟାବମାଲୀ ମଣ୍ଡଳ ଉଥାଲାପାଡୁ ନିକଟ ଜାତୀୟ ରାଜପଥ କଡ଼ରେ ଗାଡ଼ିକୁ ରଖିଥିଲେ। ସମସ୍ତ ଯାତ୍ରୀ ଗାଡିରୁ ଓହ୍ଲାଇ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ବେଳେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବହୁ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ଜାତୀୟ ରାଜପଥ କର୍ମଚାରୀଙ୍କ ସହଯୋଗରେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଶ୍ରୀକାକୁଲମ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତରଖାନାରେ ମଇସାନପୁରର ସୁଶାନ୍ତ ସାବତ ତାଙ୍କ ଝିଅ ସନ୍ତୋଷୀ ଓ ବ୍ରହ୍ମପୁର ଗେଟ୍ ବିଜାର ଅଞ୍ଚଳର ଗୋକୁଳ ପଣ୍ଡାଙ୍କ ମୃତ୍ୟୁ ଘଟିଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ଘଟଣାରେ ଅନ୍ୟ ୭ଜଣ ଆହତ ବ୍ୟକ୍ତି ଶ୍ରୀକାକୁଲମ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଅଭାବନୀୟ ଘଟଣା ଜଣାପଡିବା ପରେ ସମଗ୍ର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପ୍ରତି ମୃତ ବ୍ୟକ୍ତିଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ନେଇ ଘୋଷଣା କରିଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ ତ୍ୱରିତ ପଦକ୍ଷେପକୁ ନେଇ ବିଧାୟକ ଶ୍ରୀ ଦ୍ୟାନସାମନ୍ତରା କୃତଜ୍ଞତା ଜଣାଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ, ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଘୋଷଣା

## ଅତି ଉଚ୍ଚ ହମ୍ପ ଯୋଗୁଁ ଘଟୁଛି ଦୁର୍ଘଟଣା

**ବୁଗୁଡା,୧୦।୬/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବାଲିପିଣ୍ଡି ସାହି ରାସ୍ତା ଓ ପରିବା ବଜାର ରାସ୍ତାର ସଂଯୋଗ ସ୍ଥଳରେ ନିର୍ମିତ ଅତି ଉଚ୍ଚର ହମ୍ପ ଯୋଗୁଁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଏନ୍‌ଏସି ପକ୍ଷରୁ ନର୍ଦ୍ଦମା ଉପରେ ନିର୍ମିତ ଏହି ହମ୍ପ ଯୋଗୁଁ ଅନେକ ବ୍ୟକ୍ତି ଦୁର୍ଘଟଣାର ଶିକାର ହୋଇ ଆହତ ହୋଇଥିବାର ନଜିର ରହିଛି। ଦୁର୍ଘଟଣାରେ କେତେବେଳେ ଯେ କାହାର ଜୀବନ ଚାଲିଯିବ ସେନେଇ ଆଶଙ୍କା ଦେଖା ଦେଇଛି। ଏନ୍‌ଏସିର କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଠିକାଦାର କିଭଳି ଏପରି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ଭଳି ବିପଦଜନକ ହମ୍ପ ନିର୍ମାଣ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ସେହି ଅତି ଉଚ୍ଚ ହମ୍ପ ଦେଇ କୌଣସି ପରିବା ବୋଝେଇ ଗାଡି ଗଲେ ତାହା ଓଲଟି ପଡୁଛି ଏବଂ ସେହି ରାସ୍ତା ଦେଇ ଯାନବାହାନ ଚଳାଚଳ କରିବାକୁ ଭୟ କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏନ୍‌ଏସି ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଥିବା ବେଳେ ଯଥାଶୀଘ୍ର ସେଥି ପ୍ରତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କଠାରୁ ପ୍ରକାଶ ପାଇଛି।



## ବ୍ରହ୍ମପୁର ସାଂସଦଙ୍କ ନୂତନ ପ୍ରତିନିଧି ମନୋନୀତ

**ବ୍ରହ୍ମପୁର,୧୧।୬/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ବିଭିନ୍ନ ବ୍ଲକ ଓ ଏନ୍‌ଏସିରେ ତାଙ୍କ ସାଂସଦ ପ୍ରତିନିଧି ମନୋନୀତ କରିଥିବା ଜଣାପଡିଛି। ବ୍ରହ୍ମପୁର ଲୋକସଭା ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକର ଗୋପାଳପୁର ପ୍ରତିନିଧି ରୂପେ ପ୍ରଦୀପ ସେନାର ସଭାପତି ତଥା ବରିଷ୍ଠ ବିଜେପି ନେତା ଏନ୍. ଗଙ୍ଗାଧର ପାତ୍ରଙ୍କୁ ମନୋନୀତ କରିଛନ୍ତି। ସେହିପରି ଗୋପାଳପୁର ଏନ୍‌ଏସି ପ୍ରତିନିଧି ରୂପେ ପୂର୍ବତନ ବିଧାୟକଙ୍କ ପ୍ରତିନିଧି ତଥା ଗୋପାଳପୁର ଏନ୍‌ଏସିର ପୂର୍ବତନ ଉପାଧ୍ୟକ୍ଷ ଇ. ଲୋକନାଥ ଏବଂ କୁକୁଡାଖଣ୍ଡି ବ୍ଲକର (ଦିଗପହଣ୍ଡି-ଗୋପାଳପୁର) ପ୍ରତିନିଧି ରୂପେ ଦକ୍ଷିଣପୁର ସେବା ସମବାୟ ସମିତିର ସଭାପତି ତଥା ପୂର୍ବତନ ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀଙ୍କୁ ମନୋନୀତ କରିଥିବା ଜଣାପଡିଛି। ସାଂସଦ ଶ୍ରୀ ପାଣିଗ୍ରାହୀ ଆସ୍ଥା ପ୍ରକଟ କରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ନବନିଯୁକ୍ତ କର୍ମକର୍ତ୍ତାମାନେ ସାଂସଦଙ୍କୁ କୃତଜ୍ଞତା ଜଣାଇଥିବା ଜଣାପଡିଛି।

## ବାସନାପୁଟି ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ



**ଛତ୍ରପୁର,୧୧।୬/ଏନ୍‌ଏନ୍‌ଏସ୍:** ଛତ୍ରପୁର ବ୍ଲକ କାଳିପଲ୍ଲୀ ପଞ୍ଚାୟତ ବାସନାପୁଟୀ ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନର ତୃତୀୟ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ସରକାର ଓ ଓଡିଶା ସରକାରଙ୍କ ତରଫରୁ ବିଭିନ୍ନ କୃଷି ଭିତ୍ତିକ ଯୋଜନାର ପ୍ରଚାର ଓ ପ୍ରସାର ସହ ପଞ୍ଚାୟତର ପ୍ରାୟ ୨୫୦ ଚାଷୀମାନଙ୍କ ସହ କୃଷି ବୈଜ୍ଞାନିକ ମାନେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ଡ. ଆଶିଷ ମୟିତି, ଡ. ସନ୍ଦୀପ କୁମାର ମହାନ୍ତି, ଡ. ଶୈଳେଶ ସୌରଭ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀ ଭରତ ଭୂଷଣ ସାହୁ, ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସନମାର୍ଗ କର, ସହକାରୀ ଉଦ୍ୟାନ ଅଧିକାରୀ ସନ୍ଦୀପ କୁମାର ବଢେଇ, ସହକାରୀ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ନାୟକ, ସରପଞ୍ଚ ପ୍ରତିନିଧି ପି. ଚନ୍ଦ୍ରମଣି ରେଡ୍ଡୀ ଓ ସିଏଚ୍ କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ। ଛତ୍ରପୁର ବ୍ଲକର ସମସ୍ତ କୃଷି କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମୌସୁମୀ ଆସିଲା ପରେ ବି ସଫା ହେଲାନି ଟିପିସର ନାଳ

**ଆସିକା,୧୧।୬/ଏନ୍‌ଏନ୍‌ଏସ୍:** ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଥିଲା ବେଳେ ଆସିକା ଏନ୍‌ଏସି ଅଧୀନସ୍ଥ ବାଣିବିହାର-ମେଡିକାଲ ଛକକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଟିପିସର ନାଳକୁ ସଫା କରିବା ଦିଗରେ ଡ୍ରେନେଜ୍ ବିଭାଗର ନିଘୋଡ ନିଦ୍ରା ଭାଙ୍ଗୁନାହିଁ। ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆସିକା ଅଞ୍ଚଳବାସୀଙ୍କୁ ଦୀର୍ଘବର୍ଷ ହେଲା ବର୍ଷାଦିନରେ ଭୟ ଘାରୁଛି । ଜଳ ନିଷ୍କାସନ ପଥଗୁଡିକ ବିଭିନ୍ନ ସ୍ଥାନରେ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ରହିଥିବା ଯୋଗୁଁ ଅସରାଏ ବର୍ଷାରେ ବର୍ଷାଜଳ ନିଷ୍କାସନ ନହୋଇ ବିଭିନ୍ନ ସମୟରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଡ୍ରେନେଜ୍ ବିଭାଗ ଅଧିନରେ ଥିବା ଆସିକା ଏନ୍‌ଏସି ଅଧିନସ୍ଥ ବାଣୀବିହାର, ମେଡିକାଲ୍ ଛକକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଟିପିସର ନାଳ ସଫେଇ କରାଯାଉନଥିବା ଯୋଗୁଁ ଆଉମାତ୍ର କିଛି ଦିନ ପରେ ଉପରମୁଣ୍ଡରେ ବର୍ଷା ହେଲେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ନହୋଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡାଇ ହେଉନାହିଁ । ଆସିକା ସହରବାସୀଙ୍କ ପାଇଁ ଦୀର୍ଘବର୍ଷ ହେଲା ଟିପିସର ନାଳ ଦୁଃଖ ସାଜିଛି । ଟିପିସର ନାଳକୁ ନିୟମିତ ସଫା କରାଯାଉନଥିବା ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ଉଠି ଲଟାବୁଦାରେ ପରିପୂର୍ଣ୍ଣ ହେଲାଣି। ଟିପିସର ନାଳକୁ ସଫାକରିବା ସହ ବର୍ଷାକୁ ମୁକାବିଲା କରିବା ପାଇଁ ଜଳ ନିଷ୍କାସନ ପଥଗୁଡିକୁ ସୁଗମ କରିବା ଦିଗରେ ଡ୍ରେନେଜ୍ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଉନଥିବା ଅଭିଯୋଗ ହେଉଛି । ଆସନ୍ତା ମୌସୁମୀ ବର୍ଷାକୁ ନେଇ ଏବେଠାରୁ ଆସିକାବାସୀଙ୍କ ଚିନ୍ତା ବଢିଗଲାଣି । ଅତୀତରେ ୧୯୬୯ ମସିହା, ୧୯୯୦ ମସିହା, ୧୯୯୯ ମସିହା, ୨୦୧୩ମସିହା, ୨୦୧୮ ମସିହାରେ ହୋଇଥିବା ଏକାଧିକ ବନ୍ୟା ଓ ବାତ୍ୟାରେ ଟିପିସର ନାଳରେ ବର୍ଷା ଓ ବନ୍ୟାଜଳ ନିଷ୍କାସନ ହୋଇନପାରି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ପ୍ରଭୂତ କ୍ଷତି ହୋଇଥିଲା। ଅତୀତରେ ଡ୍ରେନେଜ୍ ବିଭାଗ ପକ୍ଷରୁ ଟିପିସର ନାଳରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଦଳ ସଫା କରାଯାଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ପୁଣି ଏହି ଜଳ ନିଷ୍କାସନ ପଥ ଦଳ ଓ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ରହିଛି। ଡ୍ରେନେଜ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନଦେଇ ଟିପିସର ନାଳକୁ ସଫା କରିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି।



## ହାଇଓ୍ୱା ଧକ୍କାରେ ଷଣ୍ଢ ମୃତ

**ବୁଗୁଡ଼ା,୧୧।୬/ଏନ୍‌ଏନ୍‌ଏସ୍:** ବୁଗୁଡ଼ା-ବାଲିପଦର ମୁଖ୍ୟରାସ୍ତାର ଖୋଲୋରୀ ଗାଁଠାରେ ହାଇଓ୍ୱା ଧକ୍କାରେ ଗୋଟିଏ ଷଣ୍ଢର ମୃତ୍ୟୁ ଘଟିଥିବା ଜଣାଯାଇଛି। ମିଲ ଛକରେ ଷଣ୍ଢଟି ରାସ୍ତା ପାର ହେଉଥିବା ଥିବା ବେଳେ ବୁଗୁଡ଼ାରୁ ବାଲିପଦର ଅଭିମୁଖେ ଯାଉଥିବା ଏକ ବାଲି ବୋଝେଇ ହାଇଓ୍ୱା ଧକ୍କା ଦେଇ ପଳାଇଥିଲା ଷଣ୍ଢର ବିକଟାଳ ରଡି ଶୁଣି ଆଖପାଖରେ ଥିବା ଲୋକେ ପହଞ୍ଚି ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ହେଁ ଷଣ୍ଢଟି ଶେଷରେ ଆଖି ବୁଜି ଦେଇଥିଲା । ଗ୍ରାମବାସୀ ପୂଜା ପାଠ କରି ଶିବ ମନ୍ଦିର ନିକଟରେ ଷଣ୍ଢର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରିଥିଲେ।

ନିତିଦିନ NITIDIN



### ମଦ ବ୍ୟବସାୟକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମୁହାଁମୁହିଁ

## ଆକ୍ରମଣରେ ଉଭୟ ପକ୍ଷର ୩ ଆହତ



**ପୋଲସରା,୧୧।୬/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ପୋଲସରା ଥାନା ମଥୁରା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଛନ୍ତି । ଘଟଣାରେ ଉଭୟ ଗୋଷ୍ଠୀର ଦୁଇ ଜଣ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି । ସମସ୍ତ ଆହତମାନେ ହେଲେ ରୁଦ୍ର ସେଠି, ଜିତେନ୍ଦ୍ର ଖଟେଇ ଓ ରାଜେଶ ଦଳେଇ । ଉଭୟ ପକ୍ଷରୁ ଧାରୁଆ ଅସ୍ତ୍ରରେ ଆକ୍ରମଣ ଓ ପ୍ରତି ଆକ୍ରମଣ କରିଥିବା ବେଳେ ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଗୁରୁତରମାନଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପୋଲସରା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଗଣ୍ଡଗୋଳ ଘଟଣାର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବା ବେଳେ ମଦ ବ୍ୟବସାୟକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ମାରାପିଟ ହୋଇଥିବା ଅନୁମାନ କରାଯାଉଛି । ପୁଲିସର ତଦନ୍ତ ପରେ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି । ଏନେଇ ଉଭୟ ପକ୍ଷରୁ ପୋଲସରା ଥାନାରେ ଏତଲା ଦିଆଯାଇଛି । ପୋଲସରା ଥାନା ପୁଲିସ ୩ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

### ଆଜି ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

# ହ୍ରାସ ପାଉନି ଶିଶୁ ଶ୍ରମିକ ପ୍ରଥା

**ଆସିକା,୧୧।୬/ଏନ୍ଏନ୍ଏସ୍:** ପ୍ରତି ବର୍ଷ ଜୁନ ମାସ ୧୨ ତାରିଖକୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଭାବେ ପାଳନ କରାଯାଉଛି । ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ବିଗତ କିଛି ବର୍ଷ ହେଲା ଶିଶୁ ଶ୍ରମିକଙ୍କ ସଂଖ୍ୟା ଦିନକୁ ଦିନ ଆଶାତୀତ ଭାବେ ବୃଦ୍ଧି ପାଇ ଚାଲିଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ଦିଗରେ ପ୍ରଶାସନର ନୀରବତାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଛି । ପାରିବାରିକ ଆର୍ଥିକ ଦୂରବସ୍ଥା ହେଉ କିମ୍ବା ଅନ୍ୟାନ୍ୟ କେତେକ କାରଣରୁ ପରିବାର ପ୍ରତିପୋଷଣ ପାଇଁ ବହୁ ଶିଶୁ ଶ୍ରମିକ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଖଟୁଥିବା ଦେଖିବାକୁ ମିଳୁଛି । ଶିଶୁ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ନୀତିନିୟମ ଓ କଟକଣା କେତେକ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଆସିକା ଅଞ୍ଚଳରେ ବାଟବଣା ହୋଇଯାଇଥିବା ଅଭିଯୋଗ ହେଉଛି । ଶିଶୁ ଶ୍ରମିକ ମାନଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ପ୍ରଶାସନ ପକ୍ଷରୁ ସେଭଳି କୌଣସି ସୁଚିନ୍ତିତ ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ସଚେତନ ନାଗରିକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଆସିକାର କେତେକ ଅଞ୍ଚଳରେ ଶିଶୁ ଶ୍ରମିକ ଥମିବାର ନା ନେଉନି । ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳର ଅଧିକାଂଶ ହୋଟେଲ, ଗ୍ୟାରେଜ୍, ରୁଟି ଫେକ୍ଟରୀ ସମେତ ବହୁ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକରେ ସରକାରୀ ନୀତିନିୟମକୁ ଉଲଂଘନ କରି ଶିଶୁ ଶ୍ରମିକ ମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି । ଶିଶୁ ଶ୍ରମିକ ପ୍ରଥାକୁ ବିଲୋପ କରିବା ସହ ସେମାନଙ୍କୁ ଉଦ୍ଧାର କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ମାନଙ୍କ ନିରବଦ୍ରଷ୍ଟା ସାଙ୍ଗକୁ ରୀତିମତ ଚଢାଉ କରାଯାଉ ନଥିବା ଯୋଗୁଁ ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଶିଶୁ ଶ୍ରମିକ ମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି ବୋଲି ସଚେତନ ନାଗରିକ ମହଲରେ ମତ ପ୍ରକାଶ ପାଉଛି । ପରିବାରର ଆର୍ଥିକ ଦୂରାବସ୍ଥା ହେଉ କିମ୍ବା ପରିବାରବର୍ଗଙ୍କ ନିରକ୍ଷରତା ଯୋଗୁଁ ହସ ଖେଳ ଓ ପାଠପଢା ବୟସରେ ବହୁ ଶିଶୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ କାମ କରୁଥିବା ଦେଖିବାକୁ ମିଳୁଛି । ଯାହାରି ଫଳରେ ଶିଶୁ ମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି । ଶିଶୁ ଅଧିକାର ଆଇନରେ କମ୍ ବର୍ଷର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରାଯିବା ଦଣ୍ଡନୀୟ ବୋଲି ଉଲ୍ଲେଖ ରହିଥିଲେ ମଧ୍ୟ ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ଏପରି ଅନେକ ବ୍ୟବସାୟ ପ୍ରତିଷ୍ଠାନ ଓ ବାସଗୃହ ରହିଛି ଯେଉଁଠି ୧୦ବର୍ଷରୁ ୧୮ବର୍ଷ ବୟସର ବହୁ ଶିଶୁ କାମ କରୁଛନ୍ତି । ଏହି ଶିଶୁ ମାନଙ୍କୁ ଉଦ୍ଧାର କରିବା ଦାୟିତ୍ୱ ହେଉଛି ପ୍ରଶାସନର । ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରିବା ଦିଗରେ ପ୍ରଶାସନ ତତ୍ପରତା ପ୍ରକାଶ କରୁ ନଥିବା ଅଭିଯୋଗ ହେଉଛି । ଶିଶୁ ଶ୍ରମିକମାନଙ୍କ ଉଦ୍ଧାର କରି ସେମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୦୫ ମସିହାରେ ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ଆସିକାରେ ମଧ୍ୟ ଦୁଇଟି ଜାତୀୟ ଶିଶୁ ଶ୍ରମିକ ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲିଥିଲା । ସେଠାରେ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇ ଶିକ୍ଷାଦାନ ଦିଆଯାଉଥିଲା । ତେବେ ଗତ ୨୦୧୪ ମସିହାରେ ସେହି ବିଦ୍ୟାଳୟ ଗୁଡିକ ବନ୍ଦ କରିଦିଆଯାଇଥିଲା । ଯାହାରି ଫଳରେ ସେବେଠାରୁ ଶିଶୁ ଶ୍ରମିକମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି । ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଆସିକା ଅଞ୍ଚଳରେ ଆଶାତୀତ ଭାବେ ଦିନକୁ ଦିନ ବୃଦ୍ଧି ପାଇ ଚାଲିଥିବା ଶିଶୁ ଶ୍ରମିକ ଭଳି କୁପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ସହ ଶିଶୁ ଶ୍ରମିକ ମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଥିବା ବ୍ୟବସାୟ ପ୍ରତିଷ୍ଠାନର ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢମତ ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଇଛି ।

## ଜଳପ୍ରପାତରେ କେରଳର ବ୍ୟକ୍ତିଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ





**ଫୁଲବାଣୀ,୧୧।୬/ଏନ୍ଏନ୍ଏସ୍:** ରବିବାର ପୁତୁଡି ଜଳପ୍ରପାତରେ କେରଳ ରାଜ୍ୟରୁ ଆସିଥିବା କିଛି ବ୍ୟକ୍ତିଙ୍କୁ ଆକ୍ରମଣ ଘଟଣାରେ ସଦର ପୁଲିସ ପାଞ୍ଚ ଜଣଙ୍କୁ ଗିରଫ କରିଛି । ଘଟଣାର ମୁଖ୍ୟ ଅଭିଯୁକ୍ତ ସହିତ ଅନ୍ୟ କିଛି ଯୁବକ ଏପର୍ଯ୍ୟନ୍ତ ପୁଲିସ ହାତରେ ଧରା ପଡି ନାହାନ୍ତି । ତଦନ୍ତ ପ୍ରକ୍ରିୟାରେ ବ୍ୟାଘାତ ଆଶଙ୍କାରେ ଗିରଫ ଯୁବକ ମାନଙ୍କ ପରିଚୟ ଗୁପ୍ତ ରଖାଯାଇଥିବା ଆଜି ସଦର ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ ପ୍ରକାଶ କରିଛନ୍ତି । ପୁଲିସ ସୂଚନା ଅନୁସାରେ କେରଳ ରାଜ୍ୟର ସାତ ଜଣ ଯୁବକ ସରକାରୀ କାମରେ ଫୁଲବାଣୀ ଆସିଥିଲେ । ସେମାନେ ରବିବାର ଚାରିଟି ସ୍କୁଟିରେ ପୁତୁଡି ଜଳପ୍ରପାତ ବୁଲିବା ପାଇଁ ଯାଇଥିଲେ । ସେଠାରେ ପ୍ରାୟ ୧୦ଜଣ ଯୁବକ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ସେମାନଙ୍କ ଠାରୁ ସାତଟି ମୋବାଇଲ ଫୋନ ଓ ଅନ୍ୟାନ୍ୟ ଜିନିଷ ଛଡାଇ ନେଇଥିଲେ । ଜଳପ୍ରପାତ ବୁଲିବାକୁ ଯାଇଥିବା ଅନ୍ୟ କିଛି ଯୁବକ ଆସି ଏ ନେଇ ଫୁଲବାଣୀ ଟାଉନ ଥାନାରେ ଖବର ଦେଇଥିଲେ । ଟାଉନ ଥାନା ପୁଲିସ ସଦର ଥାନାକୁ ସୂଚନା ଦେବା ପରେ ସଦର ପୁଲିସ ଯାଇ ସେମାନଙ୍କୁ ଉଦ୍ଧାର କରିଥିଲେ । ତେବେ ସେତେବେଳକୁ ଆକ୍ରମଣକାରୀ ମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ସଦର ପୁଲିସ ଏ ସମ୍ପର୍କରେ ୧୪୮/୨୫ରେ ଏକ ମାମଲା ରୁଜୁ କରି ଆରକ୍ଷୀ ଅଧୀକ୍ଷକ ହରିଶ ବି ସି ଙ୍କ ନିର୍ଦ୍ଦେଶ କ୍ରମେ ସବ ଇନ୍ସପେକ୍ଟର ସମ୍ବିତ ବେହେରାଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ କରିଥିଲା । ବୈଷୟିକ ଗୁଇନ୍ଦା ତଥ୍ୟ ଆଧାରରେ ଚଢ଼ାଉ କରି ପାଞ୍ଚ ଜଣ ଦୁର୍ବୃତ୍ତଙ୍କୁ ଫୁଲବାଣୀ ଟାଉନ ଥାନା ଅଞ୍ଚଳରୁ ଧରିବାରେ ସଫଳ ହୋଇଛି ପୁଲିସ । ତେବେ ଏମାନଙ୍କ ପଛରେ ଏକ ଗ୍ୟାଙ୍ଗ ରହିଥିବା ପୁଲିସ ଜାଣିବାକୁ ପାଇଛି । ଘଟଣାର ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟ ଦୁଇ ତିନି ଜଣ ବର୍ତ୍ତମାନ ସୁଦ୍ଧା ଫେରାଇ ଅଛନ୍ତି ଏବଂ ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସଡିପିଓ ପ୍ରକାଶ କରିଛନ୍ତି । ଗିରଫ ଯୁବକ ମାନଙ୍କ ଠାରୁ ପୁଲିସ ୪ଟି ମୋବାଇଲ, ଗୋଟିଏ ଛୁରୀ ଏବଂ ଗୋଟିଏ ଦା' ଜବତ କରିଛି । ସଦର, ଟାଉନ ଓ ଫିରିଙ୍ଗିଆ ପୁଲିସ ମିଳିତ ଭାବେ ଏହି ଗ୍ୟାଙ୍ଗକୁ ଧରିବା ଉଦ୍ୟମ ଜାରି ରଖିଛନ୍ତି । ପୁତୁଡି ଭଳି ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀରେ ଏଭଳି ଘଟଣାକୁ ଗୁରୁତ୍ୱର ସହ ନେଇଛି ପୁଲିସ । ଏସପିଙ୍କ ନିର୍ଦ୍ଦେଶ ଅନୁସାରେ ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଏସଡିପିଓ କହିଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦର ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାୟକ, ଫିରିଙ୍ଗିଆ ଥାନା ଏସ ଆଇ ପ୍ରଦୀପ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।

### ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

## ଦୁଇ ସ୍ୱୟଂସହାୟିକା ଗୋଷ୍ଠୀ ପୁରସ୍କୃତ



**ଆସିକା,୧୧।୬/ଏନ୍ଏନ୍ଏସ୍:** ଆସିକା ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଓ ମିଶନ୍ଶକ୍ତି ବିଭାଗର ମିଳିତ ସହଯୋଗରେ ବୁଧବାର ମିଶନ୍ଶକ୍ତି ଭବନ ପରିସରରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ଏହି ବ୍ଲକସ୍ତରୀୟ ସୁଭଦ୍ର ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଆସିକା ବ୍ଲକ ପରିସରଭୁକ୍ତ ଅଞ୍ଚଳର ୧୬ଟି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ସାମିଲ୍ ହୋଇଥିଲେ । ସେମାନଙ୍କ ଦ୍ୱାରା ହାତତିଆରି ପୁଷ୍ଟିକର ପିଠା, ମାଣ୍ଡିଆସୁର, ମଣ୍ଡାପିଠା, ଛେନାମଣ୍ଡା, ପାଗର, ଇଡିଲି ଓ ଚଟଣୀ, ଜୋକଲା ଚଟଣୀ, କାକରା, ଆଳୁଦମ୍, କ୍ଷୀର ମାଲପୁଆ, ମାଣ୍ଡିଆଲଡ୍ଡୁ, ମାଣ୍ଡିଆ କାକରା, ମିଠାବରା, ମାଣ୍ଡିଆ ହାଲୁଆ, ଆରିସା, ରାଶିଲଡ୍ଡୁ, ମିଠାଜାତୀୟ ଖାଦ୍ୟ, ମାଣ୍ଡିଆ ଜାତୀୟ ଖାଦ୍ୟ, ପୋଡପିଠା ଭଳି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମରେ ଭାଗ ନେଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଆସିକା ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଇନ୍ଦିରା ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ, ଆସିକା ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଲ୍‌ଗୋପାଳ ବେହେରା, ବିଡିଓ ଲିପିନା ଦାଶ, ଆସିକା ତହସିଲର ଉପବିଭାଗୀୟ ଅଧିକାରୀ କିରଣ କୁମାର ପାଢୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ବିଚାରକ ରୂପେ ଆସିକା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିପିନା ଦାଶ, ସିଡିପିଓ ଇନ୍ଦିରା ମହାପାତ୍ର, ବିପିଏମ୍ ଅନିତା ମହାରଣା, ଆସିକା ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଲ୍‌ଗୋପାଳ ବେହେରା, ଆସିକା ତହସିଲର ଉପବିଭାଗୀୟ ଅଧିକାରୀ କିରଣ କୁମାର ପାଢୀ, ମିଶନ୍ଶକ୍ତି ବିଭାଗର ଆସିକା ବ୍ଲକ ପ୍ରକଳ୍ପ ସଂଯୋଜକ କିରଣ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ଖାଦ୍ୟଷ୍ଟଲ୍ ବୁଲି ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ, ସାଜସଜ୍ଜା, ପରିଷ୍କାର ପରିଚ୍ଛନ୍ନତା ଓ ଉପସ୍ଥାପନାକୁ ଅନୁଧ୍ୟାନ କରି ଖାଦ୍ୟର ସ୍ୱାଦ ପରଖି ମୂଲ୍ୟାୟନ କରିଥିବା ଦେଖିବାକୁ ମିଳିଥିଲା । ପ୍ରତିଯୋଗିତା ପରିଚାଳନାରେ ମିଶନ୍ଶକ୍ତି ମହିଳା ମହାସଂଘର ଆସିକା ବ୍ଲକ ସଭାନେତ୍ରୀ ପୂର୍ଣ୍ଣିମା ସ୍ୱାଇଁ, ମିଶନ୍ଶକ୍ତି ବିଭାଗର ବ୍ଲକ ପ୍ରକଳ୍ପ ସଂଯୋଜକ କିରଣ କୁମାର ସାହୁ, ସିଡିପିଓ କାର୍ଯ୍ୟାଳୟ ଅଞ୍ଚଳ ପରିଦର୍ଶିକା ଦିପ୍ତୀ ଧୋବା, ସଂଯୁକ୍ତା ବେହେରା, ଗୀତାଞ୍ଜଳୀ ଗୌଡ, ବିଷ୍ଣୁପ୍ରିୟା ବେହେରା, ସରସ୍ୱତୀ ଆଚାର୍ଯ୍ୟ, କୁମୁଦିନୀ ଶତପଥୀ, ପ୍ରମିଳା ବେହେରାଙ୍କ ସମେତ ଓଡିଶା ଜୀବିକା ମିଶନ୍ ଅଧୀନରେ ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଥିବା ନଥିପତ୍ର ପରିଚାଳିକାମାନେ ସକ୍ରିୟ ସହଯୋଗ କରିଥିଲେ । ମହିଳାମାନଙ୍କ ମଧ୍ୟରେ ଥିବା ଦକ୍ଷତାକୁ ପରିପ୍ରକାଶ କରିବା ସାଙ୍ଗକୁ ଲୋପ ପାଇବାକୁ ବସିଥିବା ପାରମ୍ପରିକ ଖାଦ୍ୟକୁ ଜନସାଧାରଣଙ୍କ ନିକଟରେ ଅଧିକରୁ ଅଧିକ ଆଦୃତ କରିବା ସକାଶେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ଖଣ୍ଡଦେଉଳୀ ଗ୍ରାମ ପଞ୍ଚାୟତର ମା ବାଙ୍କେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀକୁ ୫ ହଜାର ଟଙ୍କା ଓ ଦ୍ୱିତୀୟ ସ୍ଥାନରେ ଥିବା ଗହଙ୍ଗୁ ଗ୍ରାମ ପଞ୍ଚାୟତର ସାଇରାଜ ସ୍ୱୟଂ ସହାୟିକା ଗୋଷ୍ଠୀକୁ ୪ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା । ଭାଗ ନେଇଥିବା ସମସ୍ତ ଏସ୍ଏଚ୍‌ଜିକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆସିକା ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖଣ୍ଡଦେଉଳୀ ଗ୍ରାମ ପଞ୍ଚାୟତର ମା ବାଙ୍କେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଆସନ୍ତା ୧୨ ରୁ ୧୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବିକାଶ ମେଳାରେ ଅଂଶଗ୍ରହଣ କରିବା ଲାଗି ମନୋନୀତ ହୋଇଥିବା ଜଣାପଡିଛି । କାର୍ଯ୍ୟକ୍ରମରେ ବହୁ ନିର୍ବାଚିତ ପ୍ରତିନିଧି, ବୁଦ୍ଧିଜୀବୀ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା ।

## ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

### ସାମ୍ବାଦିକ, ବହୁ ଜନପ୍ରତିନିଧିଙ୍କୁ ସୂଚନା ନଥିବାରୁ ଅସନ୍ତୋଷ

**ପୁରୁଷୋତ୍ତମପୁର,୧୧।୬/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ସହରସ୍ଥିତ ତାରାତାରିଣୀ ମହାବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିପିସି ସାଇଦତ୍ତ ବେହେରା ଓ ସିଡ଼ିପିଓ ଲଳିତା ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ବ୍ଲକର ୧୫ଗୋଟି ପଞ୍ଚାୟତର ୧୬ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଭାଗ ନେଇଥିଲେ । ନିଜ ଦ୍ୱାରା ପ୍ରସ୍ତୁତ ଓଡ଼ିଆ ପାରମ୍ପରିକ ବିଭିନ୍ନ ପ୍ରକାର ରନ୍ଧନ ଖାଦ୍ୟ ଷ୍ଟଲ୍ ଗୁଡିକରେ ପ୍ରଦର୍ଶିତ କରିଥିଲେ । ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ବିଡ଼ିଓ ଶରତ ଚନ୍ଦ୍ର ପାତ୍ର, ସମାଜସେବୀ ନିର୍ମଳ ଚନ୍ଦ୍ର ସାହୁ, ବିଧାୟକ ପ୍ରତିନିଧି କୋରନାଥ ସ୍ୱାଇଁ, ଜଗତ ବନ୍ଧୁ ପଣ୍ଡା, ବିପିଏମ, ମିନେନ୍ଦ୍ର ଦଳେଇ, ବିଏସ ଏସ ଓ କାହ୍ନୁ ଚରଣ ସୋରେନ, ବିଏଲ ଏଫ ସଭାନେତ୍ରୀ ଓ ସମ୍ପାଦିକାଙ୍କ ସହ ବହୁ ଏମ୍‌ବିକେ ଉପସ୍ଥିତ ଥିଲେ । ତେବେ ଓଡ଼ିଆର ପାରମ୍ପରିକ ଖାଦ୍ୟ, ସମ୍ପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନ ସହିତ ଉତ୍ତମ ଗୁଣବତ୍ତା, ସ୍ୱାଦିଷ୍ଟ ଭାବରେ ପ୍ରସ୍ତୁତ କରିଥିବା ସ୍ୱୟଂ ସହାୟିକା ଗୋଷ୍ଠି ପ୍ରତିଯୋଗୀମାନଙ୍କ ଖାଦ୍ୟକୁ ପରୀକ୍ଷା କରିବା ପାଇଁ ପାଞ୍ଚ ଜଣିଆ ବିଚାରକ ମଣ୍ଡଳୀ ବିଡ଼ିଓ, ସିଡିପିଓ, ବିପିସି, ବିପିଏମ ଓ ବ୍ଲକ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ । ଖାଦ୍ୟର ମାନ ଓ ଗୁଣବତ୍ତା ଏବଂ ଟେଷ୍ଟ କରିବା ସହ ଦୁଇଗୋଟି ଏସହେଚ୍‌ଜି ଗ୍ରୁପକୁ ଶ୍ରେଷ୍ଠ ବିବେଚନା କରିଥିଲେ । ପ୍ରଥମ ଭାବେ ଭାଟକୁମରଡ଼ାର ବୃନ୍ଦାବତି ଏସହେଚ୍‌ଜି ଗ୍ରୁପର ସଭାନେତ୍ରୀ ସନ୍ତୋଷୀ ଜେନା, ସମ୍ପାଦିକା ମନୋରମା ସେଠୀଙ୍କୁ ପୁରସ୍କାର ସ୍ୱରୂପ ପାଞ୍ଚ ହଜାର ଟଙ୍କାର ଚେକ ଏବଂ ୨ୟ ସ୍ଥାନ ହାସଲ କରିଥିବା ସରସିଙ୍ଗି ପଞ୍ଚାୟତର ବାଲୁକେଶ୍ୱର ସ୍ୱୟଂ ସହାୟିକା ଗ୍ରୁପର ସଭାନେତ୍ରୀ ସନ୍ତୋଷୀ ଜେନା ଓ ସମ୍ପାଦିକା ବବିତା ଜେନାଙ୍କୁ ଚାରି ହଜାର ଟଙ୍କାର ଚେକ ବିଧାୟକ ଓ ଅନ୍ୟ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାରଙ୍କ ମିଶନ ଶକ୍ତି ମହିଳାମାନଙ୍କୁ ସଶକ୍ତିକରଣ କରି ନିଜର ଆତ୍ମ ରୋଜଗାରକୁ ସୁଦୃଢ଼ କରିବା ପାଇଁ ଏହା ଏକ ମାଧ୍ୟମ ଭାବେ ଆରମ୍ଭ କରିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସବୁ ଜନପ୍ରତିନିଧିମାନଙ୍କୁ ଡାକିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଥିବା ବେଳେ ବିପିସିଙ୍କ ମନମାନି ଯୋଗୁଁ ଏବଂ ସମୟ ନିର୍ଘଣ୍ଟରେ ପ୍ରାୟ ୫ଘଣ୍ଟା ବିଳମ୍ବରେ ଆରମ୍ଭ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ଏନଏସି ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା ସେହି ସ୍ଥାନକୁ ଯାଇ ଫେରି ଆସିଥିଲେ । ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଓ କିଛି ବ୍ଲକ ଷ୍ଟାଫ ସହିତ ବିଏଲଏଫର କିଛି କର୍ମକର୍ତ୍ତା ଦୁଇ ଜଣ ସାମ୍ବାଦିକଙ୍କୁ ଛାଡିଦେଲେ ଅନ୍ୟ କୌଣସି ସାମ୍ବାଦିକମାନଙ୍କୁ ଡକା ଯାଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇଥିବାରୁ ବିଧାୟକ ଓ ବିଡ଼ିଓ ବିପିସିଙ୍କ ଉପରେ ବିରକ୍ତି ପ୍ରକାଶ କରି ତାଙ୍କୁ ବିଡ଼ିଓଙ୍କ କକ୍ଷକୁ ଡାକିବାକୁ ଫୋନ କରିଥିଲା ବେଳେ ମୋବାଇଲ ସୁଇଚ ଅଫ ଥିଲା । କାର୍ଯ୍ୟରେ ଅବହେଳା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି ।

## ଅବକାରୀ ଧରପଗଡ଼: ମଦ ଜବତ, ୨ ଗିରଫ

**ବୁଗୁଡା,୧୧।୬/ଏନ୍ଏନ୍ଏସ୍:** ଅବକାରୀ ପୋଲିସ ଦୁଇଟି ସ୍ଥାନରେ ଚଢାଉ କରି ଦେଶୀ ଓ ବିଦେଶୀ ମଦ ଜବତ ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫଦ୍ୱୟ ହେଲେ ଉଦୟପୁର ଗାଁର ରାଧାମୋହନ ନାୟକ (୪୫)ଓ ଓ ଗାଙ୍ଗପୁର ଗ୍ରାମର ଲିଙ୍ଗରାଜ ପରିଡା (୫୫) । ଆଜି ପୂର୍ବାହ୍ନରେ ରାଧାମୋହନ କରସିଙ୍ଗି ଗ୍ରାମର ଏକ ଗଛମୂଳେ ଦେଶୀ ମଦ ବିକ୍ରି କରୁଥିଲା । ଖବର ପାଇ ଅବକାରୀ ବିଭାଗ ସେଠାରେ ଚଢାଉ କରି ତା'ଠାରୁ ୨୦ ଲିଟର ମଦ ଜବତ କରିବା ସହ ତାକୁ ଗିରଫ କରିଥିଲେ । ଏ ନେଇ ଅବକାରୀ ଥାନାରେ କେସ୍ ନଂ ୨୯/୨୫-୨୬ରେ ଏକ ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ଗାଙ୍ଗପୁର ଗ୍ରାମର ମଦ ବିକ୍ରେତା ଲିଙ୍ଗରାଜ ବିରଞ୍ଚିପୁର ଛକରେ ମଦ ଚାଲାଣ ନିମନ୍ତେ ଅପେକ୍ଷା କରିଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ସେଠାରେ ମଧ୍ୟ ଚଢାଉ କରି ତା'ଠାରୁ ବିଅର୍ ୯.୬୬ ଲିଟର ଏବଂ ବିଦେଶୀ ମଦ ୬.୩ ଲିଟର ଜବତ କରିବା ସହ ତାକୁ ଗିରଫ କରିଥିଲେ । ଅବକାରୀ ଥାନାରେ କେସ୍ ନଂ ୩୬/୨୫-୨୬ରେ ମଧ୍ୟ ଏକ ମାମଲା ରୁଜୁ ହୋଇଥିବା ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ ପାଇଛି ।

## ପୋଖରୀ କାମରେ ଦୁର୍ନୀତି ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଦାବିକଲେ ଗ୍ରାମବାସୀ

**କନ୍ଧମାଳ,୧୧।୬/ଏନ୍ଏନ୍ଏସ୍:** ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ରାଜ୍ୟ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଥିବା କହୁଥିବା ବେଳେ ଏହି କାମ ଗୁଡିକର ଦାୟିତ୍ୱରେ ଥିବା କିଛି ଅସାଧୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକାରେ ଏଭଳି ଅନେକ ଉନ୍ନୟନ ମୂଳକ କାର୍ଯ୍ୟ କୋଉଠି ଅର୍ଦ୍ଧ ନିର୍ମିତ ହୋଇ ବର୍ଷବର୍ଷ ଧରି ପଡ଼ିରହିଛି ତ ଆଉ କୋଉଠି ଯନ୍ତ୍ରୀ ଏବଂ ଠିକାଦାରଙ୍କ ଅବହେଳା ପାଇଁ କାର୍ଯ୍ୟ ଗୁଡିକ ଅଧାଗଢ଼ା ହୋଇ ଭାଙ୍ଗିବାକୁ ବସିଲାଣି । ଯାହାପାଇଁ ପ୍ରକଳ୍ପ ଗୁଡିକ ବ୍ୟବହାର ଯୋଗ୍ୟ ହୋଇନପାରି ସାଧାରଣ ଜନସାଧାରଣ ମାନଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏଭଳି ଏକ ଅଧା ଗଢ଼ା ପ୍ରକଳ୍ପ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ୍ରାନ୍ତିବାଲି ପଂଚାୟତର କେଉଁଟମାରି ଗାଁରେ । ସୂଚନା ଅନୁସାରେ ରାଜ୍ୟ ସରକାରଙ୍କ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି କେଉଁଟମାରି ଗାଁରେ ଥିବା ପୋଖରୀର ଉନ୍ନତି କରଣ ଓ ପୁନରଉଦ୍ଧାର ପାଇଁ ୯ ଲକ୍ଷ ୯୬ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ଏହାସହ ଏହି କାମଟିକୁ ୪-୫-୨୦୨୩ ସୁଦ୍ଧା ସାରିବା ପାଇଁ ନିର୍ଦ୍ଦେଶ ରହିଥିଲା । କିନ୍ତୁ ବିଭାଗୀୟ ଅଧକାରୀଙ୍କ ଦାୟିତ୍ୱ ହୀନତା, କନିଷ୍ଠ ଯନ୍ତ୍ରୀଙ୍କ ଅବହେଳା ଓ ଏହି କାମକୁ କରୁଥିବା ଜଣେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଗତ ଦୁଇ ବର୍ଷ ଧରି ଏହି ପୋଖରୀ କାମଟି ସାରିପାରୁନଥିବା ଅଭିଯୋଗ ହୋଇଛି । ଠିକାଦାର ଜଣକ କୌଣସି ପଙ୍କ ଉଦ୍ଧାର ନକରି କେବଳ ଏହି ପୋଖରୀର ଗୋଟେ ପଟେ ଗାଡ଼ୱାଲ ନିର୍ମାଣ କରିବା ସହ କିଛି ପାହାଚ ନିର୍ମାଣ କରି କାମକୁ ବନ୍ଦ କରି ରଖିଦେଇଥିବାରୁ ପୋଖରୀଟି ବ୍ୟବହାର ଉପଯୋଗୀ ହୋଇପାରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେମିତି କିଛି ଆଖି ଦୃଶିଆ କାମ ନହୋଇ ଥିଲେ ମଧ୍ୟ କାମରେ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଠିକାଦାର ଜଣକ କାମଟିକୁ ଅସମ୍ପୂର୍ଣ୍ଣ କରି ପକେଇ ରଖିଥିବାରୁ ପୋଖରୀଟି ଅନାବନା ଘାସରେ ପରିପୂର୍ଣ୍ଣ ହୋଇ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇସାରିଲାଣି । ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ଏହି କାମକୁ ନେଇ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ମଧ୍ୟ ଦାବି କରିଛନ୍ତି ଗାଁର କିଛି ଭଦ୍ର ବ୍ୟକ୍ତି । ପୋଖରୀର ପୁନଃରୁଦ୍ଧାର ନାଁରେ ହରିଲୁଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିବା ବେଳେ ଏହି ପୋଖରୀ କାମକୁ ଶୀଘ୍ର ସାରିବା ପାଇଁ ମଧ୍ୟ ଦାବି କରିଛନ୍ତି । ଏହି ପୋଖରୀଟି ଗ୍ରାମବାସୀ ମାନଙ୍କ ପାଇଁ ଏକ ମାତ୍ର ପୋଖରୀ ହୋଇଥିବା ଓ ଗାଧୁଆପାଧୁଆ ପାଇଁ ଅନ୍ୟ କୌଣସି ବିକଳ୍ପ ନଥିବାରୁ ବାଧ୍ୟ ହୋଇ ବିପଦ ସଂକୁଳ ଅବସ୍ଥାରେ ଏହି ଅଧାଗଢ଼ା ପୋଖରୀକୁ ଗ୍ରାମବାସୀ ବ୍ୟବହାର କରିବା ପାଇଁ ବାଧ୍ୟ ହେଉଛନ୍ତି ବୋଲି ଅଭିଯୋଗ ମଧ୍ୟ ହୋଇଛି । ଏହି ପୋଖରୀର କାମ ବିଷୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଲୀନ୍ମୟ ସ୍ୱାଇଁ ଙ୍କୁ ପଚାରିବାରୁ ଠିକାଦାର ଜଣକ ଯେତିକି କାମ କରିଛି ସେତିକି ବିଲ ହୋଇସାରିଛି ଓ କାମ ସମ୍ପୂର୍ଣ୍ଣ କରିବା ପାଇଁ ତାଗିଦ ମଧ୍ୟ କରାଯାଇଛି ବୋଲି କହିଛନ୍ତି । ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ପଚାରିବରୁ ଯଦି କାମରେ ଦୁର୍ନୀତି ହୋଇଛି ତାହେଲେ ତଦନ୍ତ କରାଯିବ ବୋଲି କହିବା ସହ ଖୁବ ଶୀଘ୍ର କାମଟିକୁ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି ।





## କଳିଙ୍ଗ ଯାଦବ ସଂଘ ପାଇଁ ବିଧାୟକଙ୍କ ଦ୍ୱାରା କମ୍ୟୁନିଟି ହଲ୍ ଭିତ୍ତିପ୍ରସ୍ତର



**ବ୍ରହ୍ମପୁର,୧୧।୬/ଏନ୍ଏନ୍ଏସ୍:** ବିଜିପୁର କାଳୀ ମନ୍ଦିର ନିକଟରେ କଳିଙ୍ଗ ଯାଦବ ସଂଘ ପାଇଁ ଏକ ନୂତନ କମ୍ୟୁନିଟି ହଲ ନିର୍ମାଣ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି । ବିଧାୟକ କେ. ଅନିଲ କୁମାର ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ସଂଘର କୋଠା ନିର୍ମାଣ ପାଇଁ ବ୍ରହ୍ମପୁର ବିଧାୟକ ତାଙ୍କ ହାତ ପାଣ୍ଠିରୁ ଅନୁଦାନ ଯୋଗାଇ ଦେଇଥିବା ଜଣାପଡିଛି । ବିଧାୟକଙ୍କ ଉଦ୍ୟମରେ ବହୁ ଦିନର ଆଶା ପୂରଣ ହେବାକୁ ଯାଉଥିବାରୁ ସ୍ଥାନୀୟ ବାସିନ୍ଦାମାନେ କୃତଜ୍ଞତା ଜଣାଇଛନ୍ତି । ଏହି କମ୍ୟୁନିଟି ହଲ ଆଗାମୀ ଦିନରେ ସାମୂହିକ କାର୍ଯ୍ୟକ୍ରମ, ସାଂସ୍କୃତିକ ଅନୁଷ୍ଠାନ, ବିବାହ ଓ ଅନ୍ୟାନ୍ୟ ସଭା କାର୍ଯ୍ୟରେ ବ୍ୟବହାରରେ ଆସିବ ବୋଲି କୁହାଯାଇଛି । ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯାଦବ ସଂଘର ବହୁ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସିନ୍ଦା ଉପସ୍ଥିତ ଥିଲେ ।

**ନିତି ଭାରତୀ**

ଉତ୍ସାହୀ ଏବଂ କର୍ମପ୍ରବଣ ଥିବାବେଳେ ଜଣେ ସୁଖରେ ରହିଥାଏ; ବିଳାସବ୍ୟସନ ଏବଂ ଆନନ୍ଦ ଖୋଜୁଥିବା ବେଳେ ନୁହେଁ।
**- ଦେବାଶିଷ ମିଧା**

ନିତିଦିନ NITIDIN
ଗୁରୁବାର, ୧୨ ଜୁନ୍ ,୨୦୨୫

# ଲୋକଙ୍କ ସରକାର

କାଲି ଭଳି ଲାଗୁଛି। ନୂଆ ସରକାରକୁ ଏକ ବର୍ଷ ଆଜି ପୂରିଛି। ଗତ କାଲି ଥିଲା ପବିତ୍ର ସ୍ନାନ ପୂର୍ଣ୍ଣିମା। ମୁଁ ସ୍ନାନବେଦୀରେ ମହାପ୍ରଭୁଙ୍କ ଆଖିରେ ଆଖି ମିଳାଇ ସାରା ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କଲି। ରତ୍ନ ସିଂହାସନ ଛାଡ଼ି ସ୍ନାନବେଦୀରେ ବିଦ୍ୟମାନ ପ୍ରଭୁଙ୍କୁ ଅପଲକ ନୟନରେ ଦେଖିଲି। ଆତ୍ମସନ୍ତୋଷ ଓ ଖୁସି ମନରେ ମହାପ୍ରଭୁଙ୍କଠାରୁ ମେଲାଣି ନେଲି। ମହାପ୍ରଭୁ ଆମ ସମସ୍ତଙ୍କର ମାଲିକ, ଆମେ ସମସ୍ତେ ତାଙ୍କର ସେବକ। ତାଙ୍କର ଆଶୀର୍ବାଦ ହିଁ ଆମର ଶକ୍ତି।

ପୁରୀରୁ ଭୁବନେଶ୍ୱର ଫେରିବା ବେଳେ ମୋ ଜୀବନର ସୁଖଦୁଃଖ ଓ ଅଙ୍ଗେନିଭା କଥା। ରାଜନୈତିକ ସଂଘର୍ଷ- ଜୟ-ପରାଜୟ ତଥା ସଫଳତା-ବିଫଳତାର କାହାଣୀ।



**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର

ବର୍ଷରେ ସରକାରରେ ମୋ ନେତୃତ୍ୱ। ତିକ୍ତ-ମଧୁର ଅନୁଭୂତି। ବର୍ଷକରେ ଆମେ କଲୁ କ'ଣ ? ୪ ବର୍ଷରେ ଆମର ଆଉ କ'ଣ କରିବାକୁ ବାକି ରହିଲା ? ୨୦୩୬ ଆମର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ସମୟରେ ଆମର ଲକ୍ଷ୍ୟ ପୂରଣ ପାଇଁ କ'ଣ କ'ଣ ପଦକ୍ଷେପ ଆଜିଠାରୁ ଆବଶ୍ୟକ ? ୨୦୪୭ ମସିହା ଆମ ଦେଶ ଯେତେବେଳେ ସ୍ୱାଧୀନତାର ଶତାବ୍ଦୀ ପାଳନ କରିବ- ଦେଶକୁ ବିଶ୍ୱ ଦରବାରରେ ଶ୍ରେଷ୍ଠ କରିବାରେ ଓଡ଼ିଶାର କ'ଣ ଓ କେତେ ବଡ଼ ଭୂମିକା ରହିବ, ତାକୁ ନେଇ ଅନେକ କଳ୍ପନା, ଯୋଜନା ତଥା ସଂକଳ୍ପ ମୋ ମନ ଭିତରେ ଉଙ୍କି ମାରୁଥିଲା।

ଠିକ୍ ବର୍ଷେ ତଳେ ଆଜି ଦିନରେ ଭୁବନେଶ୍ୱର ଜନତା ମଇଦାନରେ ଶପଥ ଗ୍ରହଣ ଉତ୍ସବ ପରେ ଲୋକସେବା ଭବନ ଆସି ପ୍ରଥମ କ୍ୟାବିନେଟ୍ ବୈଠକ କଲୁ। ୨୪ ମିନିଟ୍‌ରେ ଆମେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭକ୍ତ ମଧ୍ୟରେ ପ୍ରାଚୀର ସୃଷ୍ଟି କରିବାର ଓଡ଼ିଆ ଭାବାବେଗ ବିରୋଧୀ ୪ ଦ୍ୱାରରୁ ୩ ଦ୍ୱାର ବନ୍ଦ ନିଷ୍ପତ୍ତିକୁ ବଦଳାଇ ୪ ଦ୍ୱାର ଖୋଲିବାର ନିର୍ଣ୍ଣୟ ନେଲୁ। ମହାପ୍ରଭୁଙ୍କ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ କଲୁ। ଆମ ସୁଭଦ୍ରା ସ୍ୱରୂପ ମା' ଭଉଣୀଙ୍କ ପାଇଁ ସୁଭଦ୍ରା ଯୋଜନା ତଥା ଅନ୍ନଦାତା କୃଷକ ଭାଇ-ଭଉଣୀଙ୍କ ପାଇଁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନପୁଟ୍ ସବ୍‌ସିଡି ମାଧ୍ୟମରେ ଧାନ କୁଇଣ୍ଟାଲର ଦାମ ୩,୧୦୦ ଟଙ୍କାରେ ପହଞ୍ଚାଇବାକୁ ନିର୍ଣ୍ଣୟ କଲୁ। ପୂରା କ୍ୟାବିନେଟ୍ ସହ ସେଦିନ ରାତି ପୁରୀରେ ରହିଲୁ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ସହ ୪ ଦ୍ୱାର ଖୋଲିଲା।

ଆଜି ଯେତେବେଳେ ସେହି ଦିନଗୁଡ଼ିକର ଏକ ବର୍ଷ ପୂର୍ତ୍ତି ହେଉଛି, ମୋ ନେତୃତ୍ୱରେ ବର୍ଷକରେ କ'ଣ କ'ଣ ଜନହିତକର କାମ ହୋଇଛି, ତା'ର ଚର୍ଚ୍ଚା ହେବା ସ୍ୱାଭାବିକ୍। ଆମର ସଂକଳ୍ପ ପତ୍ରରେ ଆମେ ଯେଉଁ ଯେଉଁ ସଂକଳ୍ପକୁ ଜନତା ଦରବାରରେ ଉପସ୍ଥାପିତ କରିଥିଲୁ, ସେଥିପାଇଁ ମୋ ସରକାର ଓ ମୁଁ ଉତ୍ତରଦାୟୀ।

ବର୍ଷକରେ ଆମ କାମର ହିସାବ ଦେବା ମୋ ସରକାର ଏବଂ ବ୍ୟକ୍ତିଗତ ଭାବରେ ମୋର ଦାୟିତ୍ୱ। ମାତ୍ର ହିସାବ ଦେବା ଆଗରୁ ଗୋଟିଏ କଥା କହିବି, ଏ ଜାତିର ନମସ୍ୟ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ କହିଥିଲେ, ଉତ୍କଳେ ନେତାର ନାହିଁ ପ୍ରୟୋଜନ-ଉତ୍କଳର ନେତା ସ୍ୱୟଂ ନାରାୟଣ। ମୁଁ ଆଦିବାସୀ ଘରେ ଜନ୍ମ। ଦାରିଦ୍ର୍ୟ- ଅନାଟନ-ଅଭାବ ଓ ଅସୁବିଧାକୁ ସାମ୍ନା କରି ଆଗକୁ ବଢ଼ିଛି। ଯେବେ ପଡ଼ିଛି, ଆହୁରି ଦୃଢ଼ ଓ ଆତ୍ମବିଶ୍ୱାସର ସହ ଛିଡ଼ା ହୋଇଛି। ଆମର ମହାପ୍ରଭୁ ଆଦିବାସୀ ଓ ଗରିବର ଦେବତା। ବୋଧହୁଏ ମୋ ଭଳି ଗରିବ ଆଦିବାସୀ ପରିବାରରୁ ଆସିଥିବା ସାଧାରଣ-ସରଳ ମଣିଷଟିଏ ହାତରେ ତାଙ୍କର ସେବା ପାଇଁ ସୁଯୋଗ ଦେଇଥିବାରୁ ତାଙ୍କର ସେବକ ଭାବରେ ତାଙ୍କରି ହିଁ କାମ କରୁଛି। ଏହି ଭାବାବେଗ ସହ ଏହି ଆଲେଖ୍ୟ ତାଙ୍କୁ ହିଁ ସମର୍ପଣ କରୁଛି।

ଓଡ଼ିଶାର ପ୍ରିୟ ଭାଇଭଉଣୀମାନେ! ଆଜି ଓଡ଼ିଶାରେ ବିଜେପି ଶାସନ ଆସିବାର ପ୍ରଥମ ବର୍ଷ ପୂର୍ତ୍ତି ସତ। ମାତ୍ର ଏହା ସହ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଶାସନର ୧୧ ବର୍ଷ ପୂର୍ତ୍ତି ମଧ୍ୟ ହୋଇଛି। ନରେନ୍ଦ୍ର ମୋଦୀ ତାଙ୍କ ଶାସନରେ ପୂର୍ବ ଭାରତକୁ ପ୍ରାଥମିକତା ଦେଇଛନ୍ତି ଓ ଓଡ଼ିଶା ପୂର୍ବ ଭାରତ ବିକାଶର ପ୍ରବେଶ ପଥ ହୋଇଛି। ଦିଲ୍ଲୀ ଓ ଭୁବନେଶ୍ୱରରେ ବିଜେପି ଶାସନ ନୁହେଁ, ଆମେ ଏହାକୁ ଡବଲ ଇଞ୍ଜିନ୍ ସରକାର ବୋଲି କହୁଛୁ। ଓଡ଼ିଶାକୁ ମୋଦିଜୀ ସାରା ଦେଶରେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଅଧିକ ପ୍ରାଧାନ୍ୟ ଦେବା କାରଣରୁ ଓଡ଼ିଶା ଜାତୀୟ ସ୍ତରରେ ବି ନାଁ କରିଛି।

ଗତ କିଛି ଦିନ ତଳେ ଦିଲ୍ଲୀରେ ନୀତି ଆୟୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ମୋଦିଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଁ ଏଥିରେ ଓଡ଼ିଶାର କାର୍ଯ୍ୟକ୍ରମ-କେନ୍ଦ୍ର ସରକାରଙ୍କଠାରୁ ଅପେକ୍ଷା ଆଲୋଚନା ସମୟରେ ଦୁଇଟି ପ୍ରସଙ୍ଗ ଗୁରୁତ୍ୱର ସହ ଉଲ୍ଲେଖ କରିଥିଲି। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ମହିଳା ସଶକ୍ତିକରଣକୁ ଆଗକୁ ନେଇ ଆମେ ଓଡ଼ିଶାରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଲକ୍ଷ୍ୟ ହାସଲ କରିବା କଥା କହିଥିଲି। ଦେଶର ୨୦୪୭ର ଲକ୍ଷ୍ୟ ପୂର୍ବରୁ ଆମ ରାଜ୍ୟ ଗଠନର ୨୦୩୬ ମସିହା ସୁଦ୍ଧା ଆମର ବଡ଼ ଲକ୍ଷ୍ୟର କଥା ଉଲ୍ଲେଖ କରିଥିଲି। ମୋଦିଜୀ ତାଙ୍କ ଭାଷଣ ସମୟରେ ମୁଁ ଉଲ୍ଲେଖ କରିଥିବା ଏହି ଦୁଇ ପ୍ରସଙ୍ଗକୁ ଉଲ୍ଲେଖ କରି ଆମ କାମକୁ ସମ୍ମତି ପ୍ରଦାନ କରିଥିଲେ।

ବର୍ଷକ ପୂର୍ବରୁ ନିର୍ବାଚନ ପରେ ଏନଡିଏ ସାଂସଦମାନଙ୍କୁ ଉଦ୍‌ବୋଧନ ଦେଇ ଓଡ଼ିଶା ଦେଶର ଗ୍ରୋଥ୍ ଇଞ୍ଜିନ୍ ହେବ ବୋଲି କହିଥିଲେ ମୋଦିଜୀ। ଏହା ଭିତରେ ମୋଦିଜୀ ଓଡ଼ିଶାକୁ ବର୍ଷକରେ ୫ ଥର ଆସିବା ପରେ ପୁଣି ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରର ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସଦୟ ସମ୍ମତି ପ୍ରଦାନ କରିଛନ୍ତି। ଓଡ଼ିଆ ଜନତାଙ୍କ ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା ଓ ଦେଶର ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଓଡ଼ିଶା ପ୍ରତି ଅଧିକ ସମ୍ବେଦନଶୀଳତା ଆମକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବ ବୋଲି ମୁଁ ମୋର ପ୍ରିୟ ରାଜ୍ୟବାସୀଙ୍କୁ ଭରସା ଦେଉଛି।

ମୋଦିଜୀଙ୍କ ଭାଷାରେ, ଆମର ମୋଟ ୪ ଜାତି। ଜାତି- ୧, ଗରିବ। ଜାତି-୨, କୃଷକ। ଜାତି-୩, ଯୁବ ପିଢ଼ି। ଜାତି-୪, ମହିଳା। ୨୦୧୪ରୁ ଦେଶରେ ଗାନ୍ଧୀ- ଦୀନଦୟାଲଙ୍କ ଗରିବ କଲ୍ୟାଣ ଓ ଅନ୍ତ୍ୟୋଦୟର ଶାସନ ଚାଲୁଛି। ଏବେ ସଦ୍ୟତମ ବିଶ୍ୱ ବ୍ୟାଙ୍କ ରିପୋର୍ଟ କହୁଛି, ମୋଦିଜୀଙ୍କ ନେତୃତ୍ୱରେ ଆମ ଦେଶରେ ଗରିବୀ ହଟାଅ ସ୍ଲୋଗାନ ନୁହେଁ, ଗରିବ କଲ୍ୟାଣ ଦେଶବାସୀଙ୍କ ପାଇଁ ଜନ ଆଶୀର୍ବାଦ ହୋଇଛି। ସବ୍‌କା ସାଥ୍ ସବ୍‌କା ବିକାଶ, ସବ୍‌କା ପ୍ରୟାସ, ସବ୍‌କା ବିଶ୍ୱାସ ଓଡ଼ିଶାରେ ବି ଆମ ଶାସନର ମୂଳମନ୍ତ୍ର ହୋଇଛି।

ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା, ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଗରିବ ପରିବାରର ଝିଅମାନଙ୍କ ବିବାହକୁ ଜାକଜମକରେ କରିବାର ବ୍ୟବସ୍ଥା। ସ୍ୱୟଂ ସହାୟକ ଗୋଷ୍ଠୀର ବିକାଶ ମାଧ୍ୟମରେ ରାଜ୍ୟର ଅର୍ଥନୀତିକୁ ବଡ଼ କରିବାର ବଡ଼ ଯୋଜନା କ୍ରିୟାନ୍ୱିତ ହେଉଛି।

୮୦୦ ଟଙ୍କାର ଧାନ ଉପରେ ଇନ୍‌ପୁଟ୍ ସବ୍‌ସିଡି ଦେଇ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୩,୧୦୦ ଟଙ୍କା କରିବା ଆମର ବଡ଼ ନିଷ୍ପତ୍ତି। କୃଷି, ମତ୍ସ୍ୟ, ପଶୁପାଳନ, ସମବାୟ ଓ ଜଳସେଚନ- ଏହିସବୁ ବିଭାଗର ଯୋଜନାକୁ ଏକୀକୃତ କରି ଚାଷୀମାନଙ୍କର ବଡ଼ ବିକାଶର କାମରେ ଲାଗିଛି ଆମ ସରକାର।

ଶିଳ୍ପ ପ୍ରସ୍ତାବ ଆସୁଥିଲା। ଉପଯୁକ୍ତ ଉଦ୍ୟମ ଅଭାବରୁ ଫେରି ଯାଉଥିଲା। ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ମୋଦୀ ଯୋଗ ଦେଲେ ଓ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ଅନୁରୋଧ କରି ସେମାନଙ୍କୁ ମୋଦୀ ଗ୍ୟାରେଣ୍ଟିର ପ୍ରତିଶ୍ରୁତି ଦେଲେ। ଏବେ ଆମ ରାଜ୍ୟକୁ ପାଖାପାଖି ୧୭ ଲକ୍ଷ କୋଟି ପୁଞ୍ଜିନିବେଶର ପ୍ରସ୍ତାବ ଆସିଛି। ସେଥି ମଧ୍ୟରୁ ଅନେକଙ୍କର କାମ ଆରମ୍ଭ ହୋଇ ସାରିଲାଣି। ଆମର ନିଷ୍ଠାପର ଉଦ୍ୟମ ଯେତେ ପ୍ରସ୍ତାବ ଆସୁଛି, ତାକୁ ସବୁ ଏବଂ କମ୍ ସମୟରେ କିପରି କ୍ରିୟାନ୍ୱିତ ହୋଇ ପାରିବ, ତା'ର ପ୍ରବନ୍ଧନ କରିବା ଓ ଆମ ଯୁବ ପିଢ଼ି ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା।

୫ ବର୍ଷରେ ଦେଢ଼ଲକ୍ଷ ସରକାରୀ କର୍ମଚାରୀ ପଦବୀ ପୂରଣ ପାଇଁ ଆମେ ସଂକଳ୍ପ ପତ୍ରରେ କହିଥିଲୁ। ତୃଣମୂଳ ସ୍ତରରେ ଯୋଜନା କ୍ରିୟାନ୍ୱୟନ ହେବାରେ ବଡ଼ ପ୍ରତିବନ୍ଧକ କର୍ମଚାରୀ ଅଭାବ। ଗତ ବର୍ଷକରେ ସ୍ୱଚ୍ଛ ନିର୍ମଳ ପ୍ରକ୍ରିୟାରେ ୨୭ ହଜାର କର୍ମଚାରୀ ପଦବୀ ପୂରଣ କରିଛୁ। ଆଗାମୀ ବର୍ଷ ଆଉ ୪୦ ହଜାର ପଦବୀ ପୂରଣ କରିବାର ଲକ୍ଷ୍ୟ ରଖିଛୁ।

୨୪ ବର୍ଷ ସରକାରରେ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ନିଷ୍ପତ୍ତି ହୋଇପାରୁ ନଥିଲା। ଏବେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ଇତି ମଧ୍ୟରେ ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ସମାନ ସଂରକ୍ଷଣ ପାଇଁ ମୋ ପାଖକୁ ଅନେକ ଦାବି ଆସୁଛି। ଆମେ ତର୍ଜମା କରି ନିଶ୍ଚିତ ନିର୍ଣ୍ଣୟ କରିବୁ।

ଏବେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ ହେବା କାରଣରୁ ମାଗଣା ସ୍ୱାସ୍ଥ୍ୟସେବା ଲୋକଙ୍କ ପାଖରେ ପହଞ୍ଚିଛି। ଏଥିପାଇଁ ଆମର ପ୍ରବାସୀ ଶ୍ରମିକମାନେ ବିଶେଷ ଲାଭବାନ ହୋଇଛନ୍ତି। ଏବେ କେନ୍ଦ୍ରାପଡ଼ା ଗସ୍ତ ସମୟରେ ବିରୋଧୀ ଦଳର ଜଣେ ବିଧାୟକ ଓ ନେତୃବୃନ୍ଦ କେନ୍ଦ୍ରାପଡ଼ାର ପ୍ରବାସୀମାନଙ୍କର ଆୟୁଷ୍ମାନ ଯୋଜନା ପାଇଁ ଖୁସି ପ୍ରସଙ୍ଗ ଉଲ୍ଲେଖ କରୁଥିଲେ। ମୋଦୀଙ୍କୁ ଶ୍ରେୟ ଚାଲିଯିବ ବୋଲି ଗରିବ ଓଡ଼ିଆଙ୍କୁ କଷ୍ଟ ଦେଇ ରାଜନୈତିକ ସ୍ୱାର୍ଥ ହାସଲ କରିବାକୁ ମୁଁ ଗ୍ରହଣ କରିପାରୁ ନାହିଁ। ସ୍ୱାସ୍ଥ୍ୟ ସହ ଶିକ୍ଷା ଓ ଏଥିପାଇଁ ନୂତନ ଶିକ୍ଷାନୀତି-୨୦୨୦ର କ୍ରିୟାନ୍ୱୟନ ପୂରା ନିଷ୍ଠାର ସହ ଚାଲିଛି।

୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ଭତ୍ତା ରାଶି ୩,୫୦୦କୁ ବୃଦ୍ଧି କରାଯାଇଛି ଆୟୁଷ୍ମାନ ଯୋଜନାରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ବୟୋବନ୍ଦନା ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଦେବାର ବ୍ୟବସ୍ଥା ହୋଇଛି।

ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ, ଉପାନ୍ତ ଓ ଦୁର୍ଗମର ବାସିନ୍ଦା, ଯେଉଁମାନେ ମୋଟାମୋଟି ରାଜ୍ୟର ଗରିବମାନଙ୍କର ପ୍ରମୁଖ ଭାଗ, ସେମାନେ ଆମର ପ୍ରାଥମିକତାରେ ଅଛନ୍ତି ଏବଂ ଏକ ବର୍ଷର ସରକାରରେ ସେମାନଙ୍କର ସେବା ପାଇଁ ଆମେ ଉଦ୍ୟମରେ କେବେ ଅବହେଳା କରିନୁ।

ମୋତେ ଜଣା, ଆମ ରାଜ୍ୟରେ ପିଇବା ପାଣି ଏକ ସମସ୍ୟା ଭାବରେ ମୁଣ୍ଡ ଟେକିଛି। ଦକ୍ଷିଣ ଭାରତରୁ ଠିକାଦାର ଆଣି ପ୍ୟାକେଜ ମାଧ୍ୟମରେ କାମ ପୂର୍ବ ସରକାରରେ ଦେଇଥିଲେ। ପାଇପ ପାଣି ଯୋଗାଣ ଆମ ରାଜ୍ୟରେ ବିଡ଼ମ୍ବନା ହୋଇଛି। ଆମେ ଆମର ମା'ମାନଙ୍କର ଏହି ପ୍ରମୁଖ ଆବଶ୍ୟକତାକୁ ଯୁଦ୍ଧକାଳୀନ ଭିତ୍ତିରେ କ୍ରିୟାନ୍ୱୟନ କରୁଛୁ। ୨୦୨୬ ସୁଦ୍ଧା ରାଜ୍ୟର ୯୦ ପ୍ରତିଶତ ଘରେ ଶୁଦ୍ଧ ପିଇବା ପାଣି ପାଇପ ଯୋଗେ ପହଞ୍ଚାଇବାର ବ୍ୟବସ୍ଥା କରୁଛୁ। ଉପାନ୍ତ ଅଞ୍ଚଳରେ ଗମନାଗମନ ପାଇଁ ସଡ଼କ ବ୍ୟବସ୍ଥାକୁ ଆମେ ଗୁରୁତ୍ୱ ଦେଇ କାମ କରୁଛୁ।


ମୋ ଦୁଆର ସମସ୍ତଙ୍କ ପାଇଁ ଖୋଲା। ଛୋଟିଆ କଥା, ଜଣେ ଭିକ୍ଷାବୃତ୍ତି କରୁଥିବା ଲୋକ ମୋ ବାସଭବନ ପାଖକୁ ଆସେ ଓ ମୋ ସୁରକ୍ଷା କର୍ମୀ ମୋତେ ଦେଖା କରିବାର ସୁଯୋଗ ଦେଇ ପାରିଲେନି। ବାରମ୍ବାର ଆସୁଥିବା ଏହି ବ୍ୟକ୍ତିଙ୍କ ସମ୍ବନ୍ଧରେ ଜାଣିବା ପରେ ତାଙ୍କୁ ଡାକିଲି। ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇ ତାଙ୍କ ଆପତ୍ତି ଅଭିଯୋଗ ତର୍ଜମା କରି ସମାଧାନ କରିବାକୁ କହିଲି। ଅଭିଯୋଗ ଶୁଣାଣି- ଲୋକଙ୍କ ସହ ମିଶିବା କାରଣରୁ ଆପଣ ମୋତେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ଲୋକଙ୍କ ସରକାର କହୁଥିବାରୁ ହୃଦୟରୁ ଧନ୍ୟବାଦ ଦେଉଛି।

ମୁଁ ମୁଖ୍ୟମନ୍ତ୍ରୀ ଆସନରେ ବସି ଥାଇପାରେ। ମାତ୍ର ମୁଁ ଆପଣଙ୍କ ମଧ୍ୟରୁ ଆସିଥିବା ଜଣେ ସାଧାରଣ ଓଡ଼ିଆ। ଦୃଢ଼ ନିଷ୍ଠା-କଠିନ ପରିଶ୍ରମ ଓ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ମୋର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ରହୁଛି। ❐

**ଜୟ ଜଗନ୍ନାଥ।**

# ଗାଁ ଆମ୍ବ ପସରା

ଗ୍ରୀଷ୍ମ ଋତୁରେ ମିଳୁଥିବା ଫଳମାନଙ୍କ ମଧ୍ୟରେ ଆମ୍ବ ହେଉଛି ରାଜା। ଏହାର ସ୍ୱାଦ ସବୁ ଫଳମାନଙ୍କ ଭିତରୁ ନିଆରା। ବେଦରେ ଆମ୍ବକୁ ରସାଳ ଓ ସହକାର ନାମରେ ନାମିତ କରା ଯାଇଥିବା ବେଳେ ଉଦ୍ଭିଦ ବିଜ୍ଞାନରେ ଏହାର ନାମ ରହିଛି ମାଙ୍ଗିଫେରା ଇଣ୍ଡିକା। ପୁରାତନ କାଳରୁ ଆମ ଚଳଣି ଓ ସାମାଜିକ ପରମ୍ପରାରେ ଆମ୍ବର ଗୁରୁତ୍ୱ ରହି ଆସିଛି। ଆମ୍ବ ଗଛକୁ ଦେବ ବୃକ୍ଷ ଓ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ। ହିନ୍ଦୁ ଧର୍ମ ଅନୁଯାୟୀ ପୂଜାପାଠ ସମୟରେ ଆମ୍ବପତ୍ର ଓ ଆମ୍ବ କାଠର ବ୍ୟବହାର କରାଯାଏ। ଯେ କୌଣସି ଶୁଭ କାର୍ଯ୍ୟ ହେଉ ନା କାହିଁକି, ପ୍ରଭୁ ଗଣେଶଙ୍କୁ ଆବାହନ ସମୟରେ କଳସ ଉପରେ ଆମ୍ବ ଡାଳ ରଖାଯାଏ। କଳସ ହେଉଛି ବିଘ୍ନ ବିନାଶକ ପ୍ରଭୁ



**ପ୍ରେମାନନ୍ଦ ପାଣିଗ୍ରାହୀ**

ଗଣେଶଙ୍କର ଏକ ସ୍ୱରୂପ। ଆମ୍ବ ଗଛ ବଉଳକୁ ନେଇ ଓଡ଼ିଆ ଘରେ ବଉଳ ଅମାବାସ୍ୟା ପର୍ବ ପାଳନ କରାଯାଏ। ସେଦିନ ଆମ୍ବ ଗଛ ଓ ବଉଳକୁ ପୂଜା କରାଯାଏ। ଲୋକ ବିଶ୍ୱାସ ରହିଛି ଯେ ଆମ୍ବ ଗୋଟିଏ ବର୍ଷ ବ୍ୟବଧାନରେ ଭଲ ଉତ୍ପାଦନ ହୁଏ। ଉଭୟ କଞ୍ଚା ଓ ପାଚିଲା ଆମ୍ବ ଖାଦ୍ୟ ରୂପେ ବ୍ୟବହୃତ ହୁଏ। ଭାରତର ଖାଦ୍ୟ ସଂସ୍କୃତି ସହ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ରହିଛି ଆମ୍ବ। ଭାରତ, ପାକିସ୍ତାନ, ବାଂଲାଦେଶର ଜାତୀୟ ବୃକ୍ଷ ଭାବରେ ଆମ୍ବ ଗଛ ମାନ୍ୟତା ପାଇଛି। ବର୍ତ୍ତମାନ ପାଚିଲା ଆମ୍ବ ବାସ୍ନାରେ ସହରବଜାର, ରାସ୍ତାକଡ଼ ମହକୁଛି। ମୟୂରଭଞ୍ଜ, କୋରାପୁଟରେ ସର୍ବାଧିକ ଦେଶୀ ଆମ୍ବ ଉତ୍ପାଦନ ହୋଇଥାଏ। ଏସବୁ ଜିଲ୍ଲାର ଆଦିବାସୀ ମହିଳାମାନେ ଆମ୍ବକୁ ଚିପୁଡ଼ି ସେଥିରୁ ରସ ବାହାର କରି ଆମ୍ବସଢ଼ା ତିଆରି କରିଥାନ୍ତି। ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାରେ ଦାରିଦ୍ର୍ୟ ଓ ସଚେତନତା ଅଭାବରୁ ଲୋକମାନେ ଆମ୍ବ ଟାକୁଆକୁ ଜାଉ କରି ଖାଇଥାନ୍ତି। ଏହି ଆମ୍ବ ଟାକୁଆ ଜାଉ ଖାଇ ୨୦୦୧ ମସିହାରେ ରାୟଗଡ଼ା ଜିଲ୍ଲା କାଶିପୁରରେ ବହୁ ଲୋକ ମୃତ୍ୟୁବରଣ କରିଥିଲେ। ଗତ ବର୍ଷ ନଭେମ୍ବର ମାସରେ ମଧ୍ୟ କନ୍ଧମାଳ ଜିଲ୍ଲାରେ ଏପରି ଅଖାଦ୍ୟ ଖାଇ ୨ ଜଣଙ୍କର ମୃତ୍ୟୁ ଘଟିଥିଲା।

ଫଳର ରାଜା ଆମ୍ବ ଅଧିକାଂଶଙ୍କର ପ୍ରିୟ ଫଳ। ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅନେକ ପ୍ରକାରର ଆମ୍ବ ଦେଖାଯାଏ। ଏହି ଫଳରେ ଅନେକ ପୋଷକ ତତ୍ତ୍ୱ ରହିବା ସହ ଶରୀର ଉପରେ ମଧ୍ୟ ଏହା ଉତ୍ତମ ପ୍ରଭାବ ପକାଏ। ଏହି ଫଳରେ ପ୍ରଚୁର ପରିମାଣରେ ଫାଇବର ଥିବାରୁ ପାଚନ କ୍ରିୟାକୁ ସହଜ କରେ। ଅମ୍ଳ ସମସ୍ୟାକୁ ଦୂର କରିଥାଏ। ନିୟମିତ ଆମ୍ବ ଖାଇଲେ କୋଲେଷ୍ଟରଲର ପରିମାଣ କମିଥାଏ। ପୋଟାସିୟମ ଏହି ଫଳରେ ଥିବାରୁ ହୃଦ୍‌ରୋଗ ହେବାର ଆଶଙ୍କା ଅପେକ୍ଷାକୃତ କମ୍ ଥାଏ।



ଗ୍ରାମାଞ୍ଚଳ ଚାଷୀମାନଙ୍କଠାରୁ ବିଭିନ୍ନ ପ୍ରକାର ଉନ୍ନତ ମାନର ତଟକା ସ୍ୱାଦିଷ୍ଟ ଆମ୍ବ ସଂଗ୍ରହ କରାଯାଇ ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦେବାକୁ ଓରମାସ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଗାଁ ଆମ୍ବ ପସରା ଖୋଲା ଯାଇଛି। ଗାଁ ଗହଳିମାନଙ୍କରେ ଦେଶୀ ଆମ୍ବ ଦର ୧୦ରୁ ୩୦ ଟଙ୍କା ରହିଥିବା ବେଳେ ସହରରେ ଅତି ଭଲ କିସମ ଆମ୍ବ ୪୦ରୁ ୮୦ ଟଙ୍କା ରହିଛି। ସରକାରୀ ସ୍ତରରେ ନାବାର୍ଡ, ଓରମାସ, ଏପେଡା, ଉଦ୍ୟାନ ଓ କୃଷି ବିଭାଗଙ୍କ ଉଦ୍ୟମ କ୍ରମେ ଓଡ଼ିଶାର ଆମ୍ବ ଦେଶ ବିଦେଶକୁ ରପ୍ତାନୀ ହେଉଛି। ଆମ୍ବକୁ ନେଇ ମହୋତ୍ସବ ବି ହୁଏ ଆମ ଦେଶରେ। ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, ଚଣ୍ଡୀଗଡ଼, ପୁନେ ପ୍ରଭୃତି ସହରମାନଙ୍କରେ ପ୍ରତି ବର୍ଷ ଆମ୍ବ ଉତ୍ସବ ଅନୁଷ୍ଠିତ ହୁଏ। ଦିଲ୍ଲୀର ତାଲକୋଟଲା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୁଏ ଆନ୍ତର୍ଜାତିକ ଆମ୍ବ ମହୋତ୍ସବ।

ଆମ୍ବ ଏକ ଋତୁଭିତ୍ତିକ ଫଳ ହୋଇଥିବାରୁ ସବୁ ସମୟରେ ଦେଖିବାକୁ ମିଳେ ନାହିଁ। ଏଣୁ ଏହାକୁ ଦୃଷ୍ଟିରେ ରଖି ରାସ୍ତା କଡ଼, ହାଟ ବଜାରରେ ସବୁଠି ଆମ୍ବର ପସରା ମେଲିଛି। ଆମ୍ବ ପୂରା ପାକଳ ହେବା ଆଗରୁ ବ୍ୟବସାୟୀମାନେ ତୋଳି ଶୀଘ୍ର ପାଚିବା ଲାଗି ସେଥିରେ କ୍ୟାଲସିୟମ କାର୍ବାଇଡ୍ ଦେଇ ପଚାଉଛନ୍ତି। ଏହା ଆର୍ସେନିକ ଓ ଫସଫରସ୍‌ରେ ଭରପୂର। ଏହା ଥରେ ପାଣିରେ ମିଶିଗଲେ ଏସିଟିଲିନ ଗ୍ୟାସ ଉତ୍ପନ୍ନ ହୁଏ, ଯାହା ନ୍ୟୁରୋଲୋଜିକାଲ ସିଷ୍ଟମକୁ ପ୍ରଭାବିତ କରେ। ଏହା ଯୋଗୁଁ ବି ମୁଣ୍ଡବିନ୍ଧା ହୁଏ, ଅଳସୁଆ ଲାଗେ। ନିଦ୍ରାହୀନତା ଦେଖା ଦିଏ। ବେଶୀ ଦିନ ଏହା ଲାଗି ରହିଲେ ସ୍ମରଣ ଶକ୍ତି କମିଥାଏ ବୋଲି ଅନୁଧ୍ୟାନରୁ ଜଣାଯାଇଛି। ଏହି ଆମ୍ବ ନ୍ୟୁରୋଲୋଜିକାଲ ସିଷ୍ଟମକୁ ପ୍ରଭାବିତ କରେ। ଯେ କୌଣସି ଫଳକୁ ପାଚିବା ଲାଗି କାର୍ବାଇଡ୍ ପ୍ରୟୋଗ କରିବା ବେଆଇନ, ତଥାପି ତା'ର ବ୍ୟବହାର କରାଯାଉଛି ସବୁଆଡ଼େ। ଯେହେତୁ ଆମ୍ବ ବାହାର ରାଜ୍ୟରୁ ଆସୁଛି, ତା' ଉପରେ କ'ଣ ପ୍ରୟୋଗ କରାଯାଉଛି, କାହାର ନଜର ରହୁନି। କେବଳ ମିଠା କି ଖଟା ପଡ଼ିବ ପ୍ରଶ୍ନଟିଏ କରି ଲୋକେ ଆମ୍ବ କିଣିଥାନ୍ତି। ଘରକୁ ଅଣା ଯାଉଥିବା ଏହି ସୁଆଦିଆ ଆମ୍ବ ଶରୀର ପାଇଁ କେତେ ଯେ କ୍ଷତିକାରକ, ବୁଝିବା ପାଇଁ କାହା ପାଖରେ ସମୟ ନଥାଏ।

ଆମ୍ବ ଚାଷ ପାଇଁ ବେଶ୍ ଉପଯୋଗୀ ଭାରତର ଜଳବାୟୁ। ସେଥିପାଇଁ ଆମ ଦେଶରେ ବିଭିନ୍ନ ରାଜ୍ୟରେ ଆମ୍ବ ଚାଷରୁ ବେଶ୍ ଭଲ ଉତ୍ପାଦନ ସମ୍ଭବ ହୋଇଥାଏ। ଭାରତ ହେଉଛି ପୃଥିବୀର ସର୍ବାଧିକ ଆମ୍ବ ଉତ୍ପାଦନକାରୀ ରାଷ୍ଟ୍ର, ଯେଉଁଠି ପୃଥିବୀର ସମସ୍ତ ଆମ୍ବର ୪୦ରୁ ୫୦ ପ୍ରତିଶତ ଉତ୍ପାଦିତ ହୋଇଥାଏ। ଭାରତର ସର୍ବାଧିକ ଆମ୍ବ ଉତ୍ପାଦନକାରୀ ରାଜ୍ୟ ଭାବେ ପରିଗଣିତ ହେଉଛି ଉତ୍ତରପ୍ରଦେଶ। ଏହି ରାଜ୍ୟରେ ବାର୍ଷିକ ପାଖାପାଖି ୨.୫ ନିୟୁତ ମେଟ୍ରିକ ଟନ୍ ଆମ୍ବ ଉତ୍ପାଦନ ହୋଇଥାଏ। ଦେଶରେ ଉତ୍ପାଦନ ହେଉଥିବା ମୋଟ ଆମ୍ବର ୨୫ ଶତକଡ଼ା ଆମ୍ବ ଉତ୍ତରପ୍ରଦେଶରୁ ମିଳିଥାଏ। ବାଇଗଣପଲେଇ ଓ ନୀଳମ ଏଠାକାର ପ୍ରସିଦ୍ଧ ଆମ୍ବ। ଆମ୍ବ ଉତ୍ପାଦନରେ ଓଡ଼ିଶା ଭାରତରେ ଅଷ୍ଟମ ସ୍ଥାନରେ ରହିଛି। ଦେଶରେ ୨ କୋଟି ୯ ଲକ୍ଷ ୪୬ ହଜାର ୪୦୦ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦିତ ହେଉଥିବା ବେଳେ ଏଥିରୁ ୪ ପ୍ରତିଶତ ଅର୍ଥାତ୍ ୮ ଲକ୍ଷ ୫୦ ହଜାର ୨୯୮ ମେଟ୍ରିକ୍ ଟନ୍ ଆମ୍ବ ଓଡ଼ିଶାରେ ଉତ୍ପାଦନ ହୋଇଥାଏ। ଭାରତର ଆମ୍ବର ସ୍ୱାଦ ବିଦେଶରେ ମଧ୍ୟ ଅଛି। ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ବିଭିନ୍ନ ରକମର ଉନ୍ନତ ରକମର ଆମ୍ବ ଉତ୍ପାଦନ ହୋଇଥାଏ। ତେଣୁ ଏଠାରୁ ହିମସାଗର, ଲ୍ୟାଙ୍ଗ୍ରି, ଫଜିଲ୍, ଲକ୍ଷ୍ମଣ ଭୋଗ ଆଦି ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଆମ୍ବ ବିଦେଶକୁ ରପ୍ତାନୀ ହୁଏ। ଏଠାରୁ ଫ୍ରାନ୍ସ, ଇଟାଲୀ, ବ୍ରିଟେନ୍ ଓ ଆମେରିକା ଆଦି ଦେଶମାନଙ୍କୁ ଆମ୍ବ ରପ୍ତାନୀ ହୋଇଥାଏ। ଉତ୍ତରପ୍ରଦେଶରୁ ଚୌସା ଆମ୍ବ ୟୁରୋପ, ଇଟାଲୀକୁ ରପ୍ତାନୀ ହୋଇଥାଏ। ରପ୍ତାନୀ ନିମନ୍ତେ ଭଲ ଆମ୍ବ, ଯେଉଁଥିରେ କୌଣସି ଦାଗ ହୋଇ ନଥିବ, ଠିକ୍ ଭାବେ ପରିପକ୍ୱ ହୋଇଥିବ ଏବଂ ଓଜନ ୩୦୦ରୁ ୩୫୦ ଗ୍ରାମ୍ ହୋଇଥିବ ସେହିଭଳି ଆମ୍ବ ସବୁକୁ ସ୍ୱତନ୍ତ୍ର ଭାବେ ପ୍ୟାକିଂ କରି ବିଦେଶକୁ ପଠାଯାଏ। ଓଡ଼ିଶାର ଢେଙ୍କାନାଳ, ମୟୂରଭଞ୍ଜ, ଅନୁଗୁଳ, କେନ୍ଦୁଝରରୁ ଆମ୍ବ ଇଟାଲୀ, ଦୁବାଇକୁ ରପ୍ତାନୀ ହୋଇଥାଏ। ଭାରତୀୟ ଆମ୍ବର ପ୍ରମୁଖ ଆମଦାନୀକାରୀ ହେଉଛି ଆମେରିକା। ତେବେ ଚଳିତ ବର୍ଷ ଭାରତରୁ ଆମେରିକାକୁ ୧୫ଟି ବିମାନରେ ଯାଇଥିବା ଆମ୍ବକୁ କାଗଜପତ୍ରରେ ଅନିୟମିତତା ଯୋଗୁଁ ଆମେରିକା କର୍ତ୍ତୃପକ୍ଷ ନେବାକୁ ମନା କରିବାରୁ ଭାରତୀୟ ବ୍ୟବସାୟୀ ୫ ଲକ୍ଷ ଡଲାରର କ୍ଷତି ସହିଛନ୍ତି। ❐

**ଭୁବନ, ଢେଙ୍କାନାଳ**
**ମୋ: ୯୪୩୭୭୨୯୩୮୪**

# ଭାରତ ଓ ଭିତ୍ତିଭୂମି

ବର୍ଷା ଋତୁ ଆସୁଛି; ଏଇ ମାତ୍ର ଆଷାଢ଼ ଆରମ୍ଭ ହେଲା। ପୂରା ଦୁଇ ମାସ ଏହି ଋତୁ ସାରା ଦେଶରେ ରାଜୁତି କରିବା ସହିତ ଆଉ ଦୁଇ ମାସ, ଏମିତିକି ବର୍ଷର ଯେ କୌଣସି ସମୟରେ ଏହା ତା'ର ରୂପ ଦେଖାଇ ପାରେ। ତେବେ ଋତୁକାଳୀନ ହେଉ କି ଅସମୟରେ, ଜୋର୍‌ରେ ବର୍ଷା ହେଲେ ସହରାଞ୍ଚଳଠୁ ଆରମ୍ଭ କରି ବେଶ୍ କେତେକ ଗ୍ରାମର ରାସ୍ତାଘାଟରେ ସୃଷ୍ଟି ହୁଏ ବନ୍ୟା ଭଳି ପରିସ୍ଥିତି, ଯାହା ଜନଜୀବନକୁ କରି ପକାଏ ଅସ୍ତବ୍ୟସ୍ତ- ଯେତେ କମ୍ ସମୟ ପାଇଁ ହେଉ ପଛେ। ପୁଣି କିଛି ଜୀବନ ମଧ୍ୟ ନେଇଯାଏ; ଧନର କ୍ଷତି କଥା ତ ଛାଡ଼ନ୍ତୁ। ସେହିପରି ସହରାଞ୍ଚଳଗୁଡ଼ିକରେ ଯାନବାହନଗୁଡ଼ିକର ଅସମ୍ଭବ ଭିଡ଼ ସାଧାରଣ ମଣିଷ ପାଇଁ ଅନ୍ୟ ଏକ ଅଶ୍ୱସ୍ତିକର ବିଷୟ। ଏବେ ଆସିବା ସାମ୍ପ୍ରତିକ ବିଷୟକୁ। ମୁମ୍ବାଇର ବୋରି ବନ୍ଦର ଏବଂ ଥାନେ ଭିତରେ ବମ୍ବେର ପ୍ରଥମ ସହରତଳି ରେଳ ସେବା ଆରମ୍ଭ କରିଥିଲା ଗ୍ରେଟ୍ ଇଣ୍ଡିଆନ୍ ପେନିନ୍‌ସୁଲା ରେଲୱେଜ୍। ଏହା ଭିତରେ ଶହେ ବାସ୍ତରି ବର୍ଷରୁ ଅଧିକ ସମୟ ବିତି ସାରିଲାଣି ଏବଂ ରେଳଗାଡ଼ି ପାଲଟି ସାରିଛି ମୁମ୍ବାଇବାସୀଙ୍କ ଜୀବନ ରେଖା। ତେବେ ରେଳରେ ଯାତାୟାତ କରୁଥିବା ମୁମ୍ବାଇର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏହା କେତେ ବିପଜ୍ଜନକ, ତାହା ଗତ ସୋମବାର ଦିନ ମୁମ୍ବାଇରେ ଘଟିଥିବା ଦୁର୍ଘଟଣା ସୂଚାଇ ଦେଇଛି। ଏହି ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ଚାରିଜଣ ଲୋକ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଯୁବ ପିଢ଼ିର। ସେମାନଙ୍କର ଏହି ମୃତ୍ୟୁବରଣ କରିବା ସ୍ମରଣ କରାଇ ଦେଉଛି ଯେ ଭାରତ ଖୁବ୍ ଶୀଘ୍ର ତଥାକଥିତ ଜନସଂଖ୍ୟିକ ଲାଭ ଅମଳ କରିବାକୁ ଯାଉଥିବା ସମ୍ପର୍କରେ ସରକାର ଡିଣ୍ଡିମ ପିଟି ଚାଲିଥିବା ସତ୍ତ୍ୱେ ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମି କେତେ ଦୁର୍ବଳ ଯେଉଁଥିରେ ସେମାନେ ବାସ କରୁଛନ୍ତି।

ମୁମ୍ବାଇ ସହରତଳି ରେଳ ସେବା ହେଉଛି ଖୋଦ୍ ଏକ ବିସ୍ମୟ: ହାରାହାରି ୨୫୦୦ ଯାତ୍ରୀଙ୍କ ପରିବହନ କରିବା ନିମନ୍ତେ ଉଦ୍ଦିଷ୍ଟ ଟ୍ରେନ୍‌ଗୁଡ଼ିକ ନିୟମିତ ଭାବରେ ତା'ର ଦୁଇଗୁଣ କିମ୍ବା ତା'ଠୁ ଅଧିକ ଯାତ୍ରୀଙ୍କୁ ନେବା ଆଣିବା କରିଥାନ୍ତି, ଯାହା ବିଶ୍ୱର ସର୍ବାଧିକ ଘନ ଜନବସତିପୂର୍ଣ୍ଣ ମୁମ୍ବାଇର ସହରତଳି ନେଟ୍‌ୱର୍କ ଉପରେ ଅତ୍ୟଧିକ ଚାପ ପକାଇ ଥାଏ। ଏହି ନେଟ୍‌ୱର୍କ ୪୫୦ କିଲୋମିଟରରୁ ଅଧିକ ପଥ ଉପରେ ପରିବ୍ୟାପ୍ତ ଏବଂ ଦୈନନ୍ଦିନ ୭.୫ ମିଲିଅନ୍‌ରୁ ଅଧିକ ଯାତ୍ରୀ ଯାତାୟାତ କରନ୍ତି ଏହା ଉପରେ, ଯେଉଁମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଶହ ଶହ ବିନା ଟିକେଟ୍ ଯାତ୍ରୀ। କେନ୍ଦ୍ରୀୟ ରେଳବାଇର ୧,୮୧୦ ଦୈନିକ ରେଳ ସେବାଗୁଡ଼ିକ ଯାହା ଉପରେ ଏହି ଦୁର୍ଘଟଣା ଘଟିଲା, ବାର୍ଷିକ ଚାରି ମିଲିଅନ୍ ଯାତ୍ରୀଙ୍କୁ ନେବା ଆଣିବା କରିଥାଏ, ଯେଉଁମାନଙ୍କ ସଂଖ୍ୟାରୁ ବିନା ଟିକେଟ୍ ଯାତ୍ରୀଙ୍କୁ ବାଦ୍ ଦିଆଯାଇଛି। ରିପୋର୍ଟଗୁଡ଼ିକ ସୂଚାଇ ଥାଏ ଯେ ଉପରୋକ୍ତ ନେଟ୍‌ୱର୍କରେ ଦୈନିକ ସାତ ଜଣ ଯାତ୍ରୀ ପ୍ରାଣ ହରାଇଥାନ୍ତି। ତେଣୁ ଏହି ନେଟ୍‌ୱର୍କରେ ସୁରକ୍ଷା ବ୍ୟବସ୍ଥାର ଉନ୍ନତି ଘଟାଇବା ଉପରେ ଗୁରୁତ୍ୱର ସହିତ ଦୃଷ୍ଟିପାତ କରିବାର ଯେ ସମୟ ଉପଗତ ହୋଇଛି, କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଏତିକି କାମ ମଧ୍ୟ ଯଥେଷ୍ଟ ନୁହେଁ। ବିଭିନ୍ନ ଅଧ୍ୟୟନ ଅନୁସାରେ, ଭାରତର ଜନସଂଖ୍ୟା ପ୍ରତି ୩୨ ବର୍ଷରେ ପ୍ରାୟ ଦୁଇଗୁଣ ବୃଦ୍ଧି ପାଉଛି, କିନ୍ତୁ ଦେଶ ସେହି ଅନୁସାରେ ବର୍ଦ୍ଧିତ ଜନସଂଖ୍ୟା ସହିତ ତାଳ ଦେଇ ପରିବହନ ଭିତ୍ତିଭୂମି ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ କ୍ଷେତ୍ରରେ କ୍ୱଚିତ୍ ସେପରି ଉନ୍ନତିକୁ ପରିଲକ୍ଷିତ କରୁଛି। ଦୁଇ ଦଶନ୍ଧି ପୂର୍ବେ ଦିଲ୍ଲୀ ମେଟ୍ରୋ କାର୍ଯ୍ୟକାରୀ କରାଯିବା ପରେ ଏବଂ କେତେକ ପ୍ରମୁଖ ସହରରେ ସୀମିତ ମେଟ୍ରୋ ରେଳ ସେବା ଆରମ୍ଭ କରାଯିବା ପରେ ସାଧାରଣ ନାଗରିକ ଓ ଯାତ୍ରୀମାନଙ୍କ ଜୀବନକୁ ଅଧିକ ସହଜ, ସରଳ ଏବଂ ବିପଦମୁକ୍ତ କରିବା ପାଇଁ କୌଣସି ଯୋଜନାବଦ୍ଧ ବିକାଶ କରାଯାଇ ନାହିଁ।

ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ କ୍ଷେତ୍ରରେ ଭାରତ ସହିତ ସର୍ବଶ୍ରେଷ୍ଠ ସମାନ୍ତରାଳ ଦେଶ ଭାବରେ ନିଆଯାଇପାରେ ଆମର ପଡ଼ୋଶୀ ଦେଶ ଚୀନ୍‌କୁ, ଯାହା ମାତ୍ର କିଛି ମାସ ପୂର୍ବରୁ ବିଶ୍ୱର ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ଦେଶ ଥିଲା। ଏହି ଦେଶ ନିଜର ଅର୍ଥନୀତି ଯେତେ ଯେତେ ପ୍ରଗତି କରି ଚାଲିଲା, ସେତେ ସହରାଞ୍ଚଳର ଭିତ୍ତିଭୂମିକୁ ଦ୍ରୁତ ଗତିରେ ପରିବର୍ତ୍ତନ କରାଇ ଚାଲିଲା। ଅଧ୍ୟୟନଗୁଡ଼ିକ ଅନୁସାରେ, ଚୀନ୍‌ରେ ୧୯୭୮ରୁ ୨୦୧୫ ମଧ୍ୟରେ ସହର ସଂଖ୍ୟା ୧୯୩ରୁ ୬୫୦କୁ ବୃଦ୍ଧି ପାଇଥିଲା, ଯାହାର ଅର୍ଥ, ପ୍ରାୟ ତିନି ଗୁଣ। ଭାରତ କିନ୍ତୁ ସେହି ତୁଳନାରେ ନୂଆ ସହରଗୁଡ଼ିକର ବିକାଶକୁ ପରିଲକ୍ଷିତ କରି ନାହିଁ, କେବଳ ଯାହା ପରିଲକ୍ଷିତ କରିଛି ଯେଉଁଗୁଡ଼ିକ ଥିଲା, ସେଗୁଡ଼ିକର ଜୈବିକ ବୃଦ୍ଧିକୁ। ୨୦୧୪ରେ ଏନ୍‌ଡିଏ ସରକାର ଯେତେବେଳେ କ୍ଷମତାକୁ ଆସିଲା, ସେତେବେଳେ ଏହା ସାରା ଦେଶରେ ୧୦୦ଟି ସ୍ମାର୍ଟ ସିଟି କରିବା କଥା କହିଥିଲା, କିନ୍ତୁ ଏହି ପ୍ରକଳ୍ପ ଆଜିକା ଦିନରେ ସେମିତି କିଛି ଉଲ୍ଲେଖନୀୟ ପ୍ରଗତି କରିଥିବା କଦାଚିତ୍ କୁହାଯାଇ ପାରିବ। ଗତ ତିନି ଦଶନ୍ଧି ଧରି ଭାରତ ଏକ ଯୋଜନାବଦ୍ଧ ଉପାୟରେ ସଡ଼କ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ କରି ଆସୁଛି। ଏହା ମଧ୍ୟରେ ଅନ୍ତର୍ଭୁକ୍ତ ୧୯୯୦ ଦଶକର ଶେଷ ଭାଗରେ ଆରମ୍ଭ କରାଯାଇଥିବା ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପ। ଏହା ସହରାଞ୍ଚଳଗୁଡ଼ିକର ସଂଯୋଗ ସେତୁ ଭାବରେ କାମ କରିବା ସଙ୍ଗେ ସଙ୍ଗେ ଜାତୀୟ ନେଟ୍‌ୱର୍କର ଉପଲବ୍ଧତା ପାଇଁ ଗ୍ରାମାଞ୍ଚଳମାନଙ୍କୁ ସୁଯୋଗ ପ୍ରଦାନ କରିଛି। ସମୟ ଉପଗତ ହୋଇଛି, ସରକାର ୨୦୪୭ ସୁଦ୍ଧା ଭାରତକୁ ବିଶ୍ୱ ବକ୍ଷରେ ଏକ ବିକଶିତ ରାଷ୍ଟ୍ରର ପରିଚିତି ପ୍ରଦାନ କରିବା ଭଳି ମହତ ଉଦ୍ଦେଶ୍ୟ ବହନ କରୁଥିବା ବେଳେ ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମି ଆବଶ୍ୟକ କରୁଥିବା ବିପୁଳ ଆବଶ୍ୟକତାଗୁଡ଼ିକ ଉପରେ ଧ୍ୟାନ ଦେଇ ସେ ଦିଗରେ କାମକୁ ତ୍ୱରାନ୍ୱିତ କରିବା ଉଚିତ।❐

# ଅନ୍ୟ ପାଇଁ ଜିଇଁ ଶିଖ

ପରମାତ୍ମାଙ୍କ କରୁଣାରୁ ମଣିଷ ଜନ୍ମ ମିଳିଥାଏ। ମାତ୍ର ମଣିଷପଣିଆ ଅର୍ଜନ କରିବାକୁ ହୁଏ। ନିଜର କେତେକ କୁସଂସ୍କାରକୁ ତ୍ୟାଗ କରି ନୂଆ କିଛି ସଂସ୍କାରକୁ ଆପଣେଇବାକୁ ହୁଏ। ସେହି ଅନୁସାରେ ଚଳିବାକୁ ହୁଏ। ତାହା ହେଲେ ମଣିଷ ଭିତରେ ଜନ୍ମ ନିଏ ମାନବିକତା ବା ମଣିଷପଣିଆ। ନିଜେ ବଞ୍ଚିବା ସହିତ ଅନ୍ୟର ସୁବିଧା କଥା ଚିନ୍ତା କରିବା ମଣିଷପଣିଆର ଗୋଟିଏ ପାହାଚ। ଏ ନେଇ ଏକ କାଳ୍ପନିକ କାହାଣୀ।

ପୁପୁର ମାମୁ ଜଣେ ବଡ଼ ଅଫିସର ଓ ବହୁ ସମ୍ପତ୍ତିର ମାଲିକ। କିନ୍ତୁ ତାଙ୍କ ଚଳଣି ପୁପୁକୁ ଆଦୌ ଭଲ ଲାଗେନା। କେବେ ବଜାରକୁ ଜିନିଷପତ୍ର କିଣିବାକୁ ଗଲାବେଳେ ମାମୁ ଡ୍ରାଇଭରକୁ ଡାକନ୍ତି। କାର୍‌ରେ ମାମୁ, ମାଇଁ ଓ ପୁପୁ ଥାଆନ୍ତି। ପୁପୁ ମାଇଁଙ୍କ ସହିତ ଯାଏ ଶୋ' ରୁମ୍‌କୁ। ମାମୁ ରାସ୍ତାକଡ଼ରେ ବସିଥିବା ଲୋକଠାରୁ ଜିନିଷ କିଣନ୍ତି।

ପଦାରବିନ୍ଦ

ବେଳେବେଳେ ଆଦୌ ଦରକାର ନଥିବା ଜିନିଷ ବି କିଣି ଥାଆନ୍ତି। ଦିନେ ତିନିଜଣ ଚପଲ କିଣିବାକୁ ବଜାର ଗଲେ। ରାସ୍ତା କଡ଼ରେ ବସିଥିବା ଚପଲ ବିକାଳିଠାରୁ ମୂଲଚାଲ କରି କୋଡ଼ିଏ ଟଙ୍କା କାଟି ମାମୁ ଚପଲ କିଣିଲେ। ପୁପୁ ଓ ତା'ର ମାଇଁ ଶୋ' ରୁମ୍‌ରୁ ଚପଲ କିଣିଲେ। ପୁପୁ ଓ ତା'ର ମାଇଁ ନାମକରା ଜଳଖିଆ ଦୋକାନକୁ ଗଲେ। ରାସ୍ତା କଡ଼ରେ ବତି ଲଗାଇ ବାଦାମ ବିକ୍ରି କରୁଥିବା ବୟସ୍କ ଲୋକଟିଠାରୁ ମାମୁ ଚିନାବାଦାମ କିଣିଲେ। ଘରକୁ ଆସିଲା ପରେ ପୁପୁ କହିଲା- 'ମାମୁ, ଆପଣଙ୍କ ପାଖରେ ତ ବହୁତ ଟଙ୍କା ଅଛି। ଶୋ' ରୁମ୍‌ରୁ ଜିନିଷ ନକିଣି ରାସ୍ତା କଡ଼ରୁ ଜିନିଷ କିଣି ଦଶ, କୋଡ଼ିଏ ଟଙ୍କା ଲାଗି ଏତେ ମୂଲଚାଲ କରୁଛନ୍ତି ? ସେ ଦୋକାନୀ ଆପଣଙ୍କଠାରୁ ଦଶ କୋଡ଼ିଏ ଟଙ୍କା ନେଇ କ'ଣ ବଡ଼ଲୋକ ହୋଇଯିବ ? ନା ଆପଣ ଗରିବ ହୋଇଯିବେ ? କାର୍‌ରେ ଯାଇ ଏତେ ମୂଲଚାଲ କଲେ ଲୋକେ କ'ଣ ଭାବିବେ ! ପୁଣି ଯେଉଁ ଜିନିଷ ସବୁ ଆମର ବର୍ତ୍ତମାନ ଦରକାର ନାହିଁ, ସେସବୁକୁ କାହିଁକି ଆଣୁଛନ୍ତି ?' ପୁପୁର କଥାକୁ ମାଇଁ ମଧ୍ୟ ସମର୍ଥନ କଲେ।

ମାମୁ କହିଲେ- 'ପୁପୁ ! ଦୁନିଆରେ ଅନେକ ଲୋକ ଭିକ ନମାଗି ସ୍ୱାଭିମାନର ସହିତ ବଞ୍ଚିବାକୁ ଚାହାନ୍ତି। ତେଣୁ ଅଳ୍ପ ପୁଞ୍ଜିରେ ଦୋକାନଟିଏ କରି ଥାଆନ୍ତି। ସେମାନଙ୍କ ସ୍ୱାଭିମାନକୁ ସମ୍ମାନ ଦେବା ପାଇଁ ମୁଁ ରାସ୍ତାକଡ଼ରୁ ଜିନିଷ କିଣିଥାଏ। କାହାଠାରୁ ଜିନିଷଟିଏ କିଣିଲେ ତ ସେ ଦି' ପଇସା ପାଇବ। କେବଳ ସେହି ସ୍ୱାଭିମାନୀ ମଣିଷକୁ କିଛି ଟଙ୍କା ଯୋଗାଇ ଦେବାକୁ ଆମ ପାଇଁ ବର୍ତ୍ତମାନ ଦରକାର ହେଉ ନଥିବା ଜିନିଷ ସଂଗ୍ରହ କରିଥାଏ। ଯେଉଁ ମୂଲଚାଲ କଥା କହୁଛୁ, ତାହା ମୁଁ ନିଜ ପାଇଁ କରି ନଥାଏ। ଲୋକଙ୍କ ଭାବନାକୁ ଗୁରୁତ୍ୱ ନଦେଇ ଗୋଟିଏ ଗରିବ ଲୋକ ପାଇଁ ହିଁ ଏହା କରିଥାଏ। ବିକ୍ରି କରୁଥିବା ଲୋକଟି ମୋ'ଠାରୁ ଯେତିକି ଦାମ୍ ନେବ, ଜଣେ ଗରିବଠାରୁ ମଧ୍ୟ ସେହି ଦାମ୍ ଦାବି କରିବ। ମୁଁ ଅଧିକ ଟଙ୍କା ଦେଇ ମୋର ବଡ଼ଲୋକି ଦେଖାଇ ଜଣେ ଦିନ ମଜୁରିଆର ନିଅଣ୍ଟିଆ ପରିବାରକୁ ପରୋକ୍ଷରେ ଆଘାତ ଦେବାକୁ ଚାହେଁନା।'

ମାମୁଙ୍କ କଥାରେ ପୁପୁ ଓ ମାଇଁ ପରସ୍ପରକୁ ଚାହୁଁଥିଲେ। ବାସ୍ତବରେ ସ୍ୱାଭିମାନରେ ଜିଉଁଥିବା ମଣିଷକୁ ସମ୍ମାନ ଦେବା ଉଚିତ୍। ଗରିବ, ଅସହାୟ, ସ୍ୱାଭିମାନୀ ମଣିଷ ପାଇଁ ପୁପୁ ଓ ତା'ର ମାଇଁଙ୍କ ଦରଦୀ ହୃଦୟ ଚେଇଁ ଉଠୁଥିଲା। ❐

ନିତିଦିନ NITIDIN



# ଶ୍ରୀବଳଦେବଜିଉ ମନ୍ଦିରରେ ସ୍ନାନଯାତ୍ରା

## ଗଜାନନବେଶ ଦେଖିଲେ ୧୦ ହଜାର ଭକ୍ତ

**କେନ୍ଦ୍ରାପଡ଼ା,୧୧।୬/ଏନ୍‌ଏନ୍‌ଏସ୍:** ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ତୁଳସୀକ୍ଷେତ୍ର ଆରାଧ୍ୟଦେବ ବଳଦେବଜୀଉ ଏବଂ ତାଙ୍କ ଭାଇ/ଭଉଣୀଙ୍କ ସ୍ନାନ ପୂର୍ଣ୍ଣିମା ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରଥଯାତ୍ରା ପୂର୍ବରୁ ଶ୍ରୀଜୀଉମାନଙ୍କର ଶେଷ ଦର୍ଶନ ଥିବାରୁ ତଥା ଚଳିତ ବର୍ଷ ମହାଅନବସର ପଡୁଥିବାରୁ ବହୁ ଶ୍ରଦ୍ଧାଳୁ ତୁଳସୀ କ୍ଷେତ୍ରକୁ ଆସିଥିଲେ। ଆଜି ବିଶ୍ୱର ସର୍ବବୃହତ୍ ଶ୍ରୀବଳଦେବଜିଉଙ୍କ ବ୍ରହ୍ମ ତାଳଧ୍ୱଜ ରଥରେ ଅକ୍ଷ ଓ ଚକ ମଧ୍ୟ ଲାଗିଛି। ଆଜି ଭୋର ୩ଟାବେଳେ ବିଜେ ପଣ୍ଡାମାନଙ୍କ ଦ୍ୱାରା ଶ୍ରୀଜୀଉମାନଙ୍କ ସେନାପଟା ବେଶ ଓ ସାଜସଜ୍ଜା କରାଯାଇ ମଙ୍ଗଳାର୍ପଣ ଓ ରାଜଭେଟ କରାଯାଇଥିଲା। ନିର୍ଦ୍ଧାରିତ ସମୟଠାରୁ ଦୁଇ ଘଣ୍ଟା ବିଳମ୍ବରେ ପ୍ରାୟ ୮ଟାବେଳେ ଦଇତାପଣ୍ଡାମାନେ ଶ୍ରୀଜୀଉମାନଙ୍କୁ ଧାଡି ପହଣ୍ଡିରେ ସ୍ନାନ ମଣ୍ଡପକୁ ଆଣିଥିଲେ। ଏହି ପହଣ୍ଡି ଦେଖିବା ପାଇଁ ମନ୍ଦିର ପରିସରରେ



ପ୍ରବଳ ଭିଡ ଲାଗି ରହିଥିଲା। ପୂର୍ବରୁ ଅଭିମନ୍ତ୍ରିତ କରି ରଖାଯାଇଥିବା ଚନ୍ଦନ, କର୍ପୁର ଓ ୧୦୮ କଳସର ସୁଗନ୍ଧିତ ଜଳ ଦ୍ୱାରା ଶ୍ରୀଜୀଉମାନଙ୍କୁ ଅର୍ପଣ କରାଯାଇଥିଲା। ପୁରୀରେ ମହାପ୍ରଭୁଙ୍କ ବିଗ୍ରହ ଉପରେ ଏହା ଅର୍ପଣ କରାଯାଉଥିବାବେଳେ ତୁଳସୀକ୍ଷେତ୍ରରେ ମହାପ୍ରଭୁଙ୍କ ଶ୍ରୀଚରଣରେ ଅର୍ପଣ କରାଯିବାର ପରମ୍ପରା ରହି ଆସିଛି। ଏହାପରେ ଶ୍ରୀଜୀଉମାନଙ୍କ ସର୍ବାଙ୍ଗରେ ଚନ୍ଦନ ଲାଗି କରାଯାଇ ଅପରାହ୍ନ ୨ଟାବେଳେ ବଲ୍ଲଭ ମଣୋହୀ କରାଯାଇଥିଲା। ବଲ୍ଲଭ ମଣୋହୀ ପରେ ମଙ୍ଗଳାର୍ପଣ କରାଯାଇ ଶ୍ରୀଜୀଉମାନଙ୍କୁ ଗଜ ବଦନ ବେଶରେ ସଜ୍ଜିତ କରାଯାଇଥିଲା। ଗଜବଦନ ବେଶ ପରେ ଶ୍ରୀଜୀଉମାନଙ୍କୁ ଏକମାତ୍ର ଖେଚୁଡି ଧୂପ ଲାଗି କରାଯାଇଥିଲା। ରଥଯାତ୍ରା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ ମିଳିବ ନାହିଁ ବୋଲି ଆଜି ଶ୍ରୀ ବଳଦେବଜିଉ ମନ୍ଦିର ପରିସରରେ ଓ ସ୍ନାନ ମଣ୍ଡପ ସମ୍ମୁଖରେ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ ଜମିଥିଲା। ମହାପ୍ରଭୁଙ୍କ ହାତୀ ଓ ସ୍ନାନବେଶ ଦର୍ଶନ କରିବା ପାଇଁ ଲୋକେ ଅପେକ୍ଷା କରି ରହିଥିଲେ। ରାତି ୧୧ଟାବେଳେ ଦୋଳି ଫିଟାଯାଇ ଶ୍ରୀଜିଉମାନଙ୍କ ବେଶ କରାଯିବା ସହ ଧାଡି ପହଣ୍ଡିରେ ଅନବସର ତିଣ୍ଡିକୁ ନିଆଯାଇଥିଲା। ଏହି ସମୟରେ ଜଗମୋହନରେ ପତିଦିଅଁ ନୀଳମାଧବଙ୍କୁ ସ୍ଥାପନା କରାଯାଇ ଆଳତି ଓ ପୂଜାର୍ଚ୍ଚନା କରାଯାଇଥିଲା। ସୂଚନାଯୋଗ୍ୟ ଆଜିଠାରୁ ଶ୍ରୀଜିଉମାନଙ୍କୁ ସାଧାରଣ ଲୋକେ ଦର୍ଶନ କରିପାରିବେ ନାହିଁ। କେବଳ ଦଇତାପତି ଓ ପୂଜାପଣ୍ଡାମାନେ ଶ୍ରୀଜୀଉମାନଙ୍କୁ ଗୁପ୍ତ ସେବା ଲାଗି କରିବେ। ଶ୍ରୀଗୁଣ୍ଡିଚା ପର୍ଯ୍ୟନ୍ତ ସେହି ସେବାରେ ରହିବାପରେ ମହାପ୍ରଭୁ ସାଧାରଣ ଦର୍ଶନ ପାଇଁ ବ୍ରହ୍ମ ତାଳଧ୍ୱଜ ରଥକୁ ଆସିବେ। ସେତେବେଳେ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଜଗମୋହନରେ ଶ୍ରୀ ନୀଳମାଧବଙ୍କ ଦର୍ଶନ କରିବେ। ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ନିମନ୍ତେ ବ୍ୟାପକ ପୋଲିସର ବନ୍ଦୋବସ୍ତ କରାଯାଇଥିଲା

# ଜନଗହଳିରେ ସମାପନ ହେଲା ତିନିଦିଅଁଙ୍କ ସ୍ନାନ



**ତାଳଚେର,୧୧।୬/ଏନ୍‌ଏନ୍‌ଏସ୍:** ତାଳଚେର ବହୁ ପୁରାତନ ଜଗତରନାଥ ଜଗନ୍ନାଥ ମନ୍ଦିରରେ ଆଜି ତାଳଚେର ରାଜା ବିଜେନ୍ଦ୍ର ଚନ୍ଦ୍ର ବୀରବର ହରିଚନ୍ଦନ ଦେବ୍ ଓ ରାଜ ପୁରୋହିତ ପଙ୍କଜ ଲୋଚନ ପତିଙ୍କ ଉପସ୍ଥିତିରେ ରୀତିନୀତି ଅନୁଯାୟୀ ମହାଆଡ଼ମ୍ବରରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ପୁରୋହିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପୂଜାର୍ଚ୍ଚନା ସାରିବାପରେ ତାଙ୍କୁ ପହଣ୍ଡିବିଜେ କରି ସ୍ନାନମଣ୍ଡକୁ ଅଣାଯାଇଥିଲା। ପ୍ରାତଃ ସମୟରୁ ମଙ୍ଗଳା ଅର୍ପଣ, ଦୋଳଲାଗି ଓ ପୁଷ୍ପାଞ୍ଜଳୀ ହୋଇ ପହଣ୍ଡି ଆରମ୍ଭ, ମଇଲମ, ତଡ଼ପ ଲାଗି ଅଧରପଣା, ଅବକାଶ ନୀତି, ରସହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ ଶେଷ, ଜଳବିଜେ ପୂଜା ସ୍ନାନ, ଅପରାହ୍ନ ମଲମ, ମେଲାପ, ସର୍ବାଙ୍ଗ ନୂଆଲୁଗା ଲାଗି ବେଶ, ଛେରାପହଁରା, ହାତୀବେଶ, ମହନ୍ତ ଶାଢ଼ୀବନ୍ଧା, ଘଂଟାଛତା ସାକଳ ଧୂପ, ସାହାଣମେଲା, ହାତୀବେଶ ମଇଲମ, ପୁଷ୍ପାଞ୍ଜଳୀ ଓ ଡ଼ୋରଲାଗି, ବାହୁଡ଼ା ପହଣ୍ଡି, ରାତି ସୁନାଚିତା ଓ ରାହୁରେଖା ମଇଲମ ଇତ୍ୟାଦି ମହାବାହୁଙ୍କ ନୀତିକାନ୍ତି ସମାପନ କରାଯାଇଥିଲା। ସେଠାରେ ୧୦୮ ଗରାରେ ପାଣିରେ ତିନିଠାକୁରଙ୍କୁ ସ୍ନାନ କରାଯାଇଥିଲା। ମହାବାହୁଙ୍କୁ ଦର୍ଶନ କରିବାକୁ ସ୍ନାନମଣ୍ଡପ ଠାରେ ଅନେକ ଏହି ଉତ୍ସବରେ ଘଣ୍ଟ, ଶଙ୍ଖ, ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହେବା ସହ ସେହି ଅଞ୍ଚଳଟି ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ଓ ଏହାପରେ ଚତୁର୍ଦ୍ଧା ମୂରତିଙ୍କୁ ମନ୍ଦିରର ଅଣସର ଘରକୁ ନିଆଯାଇ ବୈଦୀକ ରୀତିନୀତି ଅନୁସାରେ ଠାକୁରଙ୍କ ବିଧିବିଧାନ ରହିବ। ଅଣସର ଗୃହକୁ ଗଲାପରେ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ବିଜେଡିର ଆମରଣ ଅନଶନ ପ୍ରତ୍ୟାହୃତ



**ରାଜନଗର,୧୧।୬/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ପ୍ରତିବାଦରେ ବିଜୁ ଜନତାଦଳ ପକ୍ଷରୁ ରାଜନଗର ଥାନା ସମ୍ମୁଖରେ ଚାଲିଥିବା ଆମରଣ ଅନଶନ ମଙ୍ଗଳବାର ଦିନ ପ୍ରତ୍ୟାହୃତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ସଂଘ ସଭାପତି ଅଶୋକ ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, ଶୈଳେନ୍ଦ୍ର ମିଶ୍ର,ନିରଞ୍ଜନ ରାଉତ, ସମିର ସେଠୀ, ସଞ୍ଜୟ ସ୍ୱାଇଁ, ଆର୍ତ୍ତବନ୍ଧୁ ମହାନ୍ତି, ବିଣାପାଣୀ ପ୍ରଧାନ,ଉତମା ସେଠୀ, ଶାନ୍ତିଲତା ବିଶ୍ୱାଳ, ଖୁକୁମିନା କୁଅଁର, ସସ୍ମିତା ମହାନ୍ତି , ରୁଚିସ୍ମିତା ନାୟକ, ରବୀନ ମଲ୍ଲିକଙ୍କୁ ସମର୍ଥନ ଜଣାଇ ଦଳୀୟ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ। ଅପରାହ୍ନରେ ବିଧାୟକ ଧ୍ରୁବ ସାହୁ ପହଞ୍ଚି ଆମରଣ ଅନଶନରେ ସାମିଲ ହୋଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ ଓ ଏଡିଏମ ରବିନ୍ଦ୍ର କୁମାର ମଲ୍ଲିକ ରାଜନଗର ଥାନାରେ ପହଞ୍ଚି ବିଧାୟକ ଶ୍ରୀ ସାହୁଙ୍କ ସହ ଅନଶନରେ ବସିଥିବା ନେତାମାନଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କ ଦାବି ଶୁଣିବା ସହ ଅନଶନସ୍ଥଳକୁ ଆସିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ପାତ୍ରଙ୍କ ସହ ଅନଶନକାରୀଙ୍କୁ ଫ୍ରୁଟି ପିଆଇ ଅନଶନ ଭାଙ୍ଗିବାକୁ ନିବେଦନ କରିବା ପରେ ଅନଶନ ଭଙ୍ଗ ହୋଇଥିଲା। ଅନଶନସ୍ଥଳୀରେ ଆରକ୍ଷୀ ଅଧିକ୍ଷକ ଶ୍ରୀ କାଟାରିଆ ଓ ଏଡିଏମ ଶ୍ରୀ ମଲ୍ଲିକଙ୍କ ଉପସ୍ଥିତିରେ ବିଧାୟକ ଶ୍ରୀ ସାହୁ ଅନଶନକାରୀଙ୍କୁ ନିଷ୍ପତି ସମ୍ପର୍କରେ ସୂଚନା ଦେଇଥିଲେ। ଯେଉଁମାନେ ବ୍ଲକ ପରିସରରେ ପ୍ରାକ୍ତନ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ଦୁର୍ବ୍ୟବହାର କରିଥିଲେ ବିଡିଓ ଶ୍ରୀ ଆଚାର୍ଯ୍ୟ ଥାନାରେ ଅଭିଯୋଗ କରିବେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସହ ବ୍ଲକ ପରିସରକୁ ଯାଉଥିବା ଲୋକପ୍ରତିନିଧି ଓ ବିଡିଓଙ୍କୁ ସୁରକ୍ଷା ଦେବା ପାଇଁ ହୋମଗାର୍ଡଙ୍କୁ ନିୟୋଜନ କରାଯିବ। ପେଣ୍ଠ ବାତ୍ୟାସ୍ଥଳୀ ସହ ସମସ୍ତ ୩୫ଟି ବାତ୍ୟାଶ୍ରୟସ୍ଥଳୀରେ ସଭାପତି, ସଂପାଦକ ଓ କମିଟି ସଦସ୍ୟମାନେ କାମ କରିବେ। ପେଣ୍ଠ ବାତ୍ୟାଶ୍ରୟସ୍ଥଳୀରେ ହୋଇଥିବା ଚୋରୀର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ: ମନ୍ତ୍ରୀ



**କେନ୍ଦ୍ରାପଡ଼ା,୧୧।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାରୀ ତଥା ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟପାର ଏବଂ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସି ସରକାରଙ୍କ ବିଭିନ୍ନ ଯୋଜନା ଓ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମହାକାଳପଡା ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକରେ ମନ୍ତ୍ରୀ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧିକାରୀମାନେ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହିତ ତାର ସମାଧାନ ଉପରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା, ସ୍ୱଚ୍ଛଭାରତ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଧାନ ସଂଗ୍ରହ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ବୟୋବନ୍ଦନା ଯୋଜନାରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ସହିତ ଜିଲ୍ଲାର ସମସ୍ତ ଅଙ୍ଗନବାଡିର ସ୍ଥିତ ସମୀକ୍ଷା କରିଥିଲେ। ଅଙ୍ଗନବାଡି ଗୁଡିକର ଆନୁଷଙ୍ଗିକ ବ୍ୟବସ୍ଥା ଗୁଡିକ ତୁରନ୍ତ ସମାଧାନ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଥିଲେ। ଜନହିତକାରୀ ଯୋଜନାର ସୁଫଳ ଯେପରି ହିତାଧିକାରୀ ପାଇପାରିବେ ଓ କୌଣସି ଅସୁବିଧା କିମ୍ବା ବିଳମ୍ବ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ ନ୍ୟାୟ ସମାଜର ଦର୍ପଣ ହେବା ଉଚିତ ଏଥିରୁ ବିଚ୍ୟୁତ ହେବା କଥା ନୁହେଁ। ଏହା ସହିତ ମହିଳା ତଥା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନୂଆ ସମ୍ଭାବନା ସୃଷ୍ଟି କରି ଜୀବନ ଜୀବିକା ତଥା ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବାକୁ ପଡିବ ବୋଲି ମନ୍ତ୍ରୀ କହିଥିଲେ। ଅନ୍ତୋଦୟ ଗୃହ ଯୋଜନାରେ ଘର ଯୋଗେଇବା ଏବଂ ହିତାଧିକାରୀ ଚୟନ ପ୍ରକ୍ରିୟାରେ ସଠିକ ତଦନ୍ତ, ଶଯ୍ୟାଶାୟୀ, ୮୦ ବର୍ଷରୁ ଉର୍ଦ୍ଧ ହିତାଧିକାରୀଙ୍କ ଭତ୍ତା କିପରି ଘର ଦାଣ୍ଡରେ ପହଞ୍ଚିବ ସେଥିପ୍ରତି ଯତ୍ନବାନ ହେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏକ ଟିମ ହୋଇ କାର୍ଯ୍ୟକରିବା ଏବଂ ଜିଲ୍ଲାର ଉନ୍ନତିରେ ନିଜର ଆନ୍ତରିକତା ଓ ଆତ୍ମୀୟତା ରହିଲେ ନିଶ୍ଚିତ ଭାବେ ଜିଲ୍ଲା ଏକ ନମ୍ବର ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ। ବୈଠକ ପୂର୍ବରୁ ମନ୍ତ୍ରୀ ଶ୍ରୀବଳଦେବଜୀଉଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଥିଲେ।

# ବଡଚଣା ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ସଭା



**ବଡଚଣ,ଚଣ୍ଡିଖୋଲ,୧୧।୬/ଏନ୍‌ଏନ୍‌ଏସ୍:** ଆଜି ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ବଡଚଣା ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ବଡଚଣା ବ୍ଲକ୍ ବିଜେଡ଼ି ସଭାପତି ତାପସ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯାଜପୁର ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର ଯୋଗଦେଇ ପୁର୍ବ ସରକାର ସମୟରେ ହୋଇଥିବା ଯୋଜନାଗୁଡ଼ିକୁ ନିଜର କହି ବାହାବା ନେଉଥିବା କହିଥିଲେ। ବଡଚଣା ବିଜେଡି ନେତା କ୍ୟାପ୍‌ଟେନ୍ ରାଜ ନାରାୟଣ ମହାପାତ୍ର କହିଥିଲେ କି ଆଜିର ସରକାର ବିଜେଡି କର୍ମୀମାନଙ୍କୁ ମିଥ୍ୟା ଅଭିଯୋଗରେ ଥାନାରେ ପୁରାଉଛନ୍ତି। ଆଗାମୀ ଦିନରେ ବିଜେଡି ପକ୍ଷରୁ ବ୍ଲକ ଘେରାଉ କରିବା ସହିତ ବିଜେପି ସରକାର ସମୟରେ ହୋଇଥିବା ଦୁର୍ନୀତିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଦଳୀୟକର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରହଲ୍ଲାଦ ନନ୍ଦ, କୈଳାସ ରାଉତ, ଭାଗ୍ୟଧର ମଲ୍ଲିକ, ଅଧ୍ୟକ୍ଷା ଇତିଶ୍ରୀ ସାମଲ, ଶୁକ୍ରମଣି ପୂର୍ତ୍ତି, ଜିଲ୍ଲା ବିଜେଡ଼ି ଉପସଭାପତି ଅମର ମହାନ୍ତି, ନିରଞ୍ଜନ ବିଶ୍ୱାଳ, ସରସ୍ୱତୀ ବେହେରା ଦମୟନ୍ତୀ ସାମଲ, ସିମନ୍ତିନି ଜେନା, ଯାଜପୁର ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ଜ୍ଞାନ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ବଡଚଣା ରେ ଚାଲୁଥିବା ଅନ୍ୟାୟ, ଅନୀତି, ଦୁର୍ନୀତି ବିରୁଦ୍ଧରେ ବିଜେଡି ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ। ଏହି ଅବସରରେ ବଡଚଣା ବ୍ଲକ୍ ବିଜେଡ଼ିର ନବ ନିର୍ବାଚିତ ଉପସଭାପତି, ସଧାରଣ ସମ୍ପାଦକ,ସମ୍ପାଦକ, ଗ୍ରାମ ପଞ୍ଚାୟତ ସଭାପତି ଓ ଉପଦେଷ୍ଟା ମଣ୍ଡଳୀ ସଭ୍ୟମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ଟ୍ରେନ୍ ଦୁର୍ଘଟଣାରେ ୩ ମଇଁଷି ମୃତ

**ଚାନ୍ଦୋଲ,୧୧।୬/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ ଠାକୁର ହାଟ ସ୍ଥିତ ପାଟଶମୁଳେଇ ମନ୍ଦିର ନିକଟରେ ସୋମବାର ଅପରାହ୍ନରେ ଟ୍ରେନ ଦୁର୍ଘଟଣାରେ ୩ଟି ମଇଁଷିଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଟି ଗୁରୁତର ଆହାତ ହୋଇଛନ୍ତି। ପ୍ରକାଶ ଗତକାଲି ଅପରାହ୍ନରେ ଗୁଆଲସିଂ ପଞ୍ଚାୟତ ଛାଞ୍ଚୁଣିଆ ଗ୍ରାମର କୁମର ବେହେରା ତାଙ୍କ ମଇଁଷି ପଲକୁ ପାଟ ସମୁଳେଇ ନିକଟସ୍ଥ ଟ୍ରେନ୍ ଲାଇନ୍ କଡ଼ରେ ଥିବା ବିଲରେ ଚରାଉଥିଲେ। ଏହି ସମୟରେ ହଠାତ୍ କଳାହାଣ୍ଡିଆ ମେଘ ଉଠାଇ ଆସି ଘଡ଼ଘଡ଼ି ସହ ପ୍ରଚୁର ବର୍ଷା ହୋଇଥିଲା। ଘଡ଼ଘଡ଼ିର ପ୍ରଚଣ୍ଡ ଶବ୍ଦରେ ମଇଁଷିମାନେ ଇତସ୍ତତ ହୋଇ ଟ୍ରେନ୍‌ଲାଇନ୍ ଉପରକୁ ଚଢ଼ି ଯାଇଥିଲେ। ଏହି ସମୟରେ ହଠାତ୍ ଟ୍ରେନ ଆସିଯିବା ସହିତ ମଇଁଷି ପଲଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରେନ ଲାଇନ୍ ଉପରେ ଥିବା ୫ଟି ମଇଁଷି ମଧ୍ୟରୁ ଟ୍ରେନ୍ ଧକ୍କାରେ ୩ଟି ମଇଁଷିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଟି ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ତେବେ ମରିଯାଇଥିବା ତିନୋଟି ମଇଁଷି କ୍ଷିର ଦେଉଥିବା ବେଳେ ସେମାନଙ୍କ ମୃତ୍ୟୁ ଶ୍ରୀ ବେହେରାଙ୍କ ମୁଣ୍ଡରେ ଚଡ଼କ ପାଇଛି।

# ପିଜନ୍ ଆସୋସିଏସନ୍ ତରଫରୁ ସମ୍ବର୍ଦ୍ଧନା ଉତ୍ସବ



**ଯାଜପୁର,୧୧।୬/ଏନ୍‌ଏନ୍‌ଏସ୍:** ଜିଲ୍ଲାରେ ଅନୁଷ୍ଠିତ ପାରା ଉଡାଣ ପ୍ରତିଯୋଗିତା ମେ'୧ରେ ଆରମ୍ଭ ହୋଇ ୩୦ରେ ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଦ୍ୟାଧର ସାହୁ , ଉପ ସଭାପତି ବିପ୍ରଚରଣ ଦଳାଇ ସଙ୍ଗଠିତ କରିଥିଲେ। ସାଇରାମ ବେହେରା, ସନ୍ତୋଷ ଦାସ, ଚିରଞ୍ଜୀବ ଦାସ, ଜୟ ପ୍ରକାଶ ସାମଲ,ବିବେକା ନନ୍ଦ ସାମଲ ପ୍ରଭୃତିଙ୍କ ସହ ଯାଜପୁରର ସୁନାମଧନ୍ୟ ଖେଳାଳୀ ଅଂଶଗ୍ରହଣ କରି ଏହି କାର୍ଯ୍ୟକୁ ସୁଚାରୁ ରୁପେ ତୁଲାଇ ଥିଲେ। ସେଥିରେ ୨ଟି ବିଭାଗରେ ଖେଳ ହୋଇଥିଲା ପ୍ରଥମ ବିଭାଗରେ ମିକ୍ସ ଜାତିର ପାରା ଉଡାଣରେ ପ୍ରଥମ ସ୍ଥାନ ଗ୍ରହଣ କରିଥିଲେ ଶିବ ପ୍ରକାଶ ଦାସ, ସେହିଭଳି ଦ୍ୱିତୀୟ ସ୍ଥାନରେ ସାଇରାମ ବେହେରା ଏବଂ ତୃତୀୟ ସ୍ଥାନରେ ମନୋଜ କୁମାର ଦାସ ଅଧିକାର କରିଛନ୍ତି। ଦେଶୀ ପାରାରେ ପ୍ରଥମ ସ୍ଥାନରେ ଶୁଭଙ୍କର ପରିଡା, ଦ୍ୱିତୀୟ ସ୍ଥାନରେ ସେକ ମୁସ୍ତାକ ଏବଂ ତୃତୀୟ ସ୍ଥାନରେ ସତ୍ୟଜିତ ଦାସ, ଅଧିକାର କରିଛନ୍ତି ରୋଟାରୀ କ୍ଲବ୍ ଠାରେ ଏହି ପ୍ରତିଯୋଗୀମାନଙ୍କୁ ପିଜନର ସଭାପତି ଓ ସମ୍ପାଦକ ସମ୍ବର୍ଦ୍ଧିତ କରି ପୁରସ୍କୃତ କରିବା ସହ ଅନ୍ୟ କର୍ମୀଙ୍କୁ ଉତ୍ସାହିତ ଏବଂ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

# ରୋଗୀଙ୍କୁ ଭେଟିଲେ ପୂର୍ବତନ ବିଧାୟକ



**ଧର୍ମଶାଳା,୧୧।୬/ଏନ୍‌ଏନ୍‌ଏସ୍:** ଆଜି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଜେଡି ଦଳର ପ୍ରାକ୍ତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ତାଙ୍କ ସହିତ ବହୁ ବିଜେଡି କର୍ମୀ ରୋଗୀମାନଙ୍କୁ ଭେଟିବା ପାଇଁ ଯାଇଥିଲେ। ରୋଗୀମାନଙ୍କର ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିବା ସହିତ ତାଙ୍କ ପରିବାରର ସଦସ୍ୟଙ୍କ ସହିତ ଆଲୋଚନା ରଖି ସାନ୍ତ୍ୱନା ଦେଇଥିଲେ।ଧର୍ମଶାଳା ଅଞ୍ଚଳରେ ୨/୩ ଦିନ ହେଲା ଶହ ଶହ ସଂଖ୍ୟାରେ ଡାଇରିଆ ରୋଗୀ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚୁଛନ୍ତି। ଡାକ୍ତର ମାନଙ୍କ ସହିତ ପରାମର୍ଶ କରିଥିଲେ କିଭଳି ଭାବେ ସମସ୍ତ ରୋଗୀ ମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବା ସହିତ ଧର୍ମଶାଳା ଆଞ୍ଚଳରେ ରୋଗୀଙ୍କ ସଂଖ୍ୟା କିଭଳି ବୃଦ୍ଧି ପାଇବ ନାହିଁ ସେ ବିଷୟରେ ଡାକ୍ତର ଓ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ଆଲୋଚନ କରିଥିଲେ। ଶ୍ରୀଯୁକ୍ତ ବଳବନ୍ତରାୟ ମତବ୍ୟକ୍ତ ରଖିଥିଲେ ବର୍ତ୍ତମାନର ନୂଆ ବିଜେପି ସରକାର ଏକ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଏଭଳି ପରିସ୍ଥିତି ଦୁଃଖ ଦାୟକ ଘଟଣା। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଭଳି ଅବ୍ୟବସ୍ଥା ବଡ଼ ଦୁଃଖ ଦାୟକ ବୋଲି କହିଥିଲେ। ପ୍ରାୟତଃ ଆଜି ୫୦ରୁ ଉର୍ଦ୍ଧ୍ୱ ରୋଗୀ ଏବେବି ଚିକିତ୍ସିତ ହେଉଛନ୍ତି।

# ୩୦ଲିଟରର ଦେଶୀ ମଦ ଜବତ, ୪ଗିରଫ



**ପାଲଲହଡା,୧୧।୬/ଏନ୍‌ଏନ୍‌ଏସ୍:** ପାଲଲହଡା ଅଞ୍ଚଳରେ ଦେଶୀମଦ କାରବାର ଜୋରସୋର ଚାଲିଥିବା ବେଳେ ଆଜି ସକାଳେ ପାଲଲହଡା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଓ ଚୋରା ଚାଲାଣ ହେଉଥିବା ମହୁଲ ଜବତ କରିବା ସହିତ ଚାରି ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପ୍ରକାଶ, ଆଜି ସକାଳ ୬ ଟା ସମୟରେ ପାଲଲହଡା ଅବକାରୀ ଥାନା ଅଧିକାରୀ ନିରାକାର ଦେହୁରୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରି ଦେଶୀ ମଦ ରାନ୍ଧୁ ଥିବା ସମୟରେ ଇଶ୍ୱରନଗର ପଞ୍ଚାୟତ ଟମ୍ପର ଗ୍ରାମର ମୋହନ ନାଏକ (୩୩)କୁ ଗିରଫ କରିବା ସହିତ ଚାରିଟି ଡ୍ରମ୍‌ରେ ୧୦୦ କେଜି ପୁଚ ଓ ୩୦ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ନିଜିଗଡ଼ ପଞ୍ଚାୟତ ସମିଆପାଲି ଗ୍ରାମର ମହିଳା ମିତା ଧୀବର (୨୫)ନିକଟସ୍ଥ ଜଙ୍ଗଲରେ ମଦ ରାନ୍ଧୁ ଥିବା ସମୟ ରେ ୧୦ ଲିଟର ଦେଶୀ ମଦ ସହିତ ନିର୍ମାଣ ସାମଗ୍ରୀ ଜବତ କରିଥିଲେ। ଆଜି ୧୦ ଟା ସମୟ ରେ ପେଟ୍ରୋଲିଂ କରୁଥିବା ସମୟରେ କରଡ଼ାପାଳ ପଞ୍ଚାୟତ ସହରଗୁରୁଜାଙ୍ଗ ମନ୍ଦିର ନିକଟରେ ଚୋରା ମହୁଲ ନେଇ ପାଲଲହଡାର ଜଣେ ମହୁଲ ବେପାରୀଙ୍କ ନିକଟକୁ ନେଇ ଯାଉଥିବା ଏକ ନମ୍ବର ବିହୀନ ଟେମ୍ପୁରୁ ୪ କୁଇଣ୍ଟାଲ ୪୦ କେଜି ମହୁଲ ଜବତ କରିବା ସହିତ ଟେମ୍ପୁ ଚାଳକ ରଞ୍ଜଣା ଗ୍ରାମର ନୀଳକଣ୍ଠ ସାହୁ (୪୦) ଓ ଅନ୍ୟ ଜଣେ ତିରିବି ଗ୍ରାମର ସଦାନନ୍ଦ ସେଠୀ (୪୮) ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିଲେ। ସମସ୍ତ ଗିରଫ ଚାରି ଜଣଙ୍କୁ ଡାକ୍ତରୀମାଇନା ପରେ କୋର୍ଟ ରେ ହାଜର କରାଯାଇଥିବା ବେଳେ ବେଲ ନାମଞ୍ଜୁର ହେବାରୁ ଚାରି ଜଣଙ୍କୁ ଜେଲ ହାଜତ କୁ ପଠାଯାଇଥିବା ଜଣାପଡ଼ିଛି। ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ଆଇ ନରେନ୍ଦ୍ର ମହାନନ୍ଦିଆ, କନେଷ୍ଟବଳ ମନୋଜ କୁମାର ବେହେରା, କନେଷ୍ଟବଳ ସସ୍ମିତା ସାହୁ ପ୍ରମୁଖ ସାମିଲ ଥିଲେ।

# ୧୧ କେଭି ବିଦ୍ୟୁତ୍ ତାର ଚୋରି

**ଚାନ୍ଦୋଲ,୧୧।୬/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ ସ୍ଥିତ ଉଠାଜଳସେଚନ ପ୍ରକଳ୍ପକୁ ସଂଯୋଗ ହୋଇଥିବା ୧୧ କେଭି ବିଦ୍ୟୁତ୍ ତାରକୁ ରବିବାର ରାତିରେ କେହି ଦୁର୍ବୃତ୍ତ ଚୋରି କରିଥିବା ନେଇ ଠିକାଦାର କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଲୁଣାନଦୀର ଅର୍ତ୍ତାମୂଳ ଠାରେ ଥିବା ନଦୀ ପଠାରେ ଚାଷ ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ଏକ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ପ୍ରକଳ୍ପ ନିମନ୍ତେ ଗିରିଗୋଲା ଠାରୁ ଖୁଣ୍ଟ ବସାଯାଇ ୧୧ କେଭି ବିଦ୍ୟୁତ୍ ତାର ସଂଯୋଗ କରାଯାଇଛି। ତେବେ ପ୍ରକଳ୍ପଟି ନିର୍ମାଣଥିବା ବେଳେ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ୧୫ଟି ସ୍ପାନ୍‌ରୁ ୧୧ କେଭି ବିଦ୍ୟୁତ୍ ତାର ଚୋରାଇ ନେଇଛି। ଏହି ଦୁଇ କିଲୋମିଟର ବ୍ୟାପୀ ୧୫ଟି ସ୍ପାନର ତାରର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ କାର୍ଯ୍ୟର ଠିକାଦାର ସୌଭାଗ୍ୟ ଲକ୍ଷ୍ମୀ ସାହୁ କେନ୍ଦ୍ରାପଡ଼ା ସଦର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ ହେବା ସହିତ ପୁଲିସ ତଦନ୍ତ ଜାରି ରଖିଛି।

# ବ୍ଲକ୍ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ



**ରାଜନଗର,୧୧।୬/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କଂଗ୍ରେସ କାର୍ଯ୍ୟାଳୟ ନିକଟରୁ ଏକ ବାଇକ୍ ଶୋଭାଯାତ୍ର ବାହାରି ହସୁଆସେତୁ ଦେଇ ସାନବଡଗୋପାଳପୁର ବଜାରରେ ଥିବା ନିଳାଦ୍ରୀ ବିହାରୀ ମଣ୍ଡପରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ କଂଗ୍ରେସ ନେତା ଅଶୋକ କୁମାର ପ୍ରତିହାରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ ଦାସ, ଓବିସି ସେଲ୍ ନେତା ମଳୟ କୁମାର ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ପୂର୍ବତନ ଜିଲ୍ଲା ଉପସଭାପତି ରମାକାନ୍ତ ଦାସ, ପୂର୍ବତନ ଦଳିତ ସେଲ ସଭାପତି ଭାସ୍କର ସେଠୀ, ପ୍ରମୋଦ କୁମାର ସ୍ୱାଇଁ ହୋଇ ପ୍ରମୁଖ ଯୋଗଦେଇ ମୋଦି ସରକାର ଦେଶର ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ନିଜ ଦଳୀୟ କାର୍ଯ୍ୟରେ ବ୍ୟବହାର କରିବା ସହିତ ବିରୋଧୀ ନେତାମାନଙ୍କୁ ବିଭିନ୍ନ ମିଥ୍ୟା ମାମଲାରେ ଜଡିତ କରି ଜେଲ ପଠାଉଛନ୍ତି। ଯାହାକି ନିନ୍ଦନୀୟ ବୋଲି ନେତାମାନେ କହିଥିଲେ। ପ୍ରାରମ୍ଭରେ ରାଜନଗର ବଣିକ ସଂଘର ସଦସ୍ୟ ପବିତ୍ର ରାଉତଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହିତ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ କଂଗ୍ରେସ ନେତା ରମାକାନ୍ତ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହି ସଭାରେ ଦାଶରଥି ବାରିକ, ବିବେକାନନ୍ଦ ସାମନ୍ତରାୟ, ଦେବପ୍ରସାଦ ପାଣି, ବିଜୟ ନାୟକ, ବିଭୁକିଶୋର ଦାସ, ପ୍ରଦୀପ ସେଠୀ, ରଞ୍ଜନ ପାଳ, କୁଳମଣି ମଲ୍ଲିକ, ଜଗନ୍ନାଥ ମଲିକ ହେମନ୍ତ ମିଶ୍ର , ରବୀନ୍ଦ୍ର ନାଥ ରାଉତ, ଦାମୋଦର ସ୍ୱାଇଁ , ରାମଚନ୍ଦ୍ର ଦାସ, ଗୌରାଙ୍ଗ ମହାରଣା, ଜଗନ୍ନାଥ ମଲିକ, ସତ୍ୟ ରାଉତ, ଶୁଭେନ୍ଦୁ ଦାସ, ଆଶୁତୋଷ ରାଉତ, ବନମାଳୀ ପ୍ରଧାନ, ପ୍ରଦୀପ ରାଉତ, କ୍ଷୀରୋଦ କୁମାର ସ୍ୱାଇଁ, କରୁଣାକର ଦାସ, ମନଜ ରାଉତ, ପ୍ରଭାକର ମଲିକ, ରାମଚନ୍ଦ୍ର ମାଇତି, ଅଜୟ ମଲିକ, ରାଜୁ ମଲିକ, ନରହରି ସ୍ୱାଇଁ, ବାଦଲ ପ୍ରଧାନ, ଶାନ୍ତି ମଲିକ, ସ୍ୱର୍ଣବୋଳା ମଲିକ, ପ୍ରତିଭା ମଲିକ ଯୁବ, ଛାତ୍ର, ମହିଳା ସମସ୍ତ ନେତୃତ୍ୱ ଯୋଗଦେଇ ସଫଳ କରିଥିଲେ।

# ଅଘୋଷିତ ବିଦ୍ୟୁତ୍‌କାଟକୁ ନେଇ ଦାବିପତ୍ର



**ତାଳଚେର,୧୧।୬/ଏନ୍‌ଏନ୍‌ଏସ୍:** ଅଲଓଡ଼ିଶା ମାନବଧିକାର ପରିଷଦ ସଭାପତି ଡା. ଦେବେନ୍ଦ୍ର କୁମାର ସିଂହ ଆଜି ତାଳଚେର ଉପଜିଲ୍ଲାପାଳ ସମୀର ଜେନାଙ୍କୁ ତାଳଚେରରେ ବାରମ୍ବାର ଅଘୋଷଇତ ବିଦ୍ୟୁତ୍ କାଟକୁ ରୋକାଯିବାକୁ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତାଳଚେର ଏକ ଶିଳ୍ପାଞ୍ଚଳ ହୋଇଥିବାରୁ ଏଠାରେ ପାରଦ ଉପରମୁହାଁ ହେଉଥିବା ବେଳେ କୋଇଲା ପୋଡ଼ି ଓ କଳକାରଖାନା ଯୋଗୁଁ ପ୍ରଚୁର ପରିମାଣରେ ଗୁଳୁଗୁଳି ସହିତ ଅସହ୍ୟ ଗ୍ରୀଷ୍ମତାପ ଅଞ୍ଚଳବାସୀଙ୍କୁ ଅତିଷ୍ଠ କରି ପକାଇଥାଏ। ଏହାକୁ ନେଇ ରୋଗୀମାନଙ୍କ ସହ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାହତ ହେଉଛି। ତାଳଚେର ୩ଟି ତାପଜ ବିଦ୍ୟୁତ୍ ପ୍ରକଳ୍ପ ରହିଥିଲେ ମଧ ତାଳଚେରବାସୀଙ୍କୁ ଏଥିରୁ ଉପେକ୍ଷା କରାଯାଇ ବାହାର ରାଜ୍ୟରେ ନିରବଚ୍ଛିନ୍ନ ଭାବରେ ବିଦ୍ୟୁତ୍ ସେବା ଯୋଗାଇ ଦେଉଥିବା ବେଳେ ଦୀପତଳ ଅନ୍ଧାର ସଦୃଶ୍ୟ ତାଳଚେର ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍‌କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିପାକଉଛି। ଏହାକୁ ବିଚରାକୁ ନେଇ ଶ୍ରୀ ସିଂହ ତାଳଚେର ଉଜିଲ୍ଲାପଳଙ୍କୁ ଲୋଭୋଲଟେଜ୍ ଓ ଅଘୋଷିତ ବିଦ୍ୟୁତ୍ କାଟର ସମସ୍ୟା ସୁଧାର ଆଣିବାକୁ ଦାବିପତ୍ରରେ ମାଧମରେ ଜଣାଇଛନ୍ତି। ତେବେ ଉପଜିଲ୍ଲାପାଳ ଏଥିରେ ହସ୍ତାକ୍ଷେପ କରି ଆଗାମୀ ଦିନରେ କ'ଣ ନେଉଛନ୍ତି ତାହା ଦେଖିବାକୁ କେବଳ ବାକି ରହିଛି।

# ଲୋକଙ୍କ ସେବାରେ ସମର୍ପିତ ଆମ ସରକାର : ମନ୍ତ୍ରୀ



**ଢେଙ୍କାନାଳ,୧୧।୬/ଏନ୍‌ଏନ୍‌ଏସ୍:** ରାଜ୍ୟରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଅବସରରେ ମୋହନ ସରକାରଙ୍କ ସଫଳତାର ଚିଠା ନେଇ ରାଜ୍ୟର ବିଭିନ୍ନ ମାନେ ମନ୍ତ୍ରୀମାନେ ବିଭିନ୍ନ ଜିଲ୍ଲାକୁ ଯାଇ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମର ଉପଲବ୍ଧି ବିଷୟରେ ଜନସାଧାରଣଙ୍କୁ ଜଣାଉଛନ୍ତି । ଏହି ଅବସରରେ ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଆମ ସରକାର ଲୋକଙ୍କ ସେବାରେ ସମର୍ପିତ ହୋଇଥିବା ବେଳେ ବର୍ଷ ସିନା ଏକ ହେଲେ ଅନୁଭୂତି ଅନେକ ଅଛି ବୋଲି କହିଥିଲେ। ଦେଶର ଭବିଷ୍ୟତ ଯୁବକମାନେ କୌଣସି ସରକାରୀ ଚାକିରୀ ବୟସସୀମା ପାଇଁ ନପାଇ ହତାସ ଭାବେ ରହୁଥିବାରୁ ସେମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଚାକିରୀ କରିବାର ବୟସସୀମା ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରିବା ପଦକ୍ଷେପ ଆମ ସରକାରର ଯୁବକମାନଙ୍କ ଭିତରେ ଏକ ନୂଆ ଆଶା ଓ ଉଦ୍ଦିପନା ପହଞ୍ଚି ପାରିଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ। ଢେଙ୍କାନାଳ ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଆମ ସରକାର ଆସିବା କ୍ଷଣି ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ କାର୍ଯ୍ୟ କରୁଛି ବୋଲି ମତବ୍ୟକ୍ତ କରୁଥିବା ବେଳେ ଜନ ସାଧାରଣଙ୍କର ଅଭିଯୋଗ ଶୁଣିବା ପାଇଁ ଆମ ସରକାର ଜନସାଧାରଣଙ୍କ ପାଖକୁ ଯିବା ସହିତ ଦୀର୍ଘ ବର୍ଷଧରି ଭୁବନେଶ୍ୱରରେ ପଡିରହିଥିବା ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଉଦ୍ଧାର କରି ଜନସାଧାରଣଙ୍କ ଅଭିଯୋଗ ଶୁଣି ସମାଧାନ କରିବାରେ ପ୍ରଚେଷ୍ଟା ଜାରି ରଖିଛି ବୋଲି କହିଥିଲେ। ଏହି ଅବସରରେ ବିଗତ ସରକାର ଚାଷୀମାନଙ୍କୁ ୧୦୦ ଟଙ୍କା ଇନପୁଟ ସପ୍‌ସିଡ୍ ଦେବାପାଇଁ କୁଣ୍ଠାବଦ୍ଧ କରିଥିବା ବେଳେ ଆମ ସରକାର ୮୦୦ ଟଙ୍କା ଇନ୍‌ପୁଟ ସପସିଡ ଦେଇ ଧାନ କୁଇଣ୍ଟାଲ ୩୧୦୦ ଟଙ୍କାରେ କିଣି ଚାଷୀମାନଙ୍କ ଆୟକୁ ଦୁଇ ଗୁଣିତ କରିଥିବା ବେଳେ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେଇ ଲକ୍ଷପତି ଦିଦି କରିବାରେ ସଫଳ ହୋଇଥିବା ସୂଚନା ଦେଇଥିଲେ। ଏଥିସହିତ କେନ୍ଦ୍ର ସରକାରଙ୍କ ଠାରୁ ନେଇ ରାଜ୍ୟ ସରକାରଙ୍କର ସମସ୍ତ ଲୋକଉପକାରୀ ଯୋଜନାର ସଫଳ କାର୍ଯ୍ୟସୂଚୀ ବିଷୟରେ ମନ୍ତ୍ରୀ ଶ୍ରୀ ମହାପାତ୍ର ବିସ୍ତୃତ ଭାବେ ସୂଚନା ଦେଇଥିଲେ। ଏହି ଅବସରରେ ନଗର ଉନ୍ନୟନ ମନ୍ତ୍ରୀ ନିଜ ବିଭାଗର ସଫଳତା ବିଷୟରେ କହିବାକୁ ଯାଇ ସହର ଗୁଡିକୁ ସବୁଜ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପଦକ୍ଷେପ ଯଥା ସହାରାଞ୍ଚଳ ଉନ୍ନୟନ, ସହରାଞ୍ଚଳ ଭିତିଭୂମି, ମଜୁରୀ ଭିତିକ ନିଯୁକ୍ତି, ଜଳାଶୟର ପୁନରୁଦ୍ଧାର, ସହରାଞ୍ଚଳ ନଦୀ ସମ୍ମୁଖ ବିକାଶ, ସହରାଞ୍ଚଳ ବୁଲା ପ୍ରାଣୀ କଲ୍ୟାଣ ଓ ପରିଚାଳନା, ପୌର ପ୍ରଶାସନର ଉନ୍ନତି, ବିଶେଷ କରି ସହରାଞ୍ଚଳର ପରିସୀମା ବୃଦ୍ଧି, ନୂତନ ଏନଏସି, ପୌରପରିଷଦ ଓ ମହାନଗର ନିଗମ ଗଠନ, ଟାଉନ ପ୍ଲାନିଂର ସୁଦୃଢ, ନିୟୁ ସିଟି ପରିଯୋଜନା, ହାଉସିଂ ବୋର୍ଡ ଦ୍ୱାରା ସୁଲଭ ଗୃହ ନିର୍ମାଣ, ସହରାଂଚଳ ଗମନା ଗମନ ପାଇଁ ଇ-ବସ୍ ସେବା, ସ୍ୱରେଜ ଓ ବୃଷ୍ଟିଜଳ ନିଷ୍କାସନ ଯୋଜନା ପ୍ରଭୃତି କାର୍ଯ୍ୟକ୍ରମ ଗୁଡିକ କରିବା ପାଇଁ ଯୋଜନା କରି କିଛି କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଆଗାମୀ ଦିନରେ ଏହା ସଂପୂର୍ଣ୍ଣ କରିବା ଆମ ସରକାରର ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ସୂଚନା ଦେଇଥିବା ବେଳେ ସେଥିପାଇଁ ୯ ହଜାର ୯ ଶହ ୮୪ କୋଟି ୭୦ ଲକ୍ଷ ୩୪ ହଜାର ଟଙ୍କାର ବଜେଟ ଆକଳନ କରାଯାଇଛି ଏବଂ ସେଥି ମଧ୍ୟରୁ କାର୍ଯ୍ୟକ୍ରମ ଯୋଜନା ବ୍ୟୟ ପାଇଁ ୬ ହଜାର ୬ ଶହ ୨୦ କୋଟି ଟଙ୍କା ଏବଂ ପ୍ରଶାସନିକ ବ୍ୟୟବରାଦ ପାଇଁ ୩ ହଜାର ୩ ଶହ ୭୩ କୋଟି ୫୬ ଲକ୍ଷ ୮୪ ହଜାର ଟଙ୍କା ଏହି ବଜେଟରେ ବ୍ୟୟବରାଦ କରାଯାଇଛି ବୋଲି ସୂଚନା ଦେଇଥିଲେ ।

## ବିଜୟୱାଡାରୁ ନାବାଳିକା ଉଦ୍ଧାର

**ରାଜନଗର,୧୧।୬/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ମହିଁଷାପୁର ପଞ୍ଚାୟତର ଜଣେ ନାବାଳିକା ଚଳିତ ବର୍ଷ ମାର୍ଚ୍ଚ ୨୪ତାରିଖ ଦିନ ନିଖୋଜ ହୋଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଆନ୍ଧ୍ରପ୍ରଦେଶର ବିଜୟୱାଡାରୁ ସଂପୃକ୍ତ ନାବାଳିକାକୁ ଉଦ୍ଧାର କରି ଥାନାକୁ ଆଣିଛି ।

## ପାନୀୟଜଳ ସମସ୍ୟା ନେଇ ରାସ୍ତା ଅବରୋଧ



**ପରଜଙ୍ଗ,୧୧।୬/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମ ରେ ପିଇବା ପାଣି ପାଇଁ ହନୁମାନ ବାଟିକା ଦେଇ ଯାଇଥିବା ବ୍ଲକ ରାସ୍ତାରେ ପରଜଙ୍ଗ ଗ୍ରାମର ଶତାଧିକ ମହିଳା ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଟାଙ୍କିରୁ ପାଇପ ଯୋଗେ ଜଳ ଯୋଗାଣ ଠିକ୍ ଭାବରେ ହେଉ ନ ଥିବା ଏବଂ କେତେକ ମୁଷ୍ଟିମେୟ ଲୋକ ପାଇପ ଯୋଗେ ଜଳ ନିଜ ଘରକୁ ସଂଯୋଗ କରିବା ହେତୁ ଗ୍ରାମର ଭିତରକୁ ପହଞ୍ଚୁ ପାରୁ ନ ଥିବା କାରଣରୁ ପିଇବା ପାଣି ପେଇଁ ପାଇଁ ହଇରାଣ ବିକଳ ହେବାକୁ ପଡୁଛି । ଗତଦିନ ଦୁଇ ବର୍ଷ ଦିନରେ ମଧ୍ୟ ଗ୍ରାମ ଭିତରେ ପାଣି ଅସୁବିଧା ରହିଥିଲା । ଟାଙ୍କି ପାଇପଜଳ ଯୋଗାଣ ଉପରେ ଉପରେ ନିର୍ଭର କରନ୍ତି । ଏହାର ସଠିକ ସମାଧାନ ନିତ୍ୟାନ୍ତ ଆବଶ୍ୟକ ରହିଛି । ପ୍ରାୟ ଏକ ଘଣ୍ଟା ପରେ ବ୍ଲକ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା ଓ ଜଳ ଯୋଗାଣ ଅଧିକାରୀ ଏବଂ ଆସିଷ୍ଟାଣ୍ଟ ଇଞ୍ଜିନିୟର ଆସି ମହିଳାମାନଙ୍କୁ ବୁଝି ସୁଝି କରିବା ସହ ପ୍ରତିଶ୍ରୁତି ଦେଇ ରାସ୍ତା ଅବରୋଧ ପ୍ରତ୍ୟାହୃତ କରିଥିଲେ।

## ମନୋରମା ମହାପାତ୍ରଙ୍କ ୯୧ତମ ଜୟନ୍ତୀ



**ଜଗତସିଂହପୁର,୧୧।୬/ଏନ୍‌ଏନ୍‌ଏସ୍:** ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟା ଓ ସାହିତ୍ୟିକା ମନୋରମା ମହାପାତ୍ରଙ୍କ ୯୧ ତମ ଜୟନ୍ତୀ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପୁରୁଣାଗଡ ସ୍ଥିତ ପଦ୍ମାଳୁ ପାଠାଗାରରେ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ପରିଷଦର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ, ମୁଖ୍ୟ ଆଲୋଚକ ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଯୋଗ ଦେଇ ସ୍ୱର୍ଗତା ମହାପାତ୍ର ଏକାଧାରରେ ଜଣେ ସୁଲେଖିକା, ସୁବକ୍ତା, ସମାଜସେବୀ ଓ ଉଚ୍ଚ କୋଟିର ଅଧ୍ୟାପିକା ଭାବେ ସୁପରିଚିତ ବୋଲି ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ସଞ୍ଜୟ କୁମାର ସାମନ୍ତସିଂହାର, ବିଜୟ କୁମାର ପତି, ସତ୍ୟବାଦୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ସ୍ୱର୍ଗତା ମନୋରମା ମହାପାତ୍ର ବହୁମୁଖୀ ପ୍ରତିଭାର ଅଧିକାରୀଣୀ ଥିଲେ ବୋଲି କହିବା ସହିତ ତାଙ୍କ କାର୍ଯ୍ୟ କୁଶଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା



**କୁଆଖିଆ,ରସୁଲପୁର,୧୧।୬/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ ଅନର୍ଗତ ଅଭିମନ୍ୟୁ ସାମନ୍ତ ସିଂହାର ଭବନ ପରିସରରେ ଆଜି ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିପିସି ସଞ୍ଜୟ କୁମାର ମଲ୍ଲିକ, ବିପିଏମ୍ ସୁପ୍ରଭା ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ବିଡିଓ ସତ୍ୟାନନ୍ଦ ଦାସ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନେ ହେଲେ ଏବିଇଓ ଡା. ପ୍ରଭଞ୍ଜନ ପତି, ଅଧ୍ୟାପିକା ମମତା ବୋଇତାଇ, ସିଡିପିଓ ଗୀତା ଗାୟତ୍ରୀ ରଥ, ଡା. ସୁଶ୍ରୀ ସଂଗୀତା ମହାନ୍ତି, ସୌରଭ ପାଲ, ଯୋଗଦେଇ ସୁଭଦ୍ରା ଶକ୍ତି ସମ୍ପର୍କରେ କହି ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଷ୍ଟଲ ବୁଲି ଦେଖି ଖାଦ୍ୟରମାନ ପରୀକ୍ଷା କରିଥିଲେ। ଏଥିରେ ମିଶନ ଶକ୍ତି, ଏମବିକେ କର୍ମକର୍ତ୍ତା ଓ ୧୫ଟି ଏସ୍‌ଏଚ୍‌ଜି ଗ୍ରୁପ୍ ଯୋଗଦେଇ ଷ୍ଟଲ୍ ପ୍ରଦର୍ଶନ କରିଥିଲେ। ବି ଏଲସି ସରିତା ଜେନା, ପ୍ରତିମା ପତି ଓ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଆଶାକର୍ମୀଙ୍କ ଘରୁ ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

**କାମାକ୍ଷାନଗର,୧୧।୬/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ସହରର ଅନନ୍ତପୁର ସାହିରେ ଗତକାଲି ବିଳମ୍ବିତ ରାତିରେ ଆଶା କର୍ମୀ ଗୀତାଞ୍ଜଳି ମିଶ୍ରଙ୍କ ଘର କବାଟ ଭାଙ୍ଗି ଲୁଟ କରିଛନ୍ତି ଦୁର୍ବୃତ୍ତ । ଗୀତାଞ୍ଜଳିଙ୍କ ଘରେ ଥିବା ଆୟୁଷ୍ମାନ କାର୍ଡ ଓ ତାଙ୍କ ପୁଅ ଆଟାଚରେ ଥିବା ସୁନା ଅଳଙ୍କାରକୁ ଲୁଟି ନେଇଛନ୍ତି । ଏ ନେଇ ଗୀତାଞ୍ଜଳି କାମାକ୍ଷାନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି । ତେବେ ଗତ କିଛିଦିନ ଧରି କାମାକ୍ଷାନଗର ସହର ଓ ଆଖପାଖରେ ଚୋରି ବୃଦ୍ଧି ପାଉଥିବା ବେଳେ ପୁଲିସ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଫଳରେ ଦିନକୁ ଦିନ ଚୋର ଓ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି।

## ତରି ମାଉସୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ ସାଂସଦ



**କେନ୍ଦ୍ରାପଡା,୧୧।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ସ୍ୱର୍ଗତ (ତରି ମାଉସୀ)ଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଛନ୍ତି। ଗତ ମାସ ୨୮ ତାରିଖ ଦିନ କମଳା ମହାରଣା ଅସାବଧାନତା ହେତୁ ପଡିଯାଇ ଚିକିତ୍ସାଧିନ ଅବସ୍ଥାରେ ସେହି ମାସ ୩୧ ତାରିଖ ଦିନ ମୃତ୍ୟୁବରଣ କରିଥିଲେ। ଅବ୍ୟବହୃତ ଜରିକୁ ସଂଗ୍ରହ କରି ବିଭିନ୍ନ ଘର ଉପକରଣ ସାମଗ୍ରୀ ତିଆରି କରି ସାରା ଓଡିଶାରେ ଚର୍ଚ୍ଚାରେ ରହିବା ସହିତ ଉକ୍ତ କାମ ପାଇଁ ପ୍ରଧାନମନ୍ତ୍ରୀ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଗତ ସାଧାରଣ ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ରାପଡା ଗ୍ରସ୍ତ ଅବସରରେ ଏକ ସାଧାରଣ ସଭାରେ ମୋଦିଜୀ ସ୍ୱର୍ଗତା କମଳା ମହାରଣାଙ୍କୁ ଆଣ୍ଠେଇ ନମସ୍କାର କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଅପରେସନ୍ ସିନ୍ଦୁର ସମୟରେ ଯବାନମାନଙ୍କ ମନୋବଳ ବଢାଇବା ପାଇଁ ବିଭିନ୍ନ ହାତ ତିଆରି ସାମଗ୍ରୀ ଉପହାର ପଠାଇଥିଲେ। ତାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ସାଂସଦ ଶ୍ରୀ ପଣ୍ଡାଙ୍କ ସହ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ତେଜେଶ୍ୱର ପରିଡା, କୃଷ୍ଣଚନ୍ଦ୍ର ପଣ୍ଡା, ସଲିମ୍ ଖାଁ, କିଶୋର ପଣ୍ଡା, ଅଭିମନ୍ୟୁ ଗୋଚ୍ଛାୟତ, କଳ୍ପନା ମଲ୍ଲିକ, ଜ୍ୟୋସ୍ନାମୟୀ ଜେନା ପ୍ରମୁଖଙ୍କ ସହ ଗୀତାଞ୍ଜଳୀ ସେଠି ପ୍ରମୁଖ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ଚଢ଼ଉ, ୯ ଗିରଫ


**ଢେଙ୍କାନାଳ,୧୧।୬/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ବ୍ରାହ୍ମଣିଆ ଗାଁ ନିକଟ ଏକ ବନ୍ଦ ଥିବା ବ୍ରଏଲର ଫାର୍ମରେ ଏପରି ଜୁଆ ଆଡ୍ଡା ଚାଲୁଥିବା ବେଳେ ରାତିରେ କାମାକ୍ଷାନଗର ପୁଲିସ ଚଢ଼ଉ କରିଛି। ସେଠାରୁ ୯ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନର ଅମିତ କୁମାର ସାହୁ(୪୦), ନିରଞ୍ଜନ ମହାରଣା( (୪୮), ଆଳତୁମାର ଭୀମସେନ୍ ସାହୁ(୪୮), ଯାଜପୁର ରୋଡ୍ ଲକ୍ଷ୍ମୀନଗରର ପ୍ରଶାନ୍ତ କୁମାର ସାହୁ(୪୦), ଯାଜପୁର ରୋଡ୍ କୋପଣ୍ଡାର ଅନନ୍ତ (୩୪), ବ୍ରାହ୍ମଣୀଆର ଅବନୀ ବେହେରା(୪୦), ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁରର ମାନସ କୁମାର ସାହୁ(୪୪), କୃଷ୍ଣକୁମାରପୁରର ପିଣ୍ଟୁ ସାମଲ (୩୫) ଓ କାମାକ୍ଷାନଗର ଅନନ୍ତପୁରର ତ୍ରିଲୋଚନ ବେହେରା(୫୦)।

## ତଟରକ୍ଷୀବାହିନୀ ପକ୍ଷରୁ ରକ୍ତଦାନ ଶିବିର



**ପାରାଦୀପ,୧୧।୬/ଏନ୍‌ଏନ୍‌ଏସ୍:** ବିଶ୍ୱ ରକ୍ତଦାନ ଦିସବ ପାଳନ ଅବସରରେ ପାରାଦୀପଠାରେ ଥିବା ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ-୭ ପକ୍ଷରୁ ବୁଧବାର ଦିନ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟାଳୟର କମାଣ୍ଡର ପ୍ରଥମେ ରକ୍ତଦାନ କରି ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ମୋଟ ୯୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଚଳିତ ବର୍ଷ ବିଶ୍ୱ ରକ୍ତଦାନ ଦିବସର ବାର୍ତ୍ତା ଥିଲା ରକ୍ତ ଦାନ କରିବା,ବିଶ୍ୱାସ ଦେବା, ସମସ୍ତେ ମିଶି ଜୀବନ ରକ୍ଷା କରିବା । ଏହି ବାର୍ତ୍ତାକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ତଟରକ୍ଷୀବାହିନୀ ପରିବାର ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସକ ଓ କର୍ମଚାରୀମାନେ ଏହି ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ରକ୍ତ ପରୀକ୍ଷଣ କରିଥିଲେ ।

## ବାଳିକା ସଶକ୍ତିକରଣ ଅଭିଯାନ ଉଦ୍‌ଯାପିତ



**ତାଳଚେର,୧୧।୬/ଏନ୍‌ଏନ୍‌ଏସ୍:** ଏନ୍‌ଟିପିସି ତାଳଚେର ଥର୍ମାଲରେ ବିଗତ ୪ସପ୍ତାହ ଚାଲୁଥିବା ବାଳିକା ସଶକ୍ତିକରଣ ଅଭିଯାନ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ସରକାରୀ ବିଦ୍ୟାଳୟର ୪୦ଜଣ ଷଷ୍ଠଶ୍ରେଣୀର ଛାତ୍ରୀ ଯୋଗଦେଇ ଜୀବନ ବିଭିନ୍ନ କ୍ଷେତ୍ର ଉପରେ ବଞ୍ଚିବାର ଶିକ୍ଷାଲାଭ କରି ଉଦବୁଦ୍ଧ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ତାଳଚେର ଥର୍ମାଲ କାର୍ଯ୍ୟକାରୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ଏନ୍‌ଟିପିସିର ଏହି କାର୍ଯ୍ୟକ୍ରମରେ ସମାଜରେ ବାଳିକାମାନଙ୍କୁ ଏକ ସକ୍ଷମ ଓ ସଶକ୍ତ କରି ଗଢ଼ି ତୋଳିବା ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯାହା ଉପସ୍ଥିତ ଅତିଥି ଓ ଦର୍ଶନମାନଙ୍କୁ ବିମୋହିତ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସାଗରୀକା ମହିଳାକ୍ଲବର ସଭାନେତ୍ରୀ ବିଭା ଅଗ୍ରୱାଲ ଓ ଅଭିଭାବକ, ଅଭିଭାବିକାମାନେ ଯୋଗଦେଇଥିଲେ। ଏହି ଶିବିରରେ ଛାତ୍ରଛାତ୍ରୀମାନଙ୍କୁ ପାରମ୍ପାରିକ ଶିକ୍ଷା ନୈତିକ କଳା, ନୃତ୍ୟ, କମ୍ପ୍ୟୁଟର୍ ଓ ଯୋଗ ଇତ୍ୟାଦି ଅନେକ କଥା ଶିକ୍ଷାଗ୍ରହଣ କରିବାର ସୁଯୋଗ ପାଇଥିଲେ। ଏନ୍‌ଟିପିସିର ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

## ଦଶରଥପୁର ବ୍ଲକ୍‌ରେ ବିକଶିତ କୃଷି ସଂକଳ୍ପ ଅଭିଯାନ



**ଯାଜପୁର,୧୧।୬/ଏନ୍‌ଏନ୍‌ଏସ୍:** ଦଶରଥପୁର ବ୍ଲକ ଅନ୍ତର୍ଗତ ଡ଼ାହାଣହାଟ ପଞ୍ଚାୟତ ଡ଼ାହାଣହାଟ ଗ୍ରାମରେ ଓ ଗୋପାଳପୁର ପଞ୍ଚାୟତର ଗୋପାଳପୁର ଗ୍ରାମରେ ତା ୧୦.୦୬.୨୦୨୫ ରିଖ ଦିନ କୃଷକ ଓ କୃଷିଜୀବୀ ମହିଳାଙ୍କ ପାଇଁ ଏକ ସଚେତନତା ଏବଂ ପ୍ରଶିକ୍ଷଣ ଶିବିର ବିକଶିତ କୃଷି ସଂକଳ୍ପ ଅଭିଯାନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତୀୟ କୃଷି ଗବେଷଣା ପରିଷଦ ସଂଗୀତ ଗାନ କରାଯିବା ସଙ୍ଗେ ସଙ୍ଗେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଅଭିଭାଷଣ ପରିବେଷଣ କରାଯାଇଥିଲା। ଏହି ଶିବିରତର କେନ୍ଦ୍ରୀୟ କୃଷିରତ ମହିଳା ଗବେଷଣା ସଂସ୍ଥା ରେ ପ୍ରଧାନ ବୈଜ୍ଞାନିକ ଡ. ଲିପି ଦାସ ଯୋଗଦେଇ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ଓ ପ୍ରୋତ୍ସାହିତ ସମ୍ବନ୍ଧରେ ସୂଚନା ଦେଇଥିଲେ। କୃଷି ବିଜ୍ଞାନକେନ୍ଦ୍ର ଯାଜପୁରରେ ବୈଜ୍ଞାନିକ ଡ.ବବିତା ମିଶ୍ର, ଶ୍ରୀ ବିଜୟ କୁମାର ରାଉତରାୟ, ବ୍ଲକ କୃଷି ଅଧିକାରୀ ଶ୍ରୀମତୀ ସ୍ୱାଗତିକା ମିଶ୍ର, ସହକାରୀ କୃଷି ଅଧିକାରୀ ଶ୍ରୀ ସୁଭ୍ରଜିତ ବେହେରା, ସରପଞ୍ଚ ଶ୍ରୀମତୀ ପଦ୍ମାବତୀ ବିଶ୍ୱାଳ, ଗୋପାଳପୁର ସରପଞ୍ଚ ଶ୍ରୀ ଏସ୍.କେ ନାଦର ବ୍ଲକ ଅଧକ୍ଷ ଶ୍ରୀ ଅନ୍ନଦ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଓଡ଼ିଶା ସରକାରଙ୍କର କୃଷି ତଥା ଆନୁସାଙ୍ଗୀକ ବିଷୟରେ ଥିବା ବିଭିନ୍ନ ଯୋଜନା ଓ ପ୍ରୋତ୍ସାହିତ ସମ୍ବନ୍ଧରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଫସଲର ସମ୍ବନିତ ରୋଗପୋକ ପରିଚାଳନା, ଅଦିନିଆ ପନିପରିବା ଚାଷ , ଫସଲର ନୂତନ କିସମ, ସୁରକ୍ଷିତ ଗୃହରେ ଲାଭଜନକ ଚାଷ , ଫୁଲ ଚାଷ, ଫସଲରୁ ମୂଲ୍ୟ ଯୁକ୍ତି ଖାଦ୍ୟ ପଦାର୍ଥ ପ୍ରସ୍ତୁତି ଉପରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କୃଷି ରଥ ମଧ୍ୟମ ରେ କୃଷକ ବନ୍ଧୁ ମନକୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ମାମିନା ମଲ୍ଲିକ , ପଞ୍ଚାୟତ ସମିତି ସଭ୍ୟ ସସ୍ମିତା ଜେନା କୃଷକ ସାଥୀ ଅକ୍ଷୟ ସାହୁ , ଗ୍ରାମ୍ୟ କୃଷି କର୍ମ ଚାରୀ ଦୀପକ ମହାପାତ୍ର ଏ.ଟି. ମ୍ ଅଭିରାମ ସେଠୀ, ସୁଧାଂଶୁ ଭୂଷଣ ନାୟକ , ମହାପ୍ରସାଦ ମହାପାତ୍ର , ଉପସ୍ଥିତ ରହିଥିଲେ ।

**AFFIDAVIT**

By virtue of an affidavit sworn before the Executive Magistrate, Tirtol, I, Ajit Kumar Sukla, S/o- Alekha Charan Sukla, Vill/Po- Kabalpur, Ps- Titrtol, Dist- Jagatsinghpur declare that I Ajit Sukla & Ajit Kumar Sukla is one & same person. Henceforth, I shall be known as Ajit Kumar Sukla for all purposes.

Sd/-Ajit Kumar Sukla

**AFFIDAVIT**

By Virtue of an affidavit sworn before the Executive Magistrate, Jagatsinghpur on dated 11.06.2025, Vide No. 9539, I Jabida Khatoon (New Name) if etc, formerly called Jobeda Khatun (Old Name), W/o- Ekbal Khan Permanent resident of Vill- Damodarpur-2, PO- Damodarpur-1, P.S.- Kandarpur, Dist- Cuttack, Odisha declare that, I have changed my name from Jobeda Khatun (Old Name) to Jabida Khatoon (New Name). Henceforth I shall be known as Jabida Khatoon for all purposes.

Jabida Khatoon (New Name)

**AFFIDAVIT**

I, Shaikh Sabir Alli, S/O- Late Sk Waliullah, resident of Village- Tanchhana Brahmapur, Post- Anakhia, PS- Biridi, Dist- Jagatsinghpur, Pin- 754102, Odisha declare by this affidavit No- 9516 Dtd- 10/06/2025 that now onwards I shall be known as SK SABIR ALI for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Erasama, Jagatsinghpur, dated - 09.06.2025, I SULI SETHI, W/o- RAMESH SETHI, At- Singharsahi, P.o - Dihasahi, Ps- Erasama, Dist-Jagatsinghpur, Pin - 754138 declare that I have changed my name form TUNA SETHI to SULI SETHI. Henceforth, I Shall be known as **SULI SETHI** for all purpose.

SULI SETHI

**AFFIDAVIT**

By Virtue of an affidavit sworn before the Executive Magistrate, Jagatsinghpur on dated 11.06.2025, Vide No. 9547, I undersigned Goutam Das (Applicant's Name) Son of Gangadhar Das resident of Vill- Talagar, PO- Mundali Colony, P.S.- Baranga, Dist- Cuttack, Odisha declare that I have changed my Daughter's name from Sumitra Das (Old Name) to Sai Sagoon Das (New Name). Henceforth she shall be known as Sai Sagoon Das for all purposes.

Goutam Das

**AFFIDAVIT**

By virtue of an affidavit sworn before the Executive Magistrate, Puri, I, Indramoni Lenka, W/o- Surendra Kumar Kandi, resident of Subhadra Nagar, Jageswari Lane, Balighat, Po- Puri-2, Ps- Talabania, Dist-Puri, Pin code- 752002 hereby declare that I have changed my name from Smt. Indramani Lenka (Old name) to Indramoni Lenka (New name). Henceforth, I shall be known as **Indramoni Lenka** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Kakatpur, dated 09.06.2025. I, Ranjan Kumar Parida, S/o- Shyam Parida, At- Badasirei, Po- Sisua, Ps- Astaranja, Dist-Puri, Pin-752109 declare that I have changed my minor son name from Gyanatta Parida to Gyanadatta Parida. Henceforth, he shall be known as Gyanadatta Parida for all purposes.

Sd/- Ranjan Kumar Parida

**AFFIDAVIT**

By virtue of an Affidavit No. 11092, Dtd. 11.06.2025 I TASNEEM YUSUFBHAI SAIFUDDIN D/o Yusufbhai Saifuddin residing at 4th floor Dawoodi Bohra Masjid Canal Road, Pratap Nagari, Cuttack declare that after my marriage I have changed my name from TASNEEM YUSUFBHAI SAIFUDDIN to TASNEEM ABDULQADIR ZAINEE. Henceforth I shall be known as **TASNEEM ABDULQADIR ZAINEE** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Krushnaprasad, Puri, I, Prangya Parimita Jena, D/o- Gaurahari Jena, At- Anlakuda, Po- Chilikanuapada, Ps: Krushnaprasad, Dist-Puri, Pin- 752011, Odisha, dtd.02.06.2025 do hereby declare that I have changed my name from Muni Jena (Old name) to Prangya Parimita Jena (New name). Henceforth, I shall be known as **Prangya Parimita Jena** for all purposes.

**AFFIDAVIT**

By Virtue of an affidavit sworn before the Executive Magistrate, Jagatsinghpur on dated 11.06.2025, I undersigned Goutam Das (Applicant's Name) Son of Gangadhar Das resident of Vill- Talagar, PO- Mundali Colony, P.S.- Baranga, Dist- Cuttack, Odisha declare that I have changed my Daughter's name from Suchitra Das (Old Name) to Sai Swagatika Das (New Name). Henceforth she shall be known as Sai Swagatika Das for all purposes.

Goutam Das

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

[illegible] Divisional Railway Mnager ( Engg), [illegible] ଇ-ଟେଣ୍ଡର ନୋଟିସ୍ ନଂ.: **DRMENGGRNC-39-2025,** [illegible] ଇ-ଟେଣ୍ଡର ନୋଟିସ୍ ନଂ.: **DRMENGGRNC-40-2025,** [illegible] **www.ireps.gov.in** [illegible]

(PR-257)

**ଇ-ଟେଣ୍ଡର ନୋଟିସ୍ ବାତିଲ ସମ୍ପର୍କରେ**

ଇ-ଟେଣ୍ଡର ନଂ **ST-CKP-OT-25-26-21** [illegible] **ବାତିଲ** [illegible]

(PR-254/C)

**OFFICE OF THE MUNICIPAL COUNCIL: SUNDARGARH** C-488

Tender Call Notice No. 1590, Dt.09.06.2025

COMPETITIVE BIDDING THROUGH e-Procurement

**NOTICE INVITING TENDER**

Bid Reference No. SNGM-/2025-26 / Dt. 25

1. Total No. of works for which tenders invited : 26 Nos.
2. Place of Execution : Different locations of Sundargarh Municipality
3. Estimated cost of individual works excluding GST : Rs.1,02,279/- to Rs.16,94,329/-
4. Eligible Class of Contractors : Registered contractors of Class - 'D' to Class- 'C' as indicated against each work mentioned in the tender call notice
5. Intending bidders have to participate through "On-line" bidding only. The website for online bidding is https://www.tendersodisha.gov.in
6. The bid documents will be available in the above website from 11.00 AM of dt.12.06.2025 to 5.00 PM of dt.26.06.2025 for online bidding.
7. Bids received will be opened on e-procurement system at 11.00 AM onwards on dt.30.06.2025
8. The bidders must possess valid and compatible Digital Signature Certificate (DSC).
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

OIPR-13130/11/0034/2526

Sd/- Executive Officer
Sundargarh Municipality

**GOVERNMENT OF ODISHA, DEPARTMENTOF WATER RESOURCES** A-276

**Office of the Addl. Chief Engineer, Mechanical Circle, Bhubaneswar**

Email Address: semechcircle104@gmail.com

**e-Procurement Notice- Bid Identification No.- ACEM/MDL-15/2025-26**

| | |
|---|---|
| 1. Name of the Work | : Mechanical Gate Works |
| 2. No. of Works | : 01 (One) |
| 3. Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. Bid Identification No. | : ACEM/MDL-15/2025-26 |
| 5. Estimated Cost | : Rs. 10,63,972/- |
| 6. Period of Completion | : 01 (One) calendar months. |
| 7. Date & time of availability of bid documents in the Portal | : From dt.12.06.2025(10.00 AM) to dt.20.06.2025(5.30 PM) |
| 8. Last date/ time for receipt of bid In the Portal | : dt.20.06.2025 (up to 5.30 PM) |
| 9. Date and Place of opening of Bid | : dt.21.06.2025(12.00 Noon onwards in the O/O the undersigned) |
| 10. Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar

OIPR-32405/11/0068/2526

**OFFICE OF THE SUPERINTENDING ENGINEER, R.W.S.&S. DIVISION, NUAPADA** O-271

**Govt. of Odisha "e" Procurement Notice**

**Bid Identification No. RWS&S_05/2025-26**

E-mail: eerwssnpd@rediffmail.com

The Superintending Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in double cover system in conformity with the terms & conditions of the detailed tender call notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date Contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Percentage Rates (**P1** ) contract form.

| | |
|---|---|
| Nature of Work: - | Construction of additional Over Head Tank for different PWS under Nuapada Dist. |
| No. of Tender: - | 03 (three) nos. |
| Approx. Estimated Cost: - | Rs.58.14 and 70.64 Lakhs |
| Period of completion: - | 6 (Six) months |
| Tender Paper Cost: - | Rs.10000/- |
| Class of Contractor: - | Class B |
| Date and Time of availability of bid document in the portal: - | 19.06.2025 at 10.00 A.M. |
| Last date /Time for receipt of bids in the portal: - | 30.06.2025 up to 5.00 P.M. |
| Date of Openigg of bid: - | 01.07.2025 at 11.00 A.M. |

The bidders have to participate in online bidding only. Further details can be seen from the website http://tendersorissa.gov.in

Sd/- Superintending Engineer,
RWSS Division, Nuapada

OIPR-25043/11/0004/2526

ତୃତୀୟ ପୃଷ୍ଠାରୁ

## ଗଜାନନବେଶ ଦର୍ଶନ କଲେ ...

ପରେ ଶ୍ରୀଜଗନ୍ନାଥଙ୍କୁ ୩୫ ଗରା, ଶ୍ରୀବଳଭଦ୍ରଙ୍କୁ ୩୩ ଗରା ଓ ଦେବୀ ସୁଭଦ୍ରାଙ୍କୁ ୨୨ଗରା ଏବଂ ସୁଦର୍ଶନଙ୍କୁ ୧୮ଗରା ଜଳରେ ସ୍ନାନ କରାଯାଇଥିଲା। ମହାପ୍ରଭୁଙ୍କ ଆଦ୍ୟସେବକ ଗଜପତି ମହାରାଜ ଶ୍ରୀଦିବ୍ୟସିଂହ ଦେବ ସ୍ନାନମଣ୍ଡପରେ ୪ଟାରୁ ୪. ୪୦ମିନିଟ୍ ମଧ୍ୟରେ ଛେରାପହଁରା କରିବା ପରେ ଶ୍ରୀଜିଉଙ୍କର ଧୂପ ଭୋଗ ଅନୁଷ୍ଠିତ ହୋଇଥିଲା। ଏହା ପରେ ପୁଷ୍ପାଳକ, ସିଂହାରୀ, ମେକାପ ସେବାୟତଙ୍କ ଦ୍ୱାରା ଶ୍ରୀଜିଉଙ୍କୁ ହାତୀବେଶରେ ସୁସଜ୍ଜିତ କରାଯାଇଥିଲା। ୫. ୪୫ମିନିଟ୍ ସମୟରେ ହାତୀବେଶ ଦେଖିବାର ସୌଭାଗ୍ୟ ଅର୍ଜନ କରିଥିଲେ ଅଗଣିତ ଭକ୍ତ। ଶୁଭ୍ର ରଙ୍ଗର ଗଜବେଶରେ ମହାପ୍ରଭୁ ଓ ହଳଦିଆ ରଙ୍ଗର ଗଜବେଶରେ ବଡ଼ଠାକୁର ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ଏହି ଅପୂର୍ବ ବେଶ ଦର୍ଶନ କରି ଭକ୍ତମାନେ ନିଜକୁ ଧନ୍ୟ ମନେ କରିଛନ୍ତି।

ଶାନ୍ତିଶୃଙ୍ଖଳା ଲାଗି ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମାର୍କେଟ୍ ଛକରୁ ବ୍ୟାରିକେଡ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରୁ ଜିକ୍‌ଜାକ୍ ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନର ବ୍ୟବସ୍ଥା ହୋଇଥିଲା। ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ୭୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଏଣିକି ସହଜରେ ବିକ୍ରି ...

ପ୍ଲଟ୍ ବିକ୍ରି ପାଇଁ ବାଟ ଫିଟିବା ଦ୍ୱାରା ଲୋକଙ୍କ ଜୀବନ ଧାରା ସହଜ ଓ ସରଳ ହୋଇଛି ବୋଲି କହିଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।

ସୂଚନା ଅନୁସାରେ, ରାଜ୍ୟ ସରକାର ଓଡ଼ିଶା ଦ୍ୱିତୀୟ ସଂଶୋଧନ ନିୟମ ୨୦୨୫ ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ଖାଲି ପାର୍ଟ ପ୍ଲଟ୍ ନୁହେଁ, ଚାଷ ଜମି ବିକ୍ରି ଉପରୁ ମଧ୍ୟ କଟକଣା ହଟିଛି। ଏଣିକି ସବୁ ଚାଷ ଜମି ବିକ୍ରି ହୋଇପାରିବ। କିନ୍ତୁ ଏହାକୁ କେବଳ ଚାଷ କରିବା ଉଦ୍ଦେଶ୍ୟରେ ବ୍ୟବହାର ହେବ। ଏହା ସହିତ ପରିବାର ଭିତରେ ବା ଭାଇ-ଭାଇ ଭିତରେ ଜାଗା ବଣ୍ଟା ହେଲେ ଆଉ ସବ୍‌ଡିଭିଜନ୍ ଲେ-ଆଉଟ୍ ଦରକାର ପଡ଼ିବନାହିଁ। ସଂଶୋଧିତ ବିଜ୍ଞପ୍ତି ଅନୁସାରେ, ଏଣିକି ଥରକରେ ୫୦୦ ବର୍ଗ ମିଟର ବା ୫୩୮୨ ବର୍ଗଫୁଟ୍‌ରୁ କମ୍ ଜାଗାକୁ ବିକ୍ରି କରିହେବ। ଏଥିପାଇଁ କୌଣସି ଲେ-ଆଉଟ୍ ଅନୁମୋଦନ ଦରକାର ପଡ଼ିବନାହିଁ। ଯଦି ଜଣେ ୨୦ ହଜାର ବର୍ଗଫୁଟ୍ ଜାଗାରୁ ଏକ ସବ୍ ପ୍ଲଟ୍ ବା ୫୩୮୨ ବର୍ଗଫୁଟ୍‌ରୁ କମ୍ ଜାଗା ବିକ୍ରି କରିବାକୁ ଚାହୁଁଛି, ତେବେ ତାଙ୍କୁ ସେଥିପାଇଁ ଲେ-ଆଉଟ୍ ଅନୁମୋଦନ ଦରକାର ପଡ଼ିବ ନାହିଁ। ପ୍ରଥମଥର ବା ଗୋଟିଏ ଥର ଜମି ବିକ୍ରି ପାଇଁ ଏହି କଟକଣା କୋହଳ ହେବ। କିନ୍ତୁ ପରେ ବାକି ଜାଗା ବିକ୍ରି କରିବାକୁ ଚାହିଁଲେ ଲେ-ଆଉଟ୍ ଅନୁମୋଦନ ଆଣିବାକୁ ହେବ। ପୂର୍ବରୁ ଚାଷ ଜମି ବିକ୍ରି କରିବାକୁ ଲୋକେ ନାକେଦମ ହେଉଥିଲେ। ବିଡିଏର କଟକଣା ଯୋଗୁ ସବ୍‌ରେଜିଷ୍ଟ୍ରାର ଚାଷ ଜମି ବିକ୍ରିକୁ ଅନୁମତି ଦେଉନଥିଲେ। ଏବେ ଏହି ନିୟମରେ ସଂଶୋଧନ ଆସିଛି। କିନ୍ତୁ ଏହାକୁ ଘର କରିବା ବା ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିହେବ ନାହିଁ। ଚାଷ ଜମିର କିସମ ପରିବର୍ତ୍ତନ କରି ଏହାକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଚାହିଁଲେ ଧାର୍ଯ୍ୟ ବ୍ୟବସ୍ଥା ଅନୁସାରେ ଆବେଦନ କରିବାକୁ ହେବ। ସେହିପରି ଗୋଟିଏ ଜାଗାକୁ ଯଦି ୫ ଜଣ କିଣିଥିବେ ଓ ସେହି ଜାଗା ୫୦୦ ବର୍ଗ ମିଟରରୁ କମ୍ ଥିବ ତାହା ଭାଗ ହୋଇପାରିବ। ଗ୍ରୁପ୍ ଅଫ୍ ପିପୁଲ୍ ବା କିଛି ଲୋକ ଏକାଠି ହୋଇ ଜାଗା ଭାଗ କରି ବିକ୍ରି କରିବାକୁ ଚାହୁଁଥିଲେ ସେହି ଜାଗାକୁ ବିକ୍ରି କରିପାରିବେ। କିନ୍ତୁ ଏହି ଜାଗା ୫୩୮୨ ବର୍ଗ ଫୁଟରୁ ଅଧିକ ହୋଇନଥିବା ଜରୁରୀ।

## ସ୍ଥିତି ଅନୁଧ୍ୟାନ କଲା ଡାକ୍ତରୀ ...

ବୁଧବାର ଧର୍ମଶାଳା ଡାକ୍ତରଖାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ରୋଗୀ ଓ ସମ୍ପର୍କୀୟମାନଙ୍କୁ ପଚରାଉଚରା କରିଛନ୍ତି। ଭୁବନେଶ୍ୱରରୁ ଆସିଥିବା ଏହି ଟିମ୍‌ରେ ଡା. ସୁନିତା ଜେନା ଓ ଡା. ସୁରଜିତ ଗଡ଼ଗରୁ ସ୍ଥାନୀୟ ପାଖର ଓ ଅଞ୍ଜିରା ପଞ୍ଚାୟତ ବୁଲି ଲୋକମାନଙ୍କୁ ପଚାରି ବୁଝିବା ସହିତ ସ୍ୱାସ୍ଥ୍ୟକର ଖାଦ୍ୟ ଓ ଫୁଟାପାଣି ପିଇବାକୁ ପରାମର୍ଶ ଦେଇଛନ୍ତି। ଆଜି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର, ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମେଡିକାଲରେ ପହଞ୍ଚି ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ବିଧାୟକ ଶ୍ରୀ ସାହୁ କହିଛନ୍ତି ଯେ ଝାଡ଼ାବାନ୍ତି ବ୍ୟାପିବା ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ସେ ଆଲୋଚନା କରିଛନ୍ତି। ଯଥାଶୀଘ୍ର ଏହାକୁ କିଭଳି ରୋକାଯାଇପାରିବ ସେଥିଲାଗି ସରକାରଙ୍କ ପକ୍ଷରୁ ସବୁପ୍ରକାର ଉଦ୍ୟମ କରାଯାଉଛି ସେ କହିଛନ୍ତି।

## ରାପିଡ୍ ଆକ୍ସନ୍ ଟିମ୍ ମୁତୟନ ...

ସାମିଲ କରାଯାଇଛି। ସମନ୍ୱିତ ରୋଗ ନିରୀକ୍ଷଣ ପରିଯୋଜନାର ଯୁଗ୍ମ ନିର୍ଦ୍ଦେଶକ ନିଜ ଟିମ୍ ସହ ମଧ୍ୟ କ୍ଷେତ୍ର ଅନୁଧ୍ୟାନ କରୁଛନ୍ତି। ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜ, ଯାଜପୁର ଏବଂ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ କଟକରୁ ବିଶେଷଜ୍ଞ ଡାକ୍ତରମାନଙ୍କୁ ପ୍ରଭାବିତ ଅଞ୍ଚଳରେ ବିଶେଷଜ୍ଞ ସେବା ନିମନ୍ତେ ନିୟୋଜନ କରାଯାଇଛି। ସଂକ୍ରମିତ ରୋଗୀମାନଙ୍କୁ ଧର୍ମଶାଳା, ଯାଜପୁର ରୋଡ୍, ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଏହି ଚିକିତ୍ସାଳୟମାନଙ୍କୁ ଯଥେଷ୍ଟ ପରିମାଣର ଔଷଧ, ସାଲାଇନ୍, ଇଞ୍ଜେକସନ୍ ଆଦି ମହଜୁଦ୍ ରଖାଯାଇଛି। ତୃଣମୂଳ ସ୍ତରରେ କାର୍ଯ୍ୟରତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଯଥେଷ୍ଟ ପରିମାଣର ହାଲୋଜେନ୍ ବଟିକା, ଓଆର୍‌ଏସ୍ ପ୍ୟାକେଟ୍, ଔଷଧ ଓ ସଚେତନତା ବାର୍ତ୍ତା ସମନ୍ୱିତ ସୂଚନାପତ୍ର ଆଦି ଲୋକମାନଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଗାଇ ଦିଆଯାଇଛି। ଜିଲ୍ଲା ପ୍ରଶାସନ ଦ୍ୱାରା ଗଣ ସଚେତନତା, ମାଇକ ମାଧ୍ୟମରେ ସୂଚନା ପ୍ରଚାର ଆଦି କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ନେବା, ବାହାରର ଦୂଷିତ ଖାଦ୍ୟ ନ ଖାଇବା, ନିରାପଦ ଜଳ ପିଇବା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଜନିତ ଅଭ୍ୟାସ ଆଦିକୁ ଆପଣେଇବା ନିମନ୍ତେ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। କ୍ଷେତ୍ରସ୍ତରୀୟ ବାସ୍ତବ ସ୍ଥିତିକୁ ସକ୍ରିୟ ଭାବେ ଅନୁଧ୍ୟାନ, ନିରୀକ୍ଷଣ ଓ ପରିଚାଳନା କରାଯାଉଛି।

## ପ୍ରତିଶ୍ରୁତି ବାସ୍ତବତାରେ ...

ଆତ୍ମାହୀନ। ଆମ ସରକାର ଆସିବା ପରେ ମୁଁ ବ୍ୟକ୍ତିଗତ ଭାବେ ଲୋକଙ୍କୁ ଭେଟି ଛୋଟବଡ଼ ସମସ୍ୟା ଅନ୍ ଦ ସ୍ପଟ୍ ସମାଧାନ କରିବା ପାଇଁ ମନସ୍ଥ କଲି। ଗତ ଏକବର୍ଷ ମଧ୍ୟରେ ଓଡ଼ିଶାର ସମସ୍ତ ଜିଲ୍ଲାକୁ ଗସ୍ତକରି ଲୋକଙ୍କ ସହ କଥାବାର୍ତ୍ତା କରିଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛି। ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରିବାର ଯୋଜନା ରହିଛି।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଦୁର୍ନୀତି ବିରୁଦ୍ଧରେ ଯୁଦ୍ଧଂ ଦେହି ଡାକରା ଦିଆଯାଇଛି। ଆଜି ପିଅନଠାରୁ ଆଇ.ଏ. ଏସ୍ ଅଧିକାରୀ ପର୍ଯ୍ୟନ୍ତ କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ସୁରକ୍ଷିତ ନୁହନ୍ତି ଓ ଲୋକଙ୍କ ପାଇଁ କାମ କରିବାର ଦୃଢ଼ ଇଚ୍ଛାଶକ୍ତି ଓ ପ୍ରତିବଦ୍ଧତା ଯୋଗୁ ଆମ ଲୋକଙ୍କୁ ଦେଇଥିବା ୨୧ଟି ପ୍ରତିଶ୍ରୁତି ମଧ୍ୟରୁ ପ୍ରାୟ ସମସ୍ତ ପ୍ରମୁଖ ପ୍ରତିଶ୍ରୁତିକୁ ସଫଳତାର ସହ କାର୍ଯ୍ୟକାରୀ କରିଛୁ। ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀଙ୍କ ମାର୍ଗଦର୍ଶନ ଓ ଅକୁଣ୍ଠ ସମର୍ଥନ ଆମକୁ ଏ ଦିଗରେ ବିଶେଷ ସାହାଯ୍ୟ କରିଥିଲା। ୨୪ ବର୍ଷ ମଧ୍ୟରେ ସେମାନେ ଯେଉଁ କାମ କରି ନଥିଲେ, ଆମେ ୨୪ ମିନିଟ୍ ଭିତରେ କରି ଦେଖାଇପାରିଛୁ। କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ ରାଜ୍ୟରେ ପ୍ରତି ଚାଷୀ ପରିବାରର ବାର୍ଷିକ ଆୟରେ ଅତିକମ୍‌ରେ ୩୦ ହଜାର ଟଙ୍କା ବୃଦ୍ଧି ହୋଇଛି। ଜନଜାତି ସଂପ୍ରଦାୟର ସର୍ବାଙ୍ଗୀନ ବିକାଶ ପାଇଁ ଉଦ୍ୟମ ଜାରି ରହିଛି। ସମସ୍ତଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଛୁ। ଯୁବବର୍ଗଙ୍କ ପାଇଁ ସରକାରୀ ନିଯୁକ୍ତିର ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରିଛୁ। ଏସ୍‌ଇବିସି ବର୍ଗର ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷିତ ହୋଇଛି। ୨୭ ହଜାରରୁ ଊର୍ଦ୍ଧ୍ୱ ସରକାରୀ ନିଯୁକ୍ତି ପ୍ରଦାନ କରାଯାଇଛି। ଉତ୍କର୍ଷ ଓଡ଼ିଶା ୨୦୨୫ ମାଧ୍ୟମରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ସହିତ ୧୨.୯୦ ଲକ୍ଷ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇଛି। ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳକୁ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଓ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରିଛନ୍ତି ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ ଉପସ୍ଥିତ ଥିଲେ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର-ତଥା-ଶାସନ ସଚିବ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ମହାସ୍ନାନ ଯାତ୍ରା

**ବାଲେଶ୍ୱର,୧୧।୬/ଏନ୍‌ଏନ୍‌ଏସ୍:** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ମହାସ୍ନାନ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍ନାନବେଦୀରେ ଅଗଣିତ ଶ୍ରଦ୍ଧାଳୁ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦର୍ଶନ ଲାଭ କରିଥିଲେ। ପୁରୀ ଶ୍ରୀକ୍ଷେତ୍ର ନିୟମ ମୁତାବକ ତଥା ପୂର୍ବ ନିର୍ଦ୍ଧାରିତ ନୀତିକାନ୍ତି ଅନୁସାରେ ପ୍ରାତଃରେ ମଙ୍ଗଳା ଅର୍ପଣ ଓ ଆଜ୍ଞାମାଳ, ଧାଡ଼ି ପହଣ୍ଡି ସ୍ନାନବେଦୀରୁ ମଙ୍ଗଳ ଆରତୀ, ଅବକାଶ ମଇଲମ, ବଲ୍ଲଭ ଭୋଗ, ସୁବର୍ଣ୍ଣ କୂପ ପୂଜା ଏବଂ କଳସ ଅଧିବାସ ଅନୁଷ୍ଠିତ ହୋଇଥିଲା। ପରେ ୧୧ଟା ୧୪ରେ ୧୦୮ କଳସ ମନ୍ତ୍ରିତ ସୁବାସିତ ଜଳରେ ଶ୍ରୀଜିଉ ଚତୁର୍ଦ୍ଧା ମୂର୍ତ୍ତିଙ୍କର ମହାସ୍ନାନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୧୨ଟା ୩୫ରେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଇମାମୀ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଯୁଗ୍ମ ଅଧ୍ୟକ୍ଷ ଶ୍ରୀ ରାଧେଶ୍ୟାମ ଗୋଏଙ୍କାଙ୍କ ଦ୍ୱାରା ଛେରା ପହଁରା ଅନୁଷ୍ଠିତ ହୋଇଥିଲା। ୧ଟା ୪୫ରେ ମହାପ୍ରଭୁ ଗଜାନନ ବେଶରେ ସହସ୍ରାଧିକ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଅପରାହ୍ଣ ୩ଟା ୨ ମିନିଟ୍‌ରେ ମହାପ୍ରଭୁଙ୍କର ଛପନ ଭୋଗ ଲାଗିଥିଲା। ସନ୍ଧ୍ୟା ୬ଟା ୪୫ରେ ସନ୍ଧ୍ୟା ଆରତୀ ଏବଂ ୮ଟା ୩୦ରେ ସ୍ନାନବେଦୀରୁ ଗୋଟିପହଣ୍ଡିରେ ଅଣସରବେଦୀକୁ ଶ୍ରୀଜିଉମାନେ ବିଜେ କରିଥିଲେ। ଇମାମୀ ଗ୍ରୁପର ଯୁଗ୍ମ ଅଧ୍ୟକ୍ଷ ଶ୍ରୀ ଗୋଏଙ୍କାଙ୍କ ଧର୍ମପତ୍ନୀ ସରୋଜ ଗୋଏଙ୍କା, ଅନ୍ୟତମ ନିର୍ଦ୍ଦେଶକ ତଥା ଜଗନ୍ନାଥ ମନ୍ଦିରର ମୁଖ୍ୟ ପୁରୋଧା ସୁଶୀଲ କୁମାର ଗୋଏଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ଆର୍. କେ. ଅଗ୍ରୱାଲ, ଯୁଗ୍ମ ଅଧ୍ୟକ୍ଷଙ୍କ ଧର୍ମପତ୍ନୀ ସରୋଜ ଗୋଏଙ୍କା, ଏଚ୍. ଏନ୍. ମାର୍ଡା, ସ୍ଥାନୀୟ ଇମାମୀ ପେପର ମିଲ୍ସର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦ୍ରେଶ ଗୁପ୍ତା, ଏଜିଏମ୍ (ଏଚ୍‌ଆର୍) ମନୋଜ କୁମାର ପାଢ଼ୀ, ଏଜିଏମ୍ ଓମ୍ ପ୍ରକାଶ ଶର୍ମା, ବରିଷ୍ଠ ଅଧିକାରୀ ରମେଶ ଚନ୍ଦ୍ର ଖୁଣ୍ଟିଆ, ରାଜୁ ମୁଦ୍ରା, ପ୍ରଶାସନିକ ଅଧିକାରୀ ନିଖିଳ ରଞ୍ଜନ ଦାସ ସାମନ୍ତରାୟ, ଡିଜିଏମ୍ ଦେବବ୍ରତ ହୋତା, ଇମାମୀ ଲେଡ଼ିଜ୍ କ୍ଲବର ସଭାପତି ବନ୍ଦନା ଗୁପ୍ତା ଏବଂ ସମସ୍ତ ସଦସ୍ୟା ତଥା ବହୁ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ସ୍ନାନଯାତ୍ରା ମହୋତ୍ସବରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ଶ୍ରମିକ ନେତା ଶୁଭେନ୍ଦୁ ମଙ୍ଗରାଜ, ଶିଳ୍ପପତି ସଂଗ୍ରାମ ଦାସଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେତୁ ଜଳ ସିଞ୍ଚନ ବ୍ୟବସ୍ଥା ସହ ଇମାମୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଫାର୍ମାସିଷ୍ଟ ଅକ୍ଷୟ କିଶୋର ଦାସ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟସେବା, ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ଭକ୍ତଙ୍କୁ ପ୍ରସାଦ ସେବନ ସହ ଘୋଳ ଦହିର ବନ୍ଦୋବସ୍ତ କରାଯାଇଥିଲା। ଇମାମୀ ସୁରକ୍ଷା ଅଧିକାରୀ ଏବଂ ରେମୁଣା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ଉପାଧ୍ୟାୟ, ଜିତେନ୍ଦ୍ର ମହାପାତ୍ର ଓ ଦୀପିକା ପାଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟ ପକ୍ଷରେ ଚଳିତ ମାସ ୨୬ ତାରିଖରେ ନବଯୌବନ ବେଶ, ୨୭ରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବାବଦରେ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ସୂଚନା ଦେଇଥିଲେ।





**କେନ୍ଦୁଝର:** କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ବଳଦେବଜିଉ,ଶ୍ରୀ ଜଗନ୍ନାଥ, ଦେବୀ ସୁଭଦ୍ରା ଓ ଶକ୍ତିର ପ୍ରତୀକ ସୁଦର୍ଶନଙ୍କର ପବିତ୍ର ଦେବସ୍ନାନ ନୀତି ଜ୍ୟେଷ୍ଠ ଶୁକ୍ଳପକ୍ଷ, ବୁଧବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୪ଟାରେ ଅବକାଶ, ଲୁଗାଲାଗି, ୫ଟାରେ ସୂର୍ଯ୍ୟପୂଜା ଓ ପୂଜାନୀତି ସମ୍ପନ୍ନ ହେବା ପରେ ୫ଟା ୨୦ରେ ବେଢ଼ା ଦେବତା ପୂଜା, ସକାଳ ୬ଟାରେ ଲୁଗାଲାଗି ଓ ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ରତ୍ନ ସିଂହାସନରୁ ପୂର୍ବାହ୍ଣ ୯ଟା ୩୦ରେ ବିଭିନ୍ନ ବ୍ରାହ୍ମଣ ଶାସନଗୁଡ଼ିରୁ ଆସିଥିବା ପହଣ୍ଡିଆ ସେବକମାନଙ୍କ ଦ୍ୱାରା ଧାଡ଼ି ପହଣ୍ଡି କରାଯାଇ ଦେବସ୍ନାନ ମଣ୍ଡପକୁ ନିଆଯାଇଥିଲା। ସ୍ନାନମଣ୍ଡପରେ ଲୁଗାଲାଗି, ଚନ୍ଦନଲାଗି, ହାତୀବେଶ ହେବା ସହ ବୃହତ ମଙ୍ଗଳାରୋପଣ ଓ ରାଜାଙ୍କ ଦ୍ୱାରା ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ସେଠାରେ ମନ୍ଦିର ପରିସରରେ ଥିବା କୂଅରୁ ସୁଶୀତଳ ଜଳ ଅଣାଯାଇ ଶ୍ରୀଜିଉମାନଙ୍କର ସ୍ନାନ ନୀତି ସମ୍ପନ୍ନ କରାଯାଇଥିଲା। ସ୍ନାନମଣ୍ଡପରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝରର ଶ୍ରୀଜିଉମାନେ ଅଁଳା ପତ୍ର ବା ଧାତ୍ରୀ ପ୍ରିୟ ଥିବାବେଳେ ସେବକମାନେ ଶ୍ରୀ ଅଙ୍ଗରେ ଧାତ୍ରୀ ଲାଗି କରାଇଥିଲେ। ଦିନ ତମାମ କେନ୍ଦୁଝର ସହର ଓ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଦେବସ୍ନାନ ମଣ୍ଡପରେ ଶ୍ରୀଜିଉମାନଙ୍କୁ ଦର୍ଶନ କରିଥିଲେ। କେନ୍ଦୁଝର ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓ ପୁଷ୍ପାଞ୍ଜଳି ଅର୍ପଣ କରି ନିଜର ରାଜ ନୀତି ସମ୍ପାଦନ କରିଥିଲେ। ବଡ଼ପଣ୍ଡା ରାଜକିଶୋର ପଣ୍ଡା, ବ୍ରହ୍ମା ଗଙ୍ଗାଧର ମିଶ୍ର, ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିବାବେଳେ ପୂଜକ ସୁବ୍ରତ କୁମାର ତ୍ରିପାଠୀ, ସୁଜିତ କୁମାର ଦାଶ, ପଦ୍ମନାଭ ନନ୍ଦ, ଦେବଦତ୍ତ ପତି, ଈଶ୍ୱର ତ୍ରିପାଠୀ ଏବଂ ଅନ୍ୟାନ୍ୟ ସେବକମାନେ ନୀତି ସମ୍ପାଦନ କରିଥିଲେ। ଦେବୋତ୍ତର ପକ୍ଷରୁ କେନ୍ଦୁଝର ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଉମାଶଙ୍କର ଦଳାଇ, ଭୁବନେଶ୍ୱର ମହାପାତ୍ର, ଜନ୍ମେଜୟ ଶତପଥି, ଦେବୋତ୍ତର ସୁପରଭାଇଜର ପଞ୍ଚାନନ ସାହୁ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଶ୍ରୀଜିଉମାନଙ୍କୁ ଗୋଟି ପହଣ୍ଡିରେ ଅଣସର ଘରକୁ ନିଆଯାଇଥିଲା। ପୁଲିସ ତରଫରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥଲା। ମନ୍ଦିରରେ ହାତୀବେଶ ଦର୍ଶନ କରିବା ପାଇଁ ପ୍ରବଳ ଭକ୍ତ ସମାଗମ ହୋଇଥିଲା। ସେହିପରି କେନ୍ଦୁଝରର ଆଦିଶକ୍ତି ପୀଠ ସିଦ୍ଧମଠଠାରେ ପୂଜା ପାଉଥିବା ଏକକ ସିଦ୍ଧ ଜଗନ୍ନାଥଙ୍କର ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସିଦ୍ଧ ଜଗନ୍ନାଥଙ୍କୁ ବହୁ ଭକ୍ତ ଦର୍ଶନ କରିଥିବାବେଳେ ଦେବୋତ୍ତର ପକ୍ଷରୁ ସମସ୍ତ ବିଧି ଅନୁସୃତ କରାଯାଇଥିଲା।



**ତେଲକୋଇ:** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ମୁଖ୍ୟାଳୟଠାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରରେ ଆଜି ପ୍ରତି ବର୍ଷ ଭଳି ଚଳିତ ବର୍ଷ ସ୍ନାନ ମଣ୍ଡପରେ ସ୍ନାନ କରିଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ଏହି ସ୍ନାନ କାର୍ଯ୍ୟ ମହାଆଡ଼ମ୍ବରରେ ପାଳିତ ହୋଇଯାଇଥିବା ବେଳେ ରୀତିନୀତି ଅନୁସାରେ ୧୦୮ଗରା ଜଳରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାଇଛନ୍ତି ଶ୍ରୀ ଜଗନ୍ନାଥ ମନ୍ଦିର ପୂଜକ ସୀତାକାନ୍ତ ରଥ, ବରିଷ୍ଠ ପଣ୍ଡିତ ଅନିରୁଦ୍ଧ କର ଓ ପ୍ରମୋଦ ଦାସ। ସେହିପରି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ୩୫ ଗରା ଜଳ ସ୍ନାନ କରାଯାଇଥିବା ବେଳେ ପ୍ରଭୁ ବଳଭଦ୍ରଙ୍କୁ ୩୩ ଗରା ଜଳ ଓ ମାତା ସୁଭଦ୍ରାଙ୍କୁ ୨୨ ଗରା ଜଳ ଓ ପ୍ରଭୁ ସୁଦର୍ଶନ ମହାରାଜାଙ୍କୁ ୧୮ଗରା ଜଳରେ ସ୍ନାନ କରାଯାଇଥିଲା। ପ୍ରଭୁଙ୍କର ସ୍ନାନ ଯାତ୍ରାକୁ ଭକ୍ତମାନେ ଆତୁରତାର ସହ ଦର୍ଶନ କରିଥିଲେ। ପ୍ରଭୁ ସ୍ନାନ କରିବା ପରେ ଗରାଗୁଡ଼ିକରେ ଥିବା ଅବଶିଷ୍ଟ ଜଳକୁ ଭକ୍ତମାନଙ୍କ ଉପରେ ସେବକମାନେ ସିଞ୍ଚନ କରିଥିଲେ। ଏହି ସ୍ନାନଯାତ୍ରାର କର୍ତ୍ତା ଭାବେ ତାପସ କୁମାର ବିଶ୍ୱାଳ ରହିଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସହଯୋଗ କରିଥିଲା।

**ସୋର:** ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉମାନଙ୍କର ସ୍ନାନ ଉତ୍ସବ ଯଥା ରୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ଆଳତି, ମଇଲମ, ତଡ଼ପଲାଗି, ଅବକାଶ ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତିମାନଙ୍କୁ ସୁସଜ୍ଜିତ ବେଶରେ ଗୋଟି ପହଣ୍ଡିରେ ସେବାୟତମାନେ ଘଣ୍ଟ ଘଣ୍ଟା ସଂକୀର୍ତ୍ତନ, ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ସ୍ନାନ ମଣ୍ଡପକୁ ବିଜେ କରାଇ ଥିଲେ। ସ୍ନାନ ମଣ୍ଡପରେ ଦିଅଁମାନଙ୍କର ପୂଜାର୍ଚ୍ଚନା ପରେ ୧୦୮ କୁମ୍ଭ କ୍ଷୀର ଓ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ସମଗ୍ର ପରିବେଶ ଜୟ ଜଗନ୍ନାଥ ଧ୍ୱନିରେ ମୁଖରିତ ହୋଇ ଉଠିଥିଲା। ସ୍ନାନ ପରେ ତିନି ଠାକୁର ବିଶେଷ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଅପରାହ୍ଣରେ ଶ୍ରୀଜିଉମାନଙ୍କୁ ଅଣସର ମଣ୍ଡପକୁ ନିଆଯାଇଥିଲା। ଏହି ପବିତ୍ର କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଜନ ସାଧାରଣଙ୍କ ସହଯୋଗରେ ସମାପନ ହୋଇଥିଲା।



ପୁରାଣ ପ୍ରସିଦ୍ଧ ଗୁଡ଼ ଅନନ୍ତ ବଳଦେବ ଜିଉ ତଥା ତୁଳସୀ କ୍ଷେତ୍ର ଏବଂ କୁଶ କ୍ଷେତ୍ର ବୋଲାଯାଉଥିବା ଧାମରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟା ୩୦ରେ ମହାପ୍ରଭୁ ସ୍ନାନ ମଣ୍ଡପକୁ ଯିବା ପାଇଁ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥିଲା ଏବଂ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ଚାଲୁ ରହିଥିଲା। ସକାଳ ୧୦ଟା ୩୦ରେ ମହାପ୍ରଭୁ ପାଖାପାଖି ୧୦ କୁଇଣ୍ଟାଲ କ୍ଷୀରରେ ସ୍ନାନ କରିଥିଲେ। ବାଜା, ରୋଶଣିରେ ପ୍ରଭୁଙ୍କୁ ପହଣ୍ଡି ବିଜେ କରି ସ୍ନାନମଣ୍ଡପକୁ ନିଆଯାଇଥିଲା। ପ୍ରଭୁ ଅନନ୍ତ ବଳଦେବଜିଉ ସନ୍ଧ୍ୟା ୫ଟା ୩୦ରେ ମନ୍ଦିରକୁ ପ୍ରବେଶ କରିଥିଲେ। ଅନନ୍ତ ବଳଦେବଜିଉ ପରିଚାଳନା କମିଟି, ଅନନ୍ତ ବଳଦେବଜିଉ ଯୁବକ ସଂଘ ଏବଂ ଶିଳା ବ୍ରହ୍ମ ଯୁବ ପରିଷଦ ଏହାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ମୁଖ୍ୟ ପୂଜକ ନିଶାକର ପଣ୍ଡା, ସନାତନ ପଣ୍ଡା, ରବୀନ୍ଦ୍ର ପଣ୍ଡା ଏବଂ ନିରାକର ଦାସ, ମନ୍ଦିର ଟ୍ରଷ୍ଟିର ପରିଚାଳକ ଶମ୍ଭୁନାଥ ପଣ୍ଡା, ସେବାୟତ ଏବଂ ସ୍ୱେଚ୍ଛାସେବୀ ଜୟନ୍ତ ପଣ୍ଡା, ଅଜୟ ପଣ୍ଡା, ଚନ୍ଦ୍ରକାନ୍ତ ନାୟକ, ମୁକ୍ତିକାନ୍ତ ପଣ୍ଡା, ସୁବାସ ପଣ୍ଡା, ପ୍ରଶାନ୍ତ ପଣ୍ଡା ଓ ଦେବାଶିଷ ବିଶ୍ୱାଳ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।



**ବାରିପଦା:** ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ବିରାଜମାନ ଶ୍ରୀ ଶ୍ରୀ ହରି ବଳଦେବ ଜିଉ ମହାପ୍ରଭୁ ଆଜି ସ୍ନାନ ମଣ୍ଡପରେ ବିଜେ କରି ୧୦୮ ଗୋରା ସୁବାସିତ ଜଳରେ ସ୍ନାନ କରିଛନ୍ତି। ମହାପ୍ରଭୁଙ୍କ ସ୍ନାନ ସମୟର ଅପୂର୍ବ ଦୃଶ୍ୟ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଜନସମାଗମ ହୋଇଥିଲା। ଭୋର୍ ୩ଟାରୁ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ମନ୍ଦିର ନୀତିକାନ୍ତି ସରିବା ପରେ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ ମଣ୍ଡପରେ ପହଣ୍ଡି ବିଜେ କରିବା ପରେ ସେବାୟତମାନେ ୧୦୮ ଗୋରା ମନ୍ତୁରା ସୁବାସିତ ଜଳରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ କରାଇଥିଲେ। ପରେ ପରେ ଶ୍ରୀବିଗ୍ରହମାନେ ହାତୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଏହି ଦୁର୍ଲ୍ଲଭ ହାତୀବେଶ ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସୁରକ୍ଷା ତଥା ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁଲିସ ମୁତୟନ ହୋଇଥିବାବେଳେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ମନ୍ଦିରକୁ ଆସିଥିଲେ।

ଭଦ୍ରକ ଗୋଷ୍ଠୀ ସଂଘର୍ଷରେ ଯୁବକଙ୍କ ମୃତ୍ୟୁ ଘଟଣା

## ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୧।୬/ଏନ୍‌ଏନ୍‌ଏସ୍:** ଗତ କିଛି ଦିନ ତଳେ ଭଦ୍ରକ ତିହିଡ଼ି ଥାନା ଅଞ୍ଚଳରେ ଦୁଇ ସଂପ୍ରଦାୟଙ୍କ ଭିତରେ କିଛି କାରଣରୁ ଗଣ୍ଡଗୋଳ ଘଟିଥିଲା ଏବଂ ସେଥିରେ ଗୁରୁତର ଆହତ ହୋଇଥିବା ସନ୍ତୋଷ ପରିଡ଼ା ନାମକ ଜଣେ ଯୁବକଙ୍କ ଆଜି

### ପରିବାରର ଜଣକୁ ଦିଆଯିବ ନିଯୁକ୍ତି

ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏ ଘଟଣାରେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ମୃତ୍ୟୁବରଣ କରିଥିବା ଯୁବକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହିତ ସଂପୃକ୍ତ ଯୁବକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବା ସହିତ ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ଶ୍ରୀରାମପୁର ଗ୍ରାମରୁ ଚୋରି


**ଖଇରା,୧୧।୬/ଏନ୍‌ଏନ୍‌ଏସ୍:** ଖଇରା ଥାନା ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମର ଅନନ୍ତ ଦାସ ଓ ସାନଭାଇ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଘରୁ ୭ତାରିଖ ରାତିରେ ଚୋରି ହୋଇଛି। ଏ ନେଇ ଖଇରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଖଇରା ପୁଲିସ କେସ୍ ନଂ-୧୭୬/୨୫ରେ ଏକ ମାମଲା ରୁଜୁ କରି ଜିଲ୍ଲା ସାଇଣ୍ଟିଫିକ୍ ସହଯୋଗରେ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ଉଭୟଙ୍କ ପରିବାର ୫ ତାରିଖ ପୁରୀ ବୁଲିବାକୁ ଯାଇ ୮ତାରିଖ ଫେରିଥିଲେ। ଘରେ ପହଞ୍ଚିବା ପରେ ନଗଦ ଟଙ୍କା ୩୦ ହଜାର ଟଙ୍କା ସହ ଗଡ୍‌ରେଜ୍‌ରେ ଥିବା ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଲୁଟ୍ ହୋଇଥିବାର ଜଣାପଡ଼ିଥିଲା।

## ବଢ଼େଇସାହି ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି

**ସୋର,୧୧।୬/ଏନ୍‌ଏନ୍‌ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ୩ ନମ୍ବର ୱାର୍ଡ ବଢ଼େଇସାହି ଅଙ୍ଗନବାଡି କେନ୍ଦ୍ରରୁ ଦିନ ଦିପହରରେ ଚୋରି ହୋଇଥିବା ନେଇ ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଏହି କେନ୍ଦ୍ରର ଅଙ୍ଗନବାଡି କର୍ମୀ ରୀତାରାଣୀ ସାହୁ ଆଜି ସକାଳେ ଅଙ୍ଗନବାଡି କେନ୍ଦ୍ରକୁ ଯାଇ ନିଜର କାମ ସାରି ଚାବି ପକାଇ ଘରକୁ ଫେରିଥିଲେ। କିନ୍ତୁ ଅପରାହ୍ନରେ ପୁଣି ଅଙ୍ଗନବାଡି କେନ୍ଦ୍ରକୁ ଯାଇଥିବା ବେଳେ ତାଲା ଭଙ୍ଗା ଯାଇ ପାଣି ମୋଟର ଏବଂ ଭିତରେ ଥିବା ଗ୍ୟାସ ସିଲିଣ୍ଡର୍‌କୁ କେହି ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେ। ଏହା ପରେ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହିତ ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନୀଳଗିରି ଏନ୍‌ଏସି ଅଧ୍ୟକ୍ଷ ପଦ ନିର୍ବାଚନ ପାଇଁ ସିପିଆଇଏମ୍‌ର ଦାବିପତ୍ର

**ବାଲେଶ୍ୱର,୧୧।୬/ଏନ୍‌ଏନ୍‌ଏସ୍:** ଦୀର୍ଘ ୮ ମାସ ଧରି ଖାଲି ପଡ଼ିଥିବା ନୀଳଗିରି ଏନ୍‌ଏସି ଅଧ୍ୟକ୍ଷ ପଦ ନିର୍ବାଚନ ପାଇଁ ସିପିଆଇ(ଏମ୍) ନୀଳଗିରି ଆଞ୍ଚଳିକ କମିଟି ପକ୍ଷରୁ ବୁଧବାର ରାଜ୍ୟ ନିର୍ବାଚନ କମିଶନଙ୍କୁ ଉପ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଘଟଣା ଅନୁସାରେ ନୀଳଗିରି ଏନ୍‌ଏସିରେ ଗତ ସେପ୍ଟେମ୍ବର ୨୦୨୪ରେ ଚେୟାରମ୍ୟାନ ଆସ୍ଥା ଭୋଟରେ ହାରିବା ପରେ ଅଧ୍ୟକ୍ଷ ପଦ ଫାଙ୍କା ପଡିଛି। ଫଳରେ ଏନ୍‌ଏସିରେ କୌଣସି ଉନ୍ନୟନ ସଠିକ୍ ଭାବେ ହୋଇ ପାରୁନାହିଁ। ନିର୍ବାଚନ ଆଇନ ଅନୁସାରେ ଯେଉଁଠାରେ ଲୋକ ପ୍ରତିନିଧି ଆସ୍ଥା ଭୋଟ୍‌ରେ ହାରନ୍ତି କିମ୍ବା ମୃତ୍ୟୁବରଣ କରନ୍ତି, ସେଠାରେ ୬ ମାସ ଭିତରେ ନିର୍ବାଚନ କରିବା ପାଇଁ ନିର୍ବାଚନ କମିଶନର ପଦକ୍ଷେପ ନେବା କଥା। କିନ୍ତୁ ନୀଳଗିରି ଏନ୍‌ଏସି କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇଛି। ବର୍ତ୍ତମାନ ଡବଲ୍ ଇଞ୍ଜିନ୍ ସରକାର ନିର୍ବାଚନ ନକରି ନୀଳଗିରି ଲୋକଙ୍କୁ ଭୁତେଇବାକୁ ଚାହୁଁଛି। ଏହାର ପ୍ରତିବାଦ କରି ନୀଳଗିରି ଏନ୍‌ଏସିରେ ଯଥା ଶୀଘ୍ର ନିର୍ବାଚନ କରିବା ପାଇଁ ସିପିଆଇ(ଏମ୍) ନୀଳଗିରି ଆଞ୍ଚଳିକ କମିଟି ତରଫରୁ ଦଳର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଦାବିପତ୍ର ଦିଆଯାଇଛି। ଏହାର ନକଲ ଉପଜିଲ୍ଲାପାଳ ନୀଳଗିରିଙ୍କୁ ମଧ୍ୟ



ଦିଆଯାଇଛି। ଦାବିପତ୍ର ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ରଞ୍ଜନ ସେନାପତିଙ୍କୁ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜ୍ୟୋତିର୍ମୟ ରାଉତ, ଗଙ୍ଗାଧର ମହାନ୍ତି, ହେମେନ୍ଦ୍ର ସେଠୀ, ଶୁଭ୍ର ଶାନ୍ତନୁ ନାୟକ ଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।



## ସ୍ୱାସ୍ଥ୍ୟ

# ପ୍ଲାଷ୍ଟିକ୍ ଓ କ୍ଷତି

ମାଇକ୍ରୋପ୍ଲାଷ୍ଟିକ୍, ପ୍ଲାଷ୍ଟିକ୍‌ର ଏକ ଛୋଟ କଣା। ବଡ଼ ବଡ଼ ପ୍ଲାଷ୍ଟିକ୍ ଭାଙ୍ଗିଯିବା ପରେ ଏହି କଣଗୁଡ଼ିକ ଉତ୍ପନ୍ନ ହୁଅନ୍ତି କିମ୍ବା ଜାଣିଶୁଣି ଏଗୁଡ଼ିକୁ ତିଆରି କରାଯାଏ। ଏହାର ବ୍ୟବହାର କରାଯାଏ କସ୍ମେଟିକ୍ ମାଇକ୍ରୋବିଡ୍ସରେ ଓ ଫେସିଆଲ୍ ସ୍କ୍ରବ୍‌ରେ ଏହାର ବ୍ୟବହାର କରାଯାଏ। ଅନ୍ୟ ମାଇକ୍ରୋପ୍ଲାଷ୍ଟିକ୍‌ର ବଡ଼ ପ୍ଲାଷ୍ଟିକ ଖଣ୍ଡ ଯେପରିକି ପ୍ଲାଷ୍ଟିକର ବୋତଲ, ବ୍ୟାଗ୍ ଓ ପ୍ୟାକେଜିଂରୁ ତିଆରି ଜିନିଷଗୁଡ଼ିକ ସମୟ ସହିତ ଭାଙ୍ଗିଯାଏ। କିଛି କସ୍ମେଟିକ୍ସରେ ମାଇକ୍ରୋବିଡ୍ସ ଥାଏ ଯେଉଁଗୁଡ଼ିକୁ ଜାଣିଶୁଣି ତିଆରି କରାଯାଇଥାଏ। ଆମ ଦେଶରେ ପ୍ଲାଷ୍ଟିକ୍ ପ୍ରଦୂଷଣ କେବଳ ଯେ ପର୍ଯ୍ୟାବରଣୀୟ ସମସ୍ୟା ତାହା ନୁହେଁ ଏକ ସାମାଜିକ ସଂକଟ ମଧ୍ୟ ହୋଇସାରିଲାଣି। ମହିଳା ଓ ଝିଅମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। କାରଣ ପ୍ଲାଷ୍ଟିକ୍‌ରୁ ତିଆରି ହାନିକାରିକ ରସାୟନଗୁଡ଼ିକ ସମ୍ପର୍କରେ ଆସିବା ଦ୍ୱାରା କେତେ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।



**ପ୍ଲାଷ୍ଟିକ୍ ପ୍ରଦୂଷଣ କେବଳ ଯେ ପରିସ୍ଥିତିକୀ ତନ୍ତ୍ରର କ୍ଷତି କରୁଛି ତାହା ନୁହେଁ, ସାମାଜିକ ଓ ଲୈଙ୍ଗିକ ଅସମାନତାକୁ ମଧ୍ୟ ଗଭୀରତାର ସହିତ ପ୍ରଭାବିତ କରୁଛି। ଏହି ସମସ୍ୟା କେବଳ ସମୁଦ୍ରରେ ଭାସୁଥିବା ଜିନିଷ ପର୍ଯ୍ୟନ୍ତ ଆଉ ସୀମିତ ହୋଇ ରହିନାହିଁ ସେହି ଲକ୍ଷାଧିକ ମହିଳା ଓ ଝିଅମାନଙ୍କ ଜୀବନର ଅଂଶବିଶେଷ ହୋଇ ଗଭୀର ପ୍ରଭାବ ପକାଉଛି। ଏହା ଏପରି ଏକ ହିଂସା ଯାହା ତୁରନ୍ତ ପ୍ରଭାବ ଦେଖାଏ ନାହିଁ କିନ୍ତୁ ଧୀରେ ଧୀରେ ଶରୀର, ସମାଜ ଓ ପରବର୍ତ୍ତୀ ପିଢ଼ିକୁ ମଧ୍ୟ ପ୍ରଭାବିତ କରିବ। ଏଥିପାଇଁ ଏହାକୁ ଧିମା ହିଂସା ବୋଲି କୁହାଯାଏ।**

ଗ୍ରାମୀଣ କ୍ଷେତ୍ରରେ ମହିଳାମାନେ ସାଧାରଣତଃ ପାରମ୍ପରିକ ଭାବରେ ଘରର ପରିଷ୍କାର-ପରିଚ୍ଛନ୍ନତା, ରୋଷେଇ ଓ ପିଲାମାନଙ୍କର ଯତ୍ନ ନେଇଥାନ୍ତି। ଏହିସବୁ ଗତିବିଧିଗୁଡ଼ିକରେ ବ୍ୟବହାର ହେଉଥିବା ଉତ୍ପାଦ- ପ୍ଲାଷ୍ଟିକ୍ ପ୍ୟାକିଂ ଦ୍ୱାରା ଆସୁଥିବା ଖାଦ୍ୟପଦାର୍ଥ, ଶସ୍ତା ସୌନ୍ଦର୍ଯ୍ୟ ପ୍ରସାଧନ, କୀଟନାଶକ ଓ ଘରୋଇ ଉତ୍ପାଦଗୁଡ଼ିକରେ ବିଷାକ୍ତ ରସାୟନ ଥାଏ ଯେଉଁଗୁଡ଼ିକ ମହିଳାମାନଙ୍କ ଶରୀରରେ ପ୍ରବେଶ କରିଥାଏ।

ଆଜିର ସମୟରେ ଆମ ଦେଶରେ ସୌନ୍ଦର୍ଯ୍ୟ ପ୍ରସାଧନଗୁଡ଼ିକର ଉଦ୍ୟୋଗ ବର୍ଷକୁ ପାଖାପାଖି ଦଶ ହଜାର କୋଟିରୁ ଅଧିକ ହୋଇସାରିଲାଣି। ଏହି ଉତ୍ପାଦଗୁଡ଼ିକରେ ମାଇକ୍ରୋପ୍ଲାଷ୍ଟିକ୍ ମିଳେ ଯାହା ହର୍ମୋନ୍‌ର ସ୍ରାବରେ ବାଧା ଉତ୍ପନ୍ନ କରେ। ଏହା ସହିତ ଉତ୍ପାଦଗୁଡ଼ିକରେ ମିଶା ଯାଇଥିବା ରସାୟନ ଦୀର୍ଘ ସମୟ ପର୍ଯ୍ୟନ୍ତ ସ୍କିନ୍, ରକ୍ତ ଓ ପ୍ରଜନନ ତନ୍ତ୍ରକୁ ପ୍ରଭାବିତ କରିଥାଏ। ଏଗୁଡ଼ିକର ପ୍ରଭାବରେ ସ୍କିନ୍ ରୋଗ, ଥାଇରଏଡ୍ ସମ୍ବନ୍ଧୀୟ ବିକାର, ହର୍ମୋନ୍ ଅସନ୍ତୁଳନତା, ବନ୍ଧ୍ୟାପଣ ଓ ଗର୍ଭପାତ ପରି ଗମ୍ଭୀର ରୋଗଗୁଡ଼ିକ ଉତ୍ପନ୍ନ ହୋଇଥାନ୍ତି। ଶାରୀରିକ ଦୃଷ୍ଟିରୁ ମଧ୍ୟ ମହିଳାମାନେ ବିଷାକ୍ତ ରସାୟନଗୁଡ଼ିକର ପ୍ରଭାବ ପ୍ରତି ଅଧିକ ସମ୍ବେଦନଶୀଳ ହୋଇଥାନ୍ତି। ତାଙ୍କ ଶରୀରର ଚର୍ବିର ମାତ୍ରା ଅଧିକ ଥାଏ ଯେଉଁଗୁଡ଼ିକ ବିଷାକ୍ତ ତତ୍ତ୍ୱଗୁଡ଼ିକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସଞ୍ଚିତ କରି ରଖିପାରେ। ଏହା ବ୍ୟତୀତ ଆଷ୍ଟ୍ରୋଜେନ୍ ପରି ହର୍ମୋନ୍ ଏହି ରସାୟନଗୁଡ଼ିକ ପ୍ରଭାବକୁ ଆହୁରି ଗଭୀର କରିଦିଏ। ଗର୍ଭାବସ୍ଥା, ମାସିକଧର୍ମ ଓ ମେନୋପଜ୍ ପରି ନୈସର୍ଗିକ ଚରଣରେ ଏହାର ପ୍ରଭାବ ଆହୁରି ଗମ୍ଭୀର ହୋଇଯାଏ। ଅଧ୍ୟୟନ ଅନୁସାରେ ପ୍ଲାଷ୍ଟିକ୍‌ରେ ଥିବା ବିସ୍‌ଫେନୋଲ୍-ଏ ପରି ରସାୟନ ଗର୍ଭସ୍ଥ ଶିଶୁର ବିକାଶରେ ବାଧା ଉତ୍ପନ୍ନ କରେ। ଏହି କାରଣରୁ ଜନ୍ମଜାତ ବିକାର, ମାନସିକ ସମସ୍ୟା ଓ ହର୍ମୋନ୍ ସହିତ ସମ୍ବନ୍ଧିତ ବିକୃତିଗୁଡ଼ିକ ଜନ୍ମ ନେଇଥାନ୍ତି।

ଦେଶର ଅନେକ ଭାଗର ମହିଳାମାନେ ଆବର୍ଜନା ଗୋଟେଇବା, ଘରୋଇ କାମକାର୍ଯ୍ୟ ଓ ଅନ୍ୟାନ୍ୟ ଅସଂଗଠିତ ଶ୍ରମିକ ଭାବରେ କାମ କରୁଛନ୍ତି। ଏମାନେ ଏହି ଦୈନନ୍ଦିନ କାମରେ ପ୍ଲାଷ୍ଟିକ୍ ସମ୍ପର୍କରେ ଆସନ୍ତି ଯଥା- ପଲିଥିନ୍, ବୋତଲ୍, ପ୍ଲାଷ୍ଟିକ୍ ମୁଣି ଓ ଭାଙ୍ଗି ଯାଇଥିବା ଘରୋଇ ବସ୍ତୁ ଯେଉଁଥିରେ ବିପଦଜନକ ରସାୟନ ଥାଏ। ଏହି କାରଣରୁ ସ୍କିନ୍ ରୋଗ, ଶ୍ୱାସ ରୋଗ, ପ୍ରଜନନ ସମ୍ବନ୍ଧୀୟ ସମସ୍ୟା ଓ ଏପରିକି କ୍ୟାନ୍ସର୍‌ର ବିପଦ ମଧ୍ୟ ଥାଏ। ମହିଳାମାନଙ୍କ ଜରିଆରେ ଏହାଦ୍ୱାରା ତାଙ୍କ ପରିବାରର ଲୋକମାନେ ମଧ୍ୟ ପ୍ରଭାବିତ ହୁଅନ୍ତି। ଏଥିରୁ ବାହାରୁ ଥିବା ଡାଇକିନ୍ ଓ ଅନ୍ୟ ବିଷାକ୍ତ ରସାୟନ ପବନ ଓ ପାଣିକୁ ପ୍ରଦୂଷିତ କରନ୍ତି ଯାହାର ସିଧା ପ୍ରଭାବ ପଡ଼େ ପିଲା ଓ ଗର୍ଭବତୀ ମହିଳାଙ୍କ ଉପରେ।



## ପ୍ରେରଣା



**ମହିଳାମାନେ ଘର ପରିବାର ସମ୍ଭାଳି ପାରନ୍ତି, ସରକାର ଚଲାଇ ପାରନ୍ତି, ପ୍ଲେନ୍ ଉଡ଼ାଇ ପାରନ୍ତି ଏପରିକି ପୁରୁଷପ୍ରଧାନ କାମଗୁଡ଼ିକୁ ମଧ୍ୟ କରିପାରନ୍ତି। କେବଳ ଏତିକି ପର୍ଯ୍ୟନ୍ତ ମହିଳାମାନେ ସୀମିତ ହୋଇ ରହିନାହାନ୍ତି। କିନ୍ତୁ ଏମାନେ ମାନସିକ ସ୍ତରରେ ଯେତେ ସଫଳ ହୋଇଥାନ୍ତୁ ନା କାହିଁକି ଶାରୀରିକ ସ୍ତରରେ ଏମାନଙ୍କୁ ଦୁର୍ବଳ ଭାବରେ ଗ୍ରହଣ କରାଯାଏ। ଏପରି ଧାରଣା ରହିଥିଲେ ମଧ୍ୟ ପୁରା ଦୁନିଆର କେତେକ ମହିଳା ନିଜର ସଶକ୍ତ ବ୍ୟକ୍ତିତ୍ୱ ଦ୍ୱାରା ଏହି ଧାରଣାକୁ ମିଛ ପ୍ରମାଣିତ କରିଛନ୍ତି ଯେଉଁମାନଙ୍କ ମଧ୍ୟରେ ସାମିଲ ଅଛନ୍ତି ସାର୍ପସୁଟର୍ ଦୁଇ ଜଣ ଦାଦୀ ଚନ୍ଦ୍ରୋ ତୋମର ଓ ପ୍ରକାଶୀ ତୋମର। ସମ୍ପର୍କରେ ଏମାନେ ଦୁଇ ଯାଆ ହେବେ। ଉତ୍ତରପ୍ରଦେଶର ବାଗପତ ଠାରେ ଏମାନେ ରହନ୍ତି। କିନ୍ତୁ କରୋନାରେ ଆକ୍ରାନ୍ତ ହୋଇ ଚନ୍ଦ୍ରୋ ତୋମରଙ୍କ ଦେହାନ୍ତ ହୋଇସାରିଥିଲେ ମଧ୍ୟ ଏମାନଙ୍କ ଜୀବନର କାହାଣୀ ନାରୀମାନଙ୍କୁ ନିଶ୍ଚିତ ଭାବରେ ପ୍ରେରଣା ଯୋଗେଇବ।**

୧ଜାନୁଆରୀ, ୧୯୩୨ରେ ଶାମ୍‌ଲୀ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ଚନ୍ଦ୍ରୋ ତୋମର। ତାଙ୍କ ପତିଙ୍କ ନାମ ଭୋର୍ ସିଂହ ତୋମର। ବିବାହ ପରେ ଚନ୍ଦ୍ରୋ ତୋମର ବାଗପତ ଠାରେ ଆସି ରହିଲେ। ୧୯୩୭ରେ ମୁଜଫରନଗର ଠାରେ ଜନ୍ମଗ୍ରହଣ କରିଥିଲେ ପ୍ରକାଶୀ ତୋମର। ପରେ ଚନ୍ଦ୍ରୋଙ୍କ ଦିଅରଙ୍କ ସହିତ ପ୍ରକାଶୀ ତୋମରଙ୍କ ବିବାହ ହେଲା ଓ ଏମାନଙ୍କ ଭିତରେ ସମ୍ପର୍କର ଗଭୀରତା ବୃଦ୍ଧି ପାଇଥିଲା। ଏ ଦୁଇ ଜଣ ଜୀବନର ଅଧିକ ସମୟ ଗୃହିଣୀ ଭାବରେ ବିତେଇ ସାରିଥିଲେ। କିନ୍ତୁ ସମୟର ପରିବର୍ତ୍ତନ ସହିତ ଏମାନେ ବିଶ୍ୱସ୍ତରରେ 'ସୁଟର୍ ଦାଦୀ' ଭାବରେ ପରିଚୟ ପାଇଥିଲେ। ଏହି ପଦବୀ ପାଇବା ପୂର୍ବରୁ ଏମାନେ ଲୋକମାନଙ୍କର ପରିହାସର ସମ୍ମୁଖୀନ ହୋଇଥିଲେ କିନ୍ତୁ ସେମାନଙ୍କର ମୁହଁ ବନ୍ଦ ହୋଇଥିଲା ଯେତେବେଳେ ଦିଲ୍ଲୀରେ ସୁଟିଂ ପ୍ରତିଯୋଗିତାରେ ଏମାନେ ଡିଆଇଜିଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ପ୍ରାପ୍ତ କରିଥିଲେ। ବରିଷ୍ଠ ନାଗରିକ ବର୍ଗରେ ଏହି ଯୋଡ଼ିକୁ ଅନେକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏପରିକି ତତ୍କାଳୀନ ରାଷ୍ଟ୍ରପତିଙ୍କ ତରଫରୁ ଚନ୍ଦ୍ରୋଙ୍କୁ ସ୍ତ୍ରୀ ଶକ୍ତି ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଥିଲା। ଜଣେ କୁଶଳ ସାର୍ପସୁଟର୍ ଭାବରେ ଚନ୍ଦ୍ରୋ ତୋମର ଜାତୀୟ ଖ୍ୟାତି ପ୍ରାପ୍ତ କରିଥିଲେ ଓ ୩୦ରୁ ଅଧିକ ଜାତୀୟ ଚାମ୍ପିଅନସିପ୍ ଜିତିଥିଲେ। ସେ ହେଉଛନ୍ତି ବିଶ୍ୱର ସବୁଠାରୁ ବୟସ୍କ ସାର୍ପସୁଟର୍। ତାଙ୍କୁ ଜଣେ ନାରୀବାଦୀ ଆଇକନ୍ ଭାବରେ ସମ୍ବର୍ଦ୍ଧିତ କରାଯାଏ। ଉତ୍ତରପ୍ରଦେଶ ସରକାର ପରେ ନୋଏଡ଼ା ସୁଟିଂ ରେଞ୍ଜ ଓ ତାଙ୍କ ଗ୍ରାମର ଏକ ସଡ଼କର ନାମ ଚନ୍ଦ୍ରୋ ତୋମରଙ୍କ ନାମ ଅନୁସାରେ ରଖିଛନ୍ତି।

ଚନ୍ଦ୍ରୋ ତୋମର କେବେ ସ୍କୁଲ ଶିକ୍ଷା ଗ୍ରହଣ କରିନଥିଲେ। ତାଙ୍କର ବିବାହ ହୋଇଥିଲା ମାତ୍ର ୧୪ ବର୍ଷ ବୟସରେ। ସୁଟିଂ କ୍ୟାରିୟର ଆରମ୍ଭ ହେବା ବେଳକୁ ତାଙ୍କୁ ୬୫ ବର୍ଷରୁ ଅଧିକ ବୟସ ହୋଇଥିଲା। ପ୍ରଥମ ଥର ଯେତେବେଳେ ସେ ପେସାଗତ ପ୍ରତିଯୋଗିତାରେ ଭାଗ ନେଲେ ଅନ୍ୟ ଲୋକମାନଙ୍କ ସହିତ ତାଙ୍କ ପତି ଓ ଭାଇ ତାଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ପ୍ରତିଯୋଗିତାରେ ଭାଗ ନେବା ଯୋଗୁ ସେମାନେ ତାଙ୍କର ଭାଗୀଦାରୀର ବିରୋଧ କରିଥିଲେ ମଧ୍ୟ ଚନ୍ଦ୍ରୋ ତୋମର ସୁଟିଂ ଜାରି ରଖିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଝିଆରୀ ଓ ନାତୁଣୀ ଏହି ସୁଟିଂ ଦଳରେ ସାମିଲ ହୋଇଗଲେ। ଏହାପରେ ଝିଅମାନଙ୍କୁ ସୁଟିଂରେ ଭାଗ ନେବା ପାଇଁ ଅନୁମତି ଦେବାକୁ ସେ ଗ୍ରାମର ଲୋକମାନଙ୍କୁ ପ୍ରବର୍ତ୍ତାଇ ଥିଲେ। ସୁଟିଂ କ୍ଷେତ୍ରରେ ତାଙ୍କର ଯାତ୍ରା ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ଚନ୍ଦ୍ରୋ ତୋମରଙ୍କ ନାତୁଣୀ ଶେଫାଳୀ ସୁଟିଂ ଶିଖିବାକୁ ଚାହିଁଥିଲେ। ପୁଅମାନଙ୍କ କ୍ଲବକୁ ଯାଇ ସୁଟିଂର ପ୍ରଶିକ୍ଷଣ ନେବାକୁ ସେ ଚାହୁଁ ନଥିବାରୁ ଚନ୍ଦ୍ରୋ ତାଙ୍କୁ ଜୋହରୀ ରାଇଫଲ୍ କ୍ଲବ୍‌କୁ ନେଇ ଯାଇଥିଲେ ଯେଉଁଠାରେ ସୁଟିଂର ପ୍ରଶିକ୍ଷଣ ଦିଆଯାଉଥିଲା। ସେଠାରେ ନାତୁଣୀର ମନୋବଳ ବୃଦ୍ଧି କରିବାପାଇଁ ସେ ପିସ୍ତଲ ହାତରେ ନେଇ ଫାୟରିଂ କରିଦେଇଥିଲେ। ଭାଗ୍ୟବଶତଃ ତାଙ୍କର ଗୁଳି ଲକ୍ଷ୍ୟସ୍ଥଳ ଭେଦ କରିଥିଲା ଓ କ୍ଲବର କୋଚ୍‌ଙ୍କ ପରାମର୍ଶକ୍ରମେ ସେ ସୁଟିଂ କ୍ଲବ୍ ଜଏନ୍ କରିଥିଲେ। କୋଚଙ୍କ ଅନୁସାରେ ତାଙ୍କ ପାଖରେ ରହିଛି ଜନ୍ମଗତ ମାଇର କୌଶଳ, ଏକ ସ୍ଥିର ହାତ ଓ ଏକ ତୀକ୍ଷ୍ଣ ନଜର। ତେବେ ସେ ସମୟରେ ତାଙ୍କର ବୟସ ହୋଇଥିଲା ୬୫। ପରିବାର ତାଙ୍କ ପକ୍ଷରେ ନଥିବାରୁ ସେ ଲୁଚି ଲୁଚି ସୁଟିଂ ଶିଖିବାକୁ ଯାଉଥିଲେ। ସୁଟିଂର ପ୍ରଶିକ୍ଷଣ ନେବା ଆରମ୍ଭ କରିବା ଯୋଗୁ ଲୋକମାନଙ୍କର ଥଟ୍ଟା ପରିହାସ ତାଙ୍କୁ ସହ୍ୟ କରିବାକୁ ପଡ଼ିଥିଲା।

୨୦୧୯ରେ ଦି ଟ୍ରିବ୍ୟୁନ୍ ଗାଇଡ୍‌କୁ ସେ ଦେଇଥିବା ଏକ ସାକ୍ଷାତକାରରେ କହିଥିଲେ ଯେ ତାଙ୍କର ଶକ୍ତି ଓ ଚପଳତା ସେ ଘରର କାମକାର୍ଯ୍ୟରୁ ପ୍ରାପ୍ତ କରିଥିଲେ। କାରଣ ବହୁତ କମ୍ ବୟସରୁ ସେ ହାତରେ ଗହମ ପେଷିବା, କ୍ଷୀର ବାହାର କରିବା, ଘାସ କାଟିବା ସହିତ ସକ୍ରିୟ ରହିବାକୁ ପସନ୍ଦ କରୁଥିଲେ। ତାଙ୍କ ଅନୁସାରେ ଶରୀର ବାର୍ଦ୍ଧକ୍ୟ ପ୍ରାପ୍ତ କଲେ ମଧ୍ୟ ନିଜ ମସ୍ତିଷ୍କକୁ ଦୃଢ଼ତର ରଖିବା ଉଚିତ। ତାଙ୍କ ଝିଅରୀ ସୀମା ତୋମର ମଧ୍ୟ ଜଣେ ସାର୍ପସୁଟର୍ ଯିଏ ୨୦୧୦ରେ ରାଇଫଲ୍ ଓ ପିସ୍ତଲ୍ ବିଶ୍ୱକପ୍‌ରେ ବିଜୟ ପ୍ରାପ୍ତ କରିଥିବା ପ୍ରଥମ ମହିଳା ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ। ତାଙ୍କ ନାତୁଣୀ ଶେଫାଳୀ ତୋମର ଅନ୍ତର୍ଜାତୀୟ ସ୍ତରର ଜଣେ ସୁଟର୍ ଭାବରେ ଖ୍ୟାତି ଅର୍ଜନ କରିଛନ୍ତି। ହଙ୍ଗେରୀ ଓ ଜର୍ମାନୀରେ ଅନ୍ତର୍ଜାତୀୟ ସୁଟିଂ ପ୍ରତିଯୋଗିତାରେ ସେ ଭାଗ ନେଇ ସାରିଛନ୍ତି।

ତାଙ୍କର ସଫଳତା ପଛରେ ଥିବା ସକାରାତ୍ମକ ପ୍ରୋତ୍ସାହନର ଶ୍ରେୟ ଦିଆଯାଇଛି ଚନ୍ଦ୍ରୋ ତୋମରଙ୍କୁ। ତାଙ୍କୁ ପରାମର୍ଶ ଦେଇଥିବାରୁ ସେ ତାଙ୍କ ଯାଆ ପ୍ରକାଶୀ ତୋମରଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି। ୧୯୯୯ରୁ ତୋମର ପୁରା ଭାରତରେ ୨୫ରୁ ଅଧିକ ରାଜ୍ୟ ଓ ବଡ଼ ବଡ଼ ଚାମ୍ପିଅନସିପ୍‌ରେ ଭାଗ ନେଇ ବିଜୟ ପ୍ରାପ୍ତ କରିଥିଲେ। ଏକ ଉପଯୋଗୀ ଖେଳ ଓ ପେସା ଭାବରେ ସୁଟିଂକୁ ଆପଣେଇବା ପାଇଁ ତାଙ୍କର ସଫଳତା ସ୍ଥାନୀୟ ଲୋକମାନଙ୍କୁ ପ୍ରୋତ୍ସାହନ ଦେଇଥିଲା। କିନ୍ତୁ ଦୁଃଖର ବିଷୟ କୋଭିଡ୍‌ରେ ଆକ୍ରାନ୍ତ ହେବା ପରେ ୩୦ ଏପ୍ରିଲ, ୨୦୨୧ରେ ତାଙ୍କର ନିଧନ ହୋଇସାରିଛି।

ଏହି ଦୁଇ ଜଣ ସାର୍ପସୁଟର୍- ଚନ୍ଦ୍ରୋ ଓ ପ୍ରକାଶୀ ତୋମରଙ୍କ ଉପରେ ନିର୍ମାଣ କରାଯାଇଛି ଏକ ଫିଲ୍ମ 'ସାଣ୍ଢ କି ଆଁଖ୍'। ନିର୍ମାତା ଅନୁରାଗ କଶ୍ୟପଙ୍କ ଏହି ଫିଲ୍ମରେ ତାପସୀ ପନ୍ନୁ ଓ ଭୂମି ପେଡନେକର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ଏମାନଙ୍କ ଜୀବନର ସଂଘର୍ଷପୂର୍ଣ୍ଣ କାହାଣୀ କୋଟି କୋଟି ଦର୍ଶକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବାରେ ସଫଳ ହୋଇଛନ୍ତି ନିର୍ମାତା। ପ୍ରକାଶୀ ତୋମରଙ୍କ ଅନୁସାରେ ବେଟି ବଚାଓ, ବେଟି ପଢ଼ାଓ ସହିତ ବେଟି ଖିଲାଓ ଉପରେ ମଧ୍ୟ ଧ୍ୟାନ ଦିଆଯିବା ଉଚିତ।

ମହିଳାମାନଙ୍କ ସୁଟିଂକୁ ଖେଳ ପର୍ଯ୍ୟନ୍ତ ସୀମିତ ନ ରଖନ୍ତୁ। ସୁଟିଂ ଏକ ପ୍ରକାରର ଖେଳ ହେବା ସହିତ ଆତ୍ମରକ୍ଷା ପାଇଁ ଏକ ଖୁବ୍ ଭଲ ବିକଳ୍ପ। ମହିଳାମାନଙ୍କୁ ସୁଟିଂ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ଉଚିତ।



## ଫ୍ୟାସନ୍

# ମିନିମଲିଷ୍ଟ ଫ୍ୟାସନ୍



ଆଜିକାଲିର ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ପ୍ରତି ମହିଳା କମ୍ ସମୟ ମଧ୍ୟରେ ସୁନ୍ଦର ଓ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଚାହୁଁଛନ୍ତି। ତେଣୁ ଏ ସମୟରେ ଟ୍ରେଣ୍ଡ୍‌ରେ ଅଛି ମିନିମଲିଷ୍ଟ ଫ୍ୟାସନ୍ ଯାହାକୁ ସାଦା ଓ ସରଳ ଫ୍ୟାସନ୍ ବୋଲି କୁହାଯାଉଛି। ଏହା ହେଉଛି ଏପରି ଏକ ଫ୍ୟାସନ୍ ଟ୍ରେଣ୍ଡ୍ ଯେଉଁଥିରେ କମ୍ କପଡ଼ା ପିନ୍ଧାଯାଏ କିନ୍ତୁ ସେଗୁଡ଼ିକୁ ଅଲଗା ଅଲଗା ଉପାୟରେ ଷ୍ଟାଇଲ୍ କରି ଅନେକ ପ୍ରକାରର ଆଉଟଫିଟ୍ ମଧ୍ୟ ତିଆରି କରିହେବ। ମିନିମଲିଷ୍ଟ ଫ୍ୟାସନ୍‌ର ଅର୍ଥ କମ୍ କପଡ଼ା ଓ ଗହଣା ସହିତ ଏକ ଶାନ୍‌ଦାର୍ ଲୁକ୍ ପାଇବା। ଏହା କେବଳ ସମୟ ବଞ୍ଚେଇଥାଏ ତାହା ନୁହେଁ, ଆରାମଦାୟକ ଅନୁଭବ ମଧ୍ୟ ଦିଏ। ମିନିମଲିଷ୍ଟ ଜୀବନଶୈଳୀର ଅର୍ଥ କମ୍ ଜିନିଷ, କମ୍ ଖର୍ଚ୍ଚ, କମ୍ କାମ, କମ୍ ବୋଝ ଓ ଆରାମଦାୟକ ଜୀବନ। ଏହି ଜୀବନଶୈଳୀ କେବଳ ଆବଶ୍ୟକ ଓ ମହତ୍ତ୍ୱପୂର୍ଣ୍ଣ ଜିନିଷ ରଖିବା ପାଇଁ ଶିଖେଇଥାଏ ଯେଉଁଥିରେ ଅର୍ଥବ୍ୟବସ୍ଥା କମ୍ ରହିବ ଓ ମାନସିକ ଶାନ୍ତି ମିଳିବ। ଏହି ଶୈଳୀ ଅନାବଶ୍ୟକ ଭୌତିକ ବସ୍ତୁଗୁଡ଼ିକରୁ ମୁକ୍ତ କରି ଖୁବ୍ ଭଲ ଅନୁଭବ ଦେବା ସହିତ ସମ୍ପର୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଶିକ୍ଷା ଦେଇଥାଏ। ଏହା ଜୀବନକୁ ସରଳ, ଚାପମୁକ୍ତ ଓ ସନ୍ତୁଳିତ କରିଥାଏ। ମିନିମଲିଜ୍‌ମର ଅର୍ଥ କମ୍‌ରୁ ଅତି କମ୍। କେବଳ ଭୌତିକ ବସ୍ତୁଗୁଡ଼ିକୁ ନୁହେଁ ବିଚାର, ସମୟ ଓ ଉର୍ଜାକୁ ବୁଝିବାର ପ୍ରବନ୍ଧନ କରିବା ଏହାର ଉଦ୍ଦେଶ୍ୟ।

ଏହା ସୁରକ୍ଷା, ବ୍ୟକ୍ତିଗତ ସନ୍ତୋଷ ଓ ଆତ୍ମନିର୍ଭରତା ଆଡ଼କୁ ବଢ଼ିବାରେ ସାହାଯ୍ୟ କରେ ଯେଉଁଥିରେ ଜୀବନ ଅର୍ଥପୂର୍ଣ୍ଣ ଲାଗେ। ଏହା କେବଳ ଏକ ଚଳନ ନୁହେଁ, ଅଧିକ ସନ୍ତୁଳିତ, ସରଳତାପୂର୍ଣ୍ଣ ଓ ମାନସିକ ସ୍ତରରେ ସମୃଦ୍ଧ ଜୀବନ ଜିଇଁବାର ଏକ ଉପାୟ। ତେଣୁ ଜୀବନରେ ଯଦି ଶାନ୍ତିରେ ରହିବା, ଧ୍ୟାନ କେନ୍ଦ୍ରିତ କରିବା ଓ ସଚ୍ଚା ଶାନ୍ତି ଚାହୁଁଛନ୍ତି ତେବେ ଏହି ଜୀବନଶୈଳୀକୁ ଆପଣାଇବା ଉଚିତ।



**ଏହାର ଲାଭ-** ମିନିମଲିଷ୍ଟ ଫ୍ୟାସନ୍‌କୁ ଫଲୋ କରିବାର ଅର୍ଥ ଏହିପରି ଜୀବନଶୈଳୀ ମାନସିକ ଶାନ୍ତି ଓ ସ୍ୱଚ୍ଛତା ପ୍ରଦାନ କରେ। କମ୍ ଜିନିଷ ରହିବା ସହିତ ଯଦି ଜିନିଷଗୁଡ଼ିକ କମ୍ ଖେଳେଇ ହୋଇ ରହିବ ତେବେ ଅଧିକ ମାନସିକ ଶାନ୍ତି ମିଳିବ। ଏହା ଦ୍ୱାରା ଅର୍ଥ ସଞ୍ଚୟ ମଧ୍ୟ ହେବ। କାରଣ ଅନାବଶ୍ୟକ କିଣାକିଣି ଯୋଗୁ ଅର୍ଥ ବ୍ୟୟ ଅଧିକ ହୁଏ। ମିନିମଲିଷ୍ଟ ଜୀବନଶୈଳୀରେ ସମୟର ସଞ୍ଚୟ ହୁଏ। କମ୍ ଜିନିଷକୁ ସମ୍ଭାଳିବା ସହଜ ହେଉଥିବାରୁ ଏହା ସହିତ ସମୟ ଓ ଉର୍ଜାର ସଞ୍ଚୟ ହୁଏ। ଏହା ଦ୍ୱାରା ପ୍ରତି ଜିନିଷ ଉପରେ ଧ୍ୟାନ କେନ୍ଦ୍ରିତ ହୋଇ ରହେ ଓ ଏଥିରେ ପ୍ରଡକ୍ଟିଭିଟି ଥାଏ। କମ୍ ବ୍ୟାକୁଳତା ଦ୍ୱାରା ଧ୍ୟାନ କେନ୍ଦ୍ରିତ ହୋଇ ରହେ ଓ କାମରେ ଦକ୍ଷତା ଆସେ। ପର୍ଯ୍ୟାବରଣ ପାଇଁ ମଧ୍ୟ ଏହା ଏକ ଶାନ୍‌ଦାର ବିକଳ୍ପ। କମ୍ ଉପଭୋଗ ସାମଗ୍ରୀ ରହିଲେ ଆବର୍ଜନା ମଧ୍ୟ କମ୍ ରହେ। ସଂସାଧନର ସଞ୍ଚୟ ହୁଏ। ଏହା ଦ୍ୱାରା ଜିନିଷଗୁଡ଼ିକ ପରିବର୍ତ୍ତେ ଲୋକମାନଙ୍କ ଉପରେ ମହତ୍ତ୍ୱ ଦେବାର ଅଭ୍ୟାସ ବୃଦ୍ଧି ପାଏ।

**କିଛି ଟିପ୍ସ-ପ୍ରତି ଜିନିଷ କିଣିବା ପୂର୍ବରୁ ଥରେ ଚିନ୍ତା କରନ୍ତୁ ଏହା କିଣିବା ବହୁତ ଜରୁରୀ କି। ଯେଉଁ ଆଉଟ୍‌ଫିଟ୍ସକୁ ଆପଣ ପିନ୍ଧୁଛନ୍ତି କେବଳ ସେତିକି ଜିନିଷକୁ ଆଲମାରିରେ ରଖନ୍ତୁ। ଡିଜିଟାଲ୍ ଡିଟକ୍ସ କରନ୍ତୁ। ଅଦରକାରୀ ଆପ୍ସ ଓ ଫୋଲ୍ଡର୍ସକୁ ହଟେଇ ଦିଅନ୍ତୁ। କମ୍‌ରୁ ଅଧିକର ଅଭ୍ୟାସ କରି କମ୍ ଜିନିଷ ଓ ଅଧିକ ଦିନ ପର୍ଯ୍ୟନ୍ତ ଜୀବନକୁ ଉପଭୋଗ କରନ୍ତୁ।**

## ଖାଦ୍ୟଶାଳ

# ରଙ୍ଗବେରଙ୍ଗ ଚିକେନ୍ କବାବ୍



**ଆବଶ୍ୟକ ସାମଗ୍ରୀ-**ଚିକେନ୍ ଲେଗ୍ ପିସ୍ ଓ ବ୍ରେଷ୍ଟ ପିସ୍ ମିଶାଇ-୫୦୦ ଗ୍ରାମ, ଧଣିଆ ପତ୍ର ଚଟଣି-୧ ଚାମଚ, ଚିକେନ୍ କବାବ୍ ମସଲା-୧ ଚାମଚ, ଅଦା-ରସୁଣ ପେଷ୍ଟ-୧ ଚାମଚ, ଲୁଣ-ସ୍ୱାଦ ଅନୁସାରେ। ହଳଦୀ ପାଉଡର୍-୧ ଚାମଚ, କାଶ୍ମୀରୀ ଲାଲ୍ ଲଙ୍କା ପାଉଡର୍-୩ ଚାମଚ, ଦହି-୧ ଚାମଚ, ନାରଙ୍ଗୀ ରଙ୍ଗ- ଏକ ଚୁଟ୍‌କି, ତେଲ-ଆବଶ୍ୟକ ଅନୁସାରେ, ଚାଟ୍ ମସଲା, ଟମାଟୋ ସସ୍- ୧ ଚାମଚ, ଚିଲି ସସ୍-୧ ଚାମଚ, ସୋୟା ସସ୍-୨ ଚାମଚ, କର୍ଣ୍ଣଫ୍ଲୋର-୨ ଚାମଚ, କ୍ରାକର ହିସାବରେ ତେଲ।

**ପ୍ରଣାଳୀ-**ଚିକେନ୍‌କୁ ଭଲ ଭାବରେ ଧୋଇ ତିନି ଭାଗରେ ବାଣ୍ଟିଦେବେ। ଗୋଟିଏ ଭାଗ ଚିକେନ୍‌ରେ ଲୁଣ, କବାବ, ମସଲା, ଦହି, ଅଦା- ରସୁଣ ପେଷ୍ଟ-୨ ଚାମଚ, ଧଣିଆ ପତ୍ରର ଚଟଣି ମିଶେଇ ଗୋଳେଇଦେବେ ଓ ଏହାକୁ ଗୋଟିଏ ପାର୍ଶ୍ୱରେ ରଖିଦିଅନ୍ତୁ। ଏବେ ଅନ୍ୟ ଏକ ଭାଗରେ କର୍ଣ୍ଣଫ୍ଲୋର, ଲୁଣ, କବାବ୍ ମସଲା, ଅଦା-ରସୁଣ ପେଷ୍ଟ, ନାରଙ୍ଗୀ ରଙ୍ଗ, ଦହି, ଟମାଟୋ, ସୋୟା ଓ ଚିଲି ସସ୍ ମିଶେଇ ଘୋଡ଼େଇ ରଖନ୍ତୁ। ତୃତୀୟ ଭାଗରେ କବାବ୍ ମସଲା, ଲୁଣ, ହଳଦୀ, କାଶ୍ମୀରୀ ଲଙ୍କା ପାଉଡର୍, ଅଦା-ରସୁଣ ପେଷ୍ଟ, କର୍ଣ୍ଣଫ୍ଲୋର୍ ମିଶାଇ ଘୋଡ଼େଇଦେବେ। ୧୫-୨୦ ମିନିଟ୍ ପରେ ତାୱା ଗରମ କରି ତେଲ ଢ଼ାଳନ୍ତୁ। ତେଲ ଗରମ ହୋଇଯିବା ପରେ ଏକ ଏକ ଭାଗ ଚିକେନ୍‌କୁ ତାୱା ଉପରେ ରଖି ଖେଳେଇଦେଇ ଘୋଡ଼େଇ ଦିଅନ୍ତୁ। ଆଞ୍ଚ ଧିମା ରଖିବେ। ମଝିରେ ମଝିରେ ଚିମୁଟାରେ ଉଠାଇ ଓଲଟେଇ ଦେବେ। ଯଦି ତାୱାରେ ଚିକେନ୍ ଲାଗି ରହୁଛି ତେବେ ତା' ଉପରେ ତେଲ ପକାନ୍ତୁ। କିଛି ସମୟ ପରେ ଏହା ସିଝିଛି କି ନାହିଁ ଦେଖନ୍ତୁ ନହେଲେ ଆଉ କିଛି ସମୟ ତାୱା ଉପରେ ସେକି ଦିଅନ୍ତୁ। ତିନି ରଙ୍ଗର ଚିକେନ୍‌କୁ ଏହିପରି ଭାବରେ ରଖି ଭାଜିବାକୁ ହେବ। ଏହାକୁ ପ୍ଲେଟ୍‌ରେ ସଜେଇ ଉପରେ ଚାଟ୍ ମସଲା ଛିଞ୍ଚି ସର୍ଭ କରିବେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ଖୁବ୍ ଭଲରେ ବିତିବ। ସ୍ଥିତିଗୁଡ଼ିକ ଆପଣଙ୍କ ପକ୍ଷରେ ରହିବେ। ଦୀର୍ଘ ଦିନର କାମ ଆଜି ପୂରା ହେବ। ପ୍ରସନ୍ନ ରହିବେ। ବ୍ୟାପାରୀ ବର୍ଗ ଲାଭରେ ରହିବେ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ।

**ବୃଷ** - ଅର୍ଥ ବ୍ୟୟ ହେବାର ଦିନ। ସଫ଼ି ପାଇଁ ଯାଇପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଜରୁରୀ। ଆତ୍ମବିଶ୍ୱାସୀ ବୋଲି ଭାବନ୍ତୁ ନାହିଁ। କାମକାର୍ଯ୍ୟ ଦୃଷ୍ଟିରୁ ଦିନଟି ସହଯୋଗ କରିବ। ବୈବାହିକ ଜୀବନରେ ଚାପ ବୃଦ୍ଧି ହେବ।

**ମିଥୁନ** - ଆର୍ଥିକ ମାମଲାରେ ଦିନଟି ଆପଣଙ୍କ ପକ୍ଷରେ ଯିବ। ଆମଦାନୀ ଖୁବ୍ ଭଲ ହେବ। ବ୍ୟାପାରରେ ଲାଭର ଯୋଗ ରହିଛି। ସମୟ ଅବିବାହିତ ପାଇଁ ଦିନଟି ଖୁବ୍ ଭଲ। ସନ୍ତାନ ପକ୍ଷରୁ ଖୁସି ଖବର ପାଇବେ।

**କର୍କଟ** - ଦିନଟି ସାମାନ୍ୟ ରହିବ। ପେସାଗତଙ୍କ ପାଇଁ ଦିନଟି ଅନୁକୂଳ। କାମରେ ଆଜି ବ୍ୟସ୍ତ ରହିବେ। ଆର୍ଥିକ ସ୍ତରରେ ମଜଭୁତ ରହିବେ। ଜମିବାଡ଼ି ଉପରେ କିଛି କଥା ଉଠିପାରେ। କ୍ୟାରିୟର ଦୃଷ୍ଟିରୁ ଦିନଟି ଉତ୍ତମ।

**ସିଂହ** - ବିଦେଶ ସହିତ ଜଡ଼ିତ ଶୁଭ ସମାଚାର ପାଇବେ। କାମ ପାଇଁ ଦୂର ଯାତ୍ରା ଯୋଗ ଅଛି। ସର୍ଦ୍ଦି, କାଶ ପରି ସଂକ୍ରାମକ ରୋଗ ସମସ୍ୟାରେ ପକାଇପାରେ। ନିବେଶ ପାଇଁ ଦିନଟି ଅନୁକୂଳ।

**କନ୍ୟା** - ଚାପ ଭାରକୁ ନିୟନ୍ତ୍ରଣ କରନ୍ତୁ। ମାନସିକ ସ୍ତରରେ ନିଜକୁ ସୁସ୍ଥ ରଖିବେ। ଆର୍ଥିକ ସ୍ଥିତି ପ୍ରଭାବିତ ହୋଇପାରେ। ନିଜ ଉପରେ ଭରସା ରଖିବେ। ଶ୍ୱଶୁର ଘରକୁ ଯିବା ପାଇଁ ସୁଯୋଗ ମିଳିପାରେ।

**ତୁଳା** - ଦିନଟି ଖୁସିରେ ଭରିଯିବ। ପ୍ରମୋଶନ ଯୋଗ ରହିଛି। ବ୍ୟାପାରରେ ଖୁବ୍ ଭଲ ଲାଭ ହେବ। ବ୍ୟକ୍ତିଗତ ଜୀବନ ଖୁସିରେ ଭରିଯିବ। ବ୍ୟାପାର ଲାଭଦାୟକ ହେବ। ଜୀବନସାଥିଙ୍କୁ ସହଯୋଗ କରନ୍ତୁ।

**ବିଛା** - ଦିନଟି ମିଶ୍ରିତ ଫଳାଫଳ ଦେବ। କରଜ ନେଲେ ମୁଣ୍ଡବିନ୍ଧାର କାରଣ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ନିରାଶାଜନକ ରହିବ। ମାନସିକ ସ୍ତରରେ ମଜଭୁତ ରହିବେ। ସିନିୟର୍ସଙ୍କ ସହଯୋଗ ପାଇବେ।

**ଧନୁ** - ମନ କଥା ଭଲ ପାଉଥିବା ବ୍ୟକ୍ତିଙ୍କୁ କହିପାରିବେ। ପିଲାମାନେ ଆପଣଙ୍କ ପାଇଁ ସରପ୍ରାଇଜ୍ ପ୍ଲାନ୍ କରିପାରନ୍ତି। ଆମଦାନୀ ମାମଲାରେ ଦିନଟି ଖୁବ୍ ଭଲ। ନିଜକୁ ମଜଭୁତ ସ୍ଥିତିରେ ପାଇବେ।

**ମକର** - ପ୍ରପର୍ଟି ସହିତ ତଥ୍ୟ ମିଳିଯିବ। ପ୍ରସନ୍ନ ରହିବେ। ଘର କିଣା ଯୋଜନା ସଫଳ ହେବ। ଆର୍ଥିକ ଭାବରେ ମଜଭୁତ ରହିବେ। ଦିନଟି ଅନେକ ଦୃଷ୍ଟିରୁ ଉତ୍ତମ। ପରିବାରରେ ତାଳମେଳ ରହିବ।

**କୁମ୍ଭ** - ଆଜି ଆତ୍ମବିଶ୍ୱାସରେ ଭରି ରହିବେ। ବ୍ୟାପାରରେ ରିସ୍କ୍ ନେଇପାରନ୍ତି। ନିବେଶ କରିବା ସମୟରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟରେ ସୁଧାର ହେବ। ଦିନଟି ଅଳ୍ପ ଆହ୍ୱାନପୂର୍ଣ୍ଣ ରହିବ। ଅହଂକାରର ଲଢ଼େଇ ହୋଇପାରେ।

**ମୀନ** - ଗ୍ରହ ସ୍ଥିତି ଆପଣଙ୍କ ସପକ୍ଷରେ ରହିବ। ଆର୍ଥିକ ଲାଭର ପ୍ରବଳ ଯୋଗ ରହିଛି। ସଞ୍ଚୟ ଯୋଜନାରେ ନିବେଶ କରିପାରନ୍ତି। ଧନ ଆଗମନ ହେବ। ପରିବାରରେ ଆନନ୍ଦମୟ ପରିବେଶ ରହିବ।

# ଭକ୍ତିମୟ ଶ୍ରୀକ୍ଷେତ୍ର

# ଲୋକାରଣ୍ୟ ବଡ଼ଦାଣ୍ଡ

ସ୍ନାନମଣ୍ଡପରେ ଭଗବାନ ଓ ବଡ଼ଦାଣ୍ଡରେ ଅସଂଖ୍ୟ ଭକ୍ତ। ଅପଲକ ନୟନରେ ଚାଲିଥିଲା ଭକ୍ତ ଓ ଭଗବାନଙ୍କ ଭାବର ଆଦାନ ପ୍ରଦାନ। ରତ୍ନବେଦିରୁ ଆସି ସ୍ନାନବେଦିରେ ଉଭା ହୋଇଛନ୍ତି ମହାପ୍ରଭୁ। ଭାବଭକ୍ତିରେ ଭିଜିଥିଲା ପବିତ୍ର ବଡ଼ଦାଣ୍ଡ। ଜୟ ଜଗନ୍ନାଥ ଧ୍ୱନି ଦେଇ ଉପରକୁ ଉଠିଥିଲା ଅସଂଖ୍ୟ ହାତ। ଦାରୁବ୍ରହ୍ମଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ ପରକୁ ଦୁର୍ଲଭ ଗଜାନନ ବେଶ। ମଙ୍ଗଳ ଆଳତିରୁ ବାହୁଡ଼ା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦିବ୍ୟ ଲୀଳାର ସାକ୍ଷୀ ରହିଲା ମହାଶୂନ୍ୟରୁ ମର୍ତ୍ତ୍ୟମଣ୍ଡଳ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଲୋକାରଣ୍ୟ ହୋଇଉଠିଥିଲା ପୁରୀ। ବଡ଼ଦାଣ୍ଡ ପାଲଟିଥିଲା ଜନସମୁଦ୍ର।



















## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କବିତା ସଂକଳନ 'କାବ୍ୟାଞ୍ଜଳି' ଲୋକାର୍ପିତ

**ଭୁବନେଶ୍ୱର,ପୁରୀ, ୧୧।୬/ଏନ୍ଏନ୍ଏସ୍:** ପବିତ୍ର ମହାକୁମ୍ଭ ଆଧାରରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପ୍ରସ୍ତୁତ ଆଧ୍ୟାତ୍ମିକ କବିତା ସଂକଳନ ବା କଫି ଟେବୁଲ ବୁକ୍ 'କାବ୍ୟାଞ୍ଜଳି' ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଓଡ଼ିଶା ବାସୀ ଓ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ପରେ ରଥ ଖଳାରେ ପହଞ୍ଚି ରଥ ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ପରେ ପୁସ୍ତକ ଅନାବରଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ କୁମ୍ଭମେଳାରେ ୬୬ କୋଟି ଶ୍ରଦ୍ଧାଳୁ ସ୍ନାନ କରିଥିଲେ। ମୁଁ ମଧ ବ୍ୟକ୍ତିଗତ ଭାବେ ସେଠାରେ ସ୍ନାନ କରି ସାଧୁ,ସନ୍ଥ, ମହାତ୍ମାଙ୍କ ମିଶିବାର ସୁଯୋଗ ପାଇଥିଲି। ସ୍ନାନ ମନ୍ତ୍ରକୁ ଉଚ୍ଚାରଣ କରି ଆମେ ନଦୀ, ପୋଖରୀ ବା ସ୍ନାନାଗାରରେ ସ୍ନାନ କରିଥାନ୍ତି। କିନ୍ତୁ ମହାକୁମ୍ଭର ପବିତ୍ର ଓ ପ୍ରାକୃତିକ ପରିବେଶରେ ପବିତ୍ର ସ୍ନାନ ଅଦ୍ଭୁତ ଓ ଅବିସ୍ମରଣୀୟ। ସେହି ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଏହି ଆଧ୍ୟାତ୍ମିକ କବିତାଞ୍ଜଳି କଫି ଟେବୁଲ ବହିଟି ଓଡ଼ିଆ ଓ ହିନ୍ଦୀ ଭାଷାରେ ରଚିତ, ଯାହା ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ପ୍ରତୀକ। ସାରଳା ଦାସ, ଜଗନ୍ନାଥ ଦାସ,ଗଙ୍ଗାଧର ମେହେର, ଫକୀରମୋହନଙ୍କ ସାହିତ୍ୟ କୃତି ଆମ ଭାଷା ସାହିତ୍ୟକୁ ସମୃଦ୍ଧ କରିଛି। ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଏହି ପୁସ୍ତକ ଉନ୍ମୋଚନ ଏକ ବିରାଟ ଉପଲବ୍ଧି। ୨୦୩୬ ବିକଶିତ ଓଡ଼ିଶା ଓ ୨୦୪୭ ବିକଶିତ ଭାରତ ପାଇଁ ଆମେ ସମସ୍ତେ ସମବଦ୍ଧ ଭାବେ କାର୍ଯ୍ୟ କରିବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ।



ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟ ନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।ବିଭିନ୍ନ ମଠର ମହନ୍ତ ମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ଭବାନୀ ପ୍ରସାଦ ମିଶ୍ର, ସୁରେଶ କୁମାର ସାହୁ, ଡଃ ପ୍ରିତି ପ୍ରତିଭା ଭୋଳ, ଡଃ ହାଡିବନ୍ଧୁ ପାଣିଗ୍ରାହୀ, ସୁବ୍ରତ ନାୟକ, କୁଳମଣି ରାଉତ, ଡଃ ଅମୀୟ ମହାପାତ୍ର, ମାତୃଦତ୍ତ ମହାନ୍ତି, ନିରଞ୍ଜନ ରଥ,ଶ୍ୟାମ ପ୍ରକାଶ ସେନାପତି, ଚିନ୍ମୟ ବିବେକ, ଦୟାନିଧି ଲେଙ୍କା ଓ ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ରାଇଘର ଚାଷୀଙ୍କ ଧାନ ବିକ୍ରି ଟଙ୍କା ନମିଳିବା ଘଟଣା

## ରାଇଘର ବନ୍ଦ ଡାକରାକୁ ବିଜେଡିର ସମର୍ଥନ

**ଭୁବନେଶ୍ୱର,୧୧।୬/ଏନ୍ଏନ୍ଏସ୍:** ଅବିଭକ୍ତ କୋରାପୁଟ ଜିଲ୍ଲାରେ ୩୪୪ ଜଣ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ଚାରି ମାସ ପରେ ମଧ ମିଳି ନଥିବାରୁ ଚାଷୀ ସମାଜ ମଧ୍ୟରେ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଚାଷୀମାନଙ୍କୁ ତୁରନ୍ତ ତାଙ୍କ ପ୍ରାପ୍ୟ ପ୍ରଦାନ ଦାବିରେ ଚାଷୀ ସଂଗଠନ ତରଫରୁ ଆସନ୍ତାକାଲି ଅର୍ଥାତ ୧୨ ଜୁନରେ ରାଇଘରରେ ୧୨ ଘଣ୍ଟିଆ ବନ୍ଦ ସହିତ କଳା ଦିବସ ପାଳନ ପାଇଁ ଡାକରା ଦିଆଯାଇଛି। ଚାଷୀମାନଙ୍କ ଦ୍ୱାରା ଦିଆଯାଇଥିବା ଏହି ଡାକରାକୁ ବିଜେଡି ସମର୍ଥନ ଘୋଷଣା କରିଛି। ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ରବି ନାରାୟଣ ନନ୍ଦ, ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ ଓ ପ୍ରଦୀପ ମାଝୀ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀ ନନ୍ଦ କହିଥିଲେ ସରକାରଙ୍କ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବା ପରେ ରାଇଘର ଅଞ୍ଚଳରେ ୩୪୪ ଜଣ ଚାଷୀଙ୍କୁ ୧୫ ଫେବୃଆରୀରୁ ୧୬ ମାର୍ଚ୍ଚ ଭିତରେ ଧାନ ବିକ୍ରି କରିବା ପାଇଁ କୁହାଯାଇଥିଲା। ସେହି ହିସାବରେ ଏହି ଚାଷୀମାନେ ୧୪,୨୫୨ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଥିଲେ। ଏହି ଧାନର ପରିମାଣ ହିସାବରେ ଚାଷୀମାନେ ପ୍ରାୟ ସାଢ଼େ ୪ କୋଟି ଟଙ୍କା ପାଇବା କଥା। ନିୟମ ଅନୁଯାୟୀ ୨୪ରୁ ୪୮ଘଣ୍ଟା ଭିତରେ ଧାନ ବିକ୍ରି ଅର୍ଥ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିବା କଥା। କିନ୍ତୁ ପ୍ରାୟ ଚାରିମାସ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଧାନ ଟଙ୍କା ମିଳି ନାହିଁ। ଏହି ଟଙ୍କା ପାଇବା ପାଇଁ ଧାନ ବିକିଥିବା ଚାଷୀମାନେ ବାର ଦୁଆର ଶୁଣ୍ଠିପିଣ୍ଡା ହେଉଛନ୍ତି। ଇତିମଧ୍ୟରେ ଚାଷୀମାନେ ଧାନ କିଣାରେ ସମ୍ପୃକ୍ତ ଅଧିକାରୀ ମାନଙ୍କ ବ୍ୟତୀତ ସିଏସଓ ଓ ଜିଲ୍ଲାପାଳଙ୍କୁ ଭେଟି ତାଙ୍କର ଅସୁବିଧା ଜଣାଇଛନ୍ତି। ସିଏସଓ ଓ ଜିଲ୍ଲାପାଳ ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ କୌଣସି ସୁଫଳ ମିଳିନାହିଁ।

ରମେଶ ମାଝୀ କହିଥିଲେ, ସରକାରଙ୍କ ନିର୍ଦ୍ଦେଶ ମୁତାବକ ଚାଷୀ ମଣ୍ଡିରେ ଧାନ ଦେଇଥିଲେ ତେଣୁ ଚାଷୀଙ୍କୁ ଧାନ କିଣା ଟଙ୍କା ପ୍ରଦାନ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ। ରାଜ୍ୟ ସରକାର ଏହି ପ୍ରକ୍ରିୟା ସଂପାଦନ କରିବାରେ ବିଫଳ ହୋଇଛନ୍ତି ଏବଂ ଚାଷୀମାନଙ୍କ କଥା ବୁଝୁନାହାନ୍ତି। ପ୍ରଦୀପ ମାଝୀ କହିଥିଲେ ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତିକୁ ନେଇ ରାଜ୍ୟବ୍ୟାପୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି କରୁଛନ୍ତି। କିନ୍ତୁ, ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟର ୩୪୪ ଜଣ ଆଦିବାସୀ ଚାଷୀଙ୍କ ସମସ୍ୟା ଉପରେ ସରକାରଙ୍କ ସମ୍ବେଦନଶୂନ୍ୟ ହୋଇ ନିଦରେ ଶୋଇଛନ୍ତି। ଆସନ୍ତା କାଲି ରାଇଘର ଅଞ୍ଚଳରେ କଳା ଦିବସ ପାଳିତ ହେବ ବୋଲି ଚାଷୀ ସମାଜ ଯେଉଁ ଡାକରା ଦେଇଛି, ତାକୁ ବିଜୁ ଜନତା ଦଳ ସମ୍ପୂର୍ଣ୍ଣ ସମର୍ଥନ ଜଣାଉଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଚାଷୀଙ୍କ ଠାରୁ ଆରମ୍ଭ କରି ସାଧାରଣ ନାଗରିକ ମଧ୍ୟ ଯୋଗ ଦେବେ। ସରକାରଙ୍କ ବିରୋଧରେ ୧୨ ଘଣ୍ଟିଆ ବନ୍ଦ ପାଳନ ସହିତ କଳା ଦିବସ ପାଳନ ହେବ ବୋଲି ଶ୍ରୀ ମାଝୀ କହିଥିଲେ।

### ରାଷ୍ଟ୍ରୀୟ ପୁରସ୍କାର ବିଜେତା, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଭାବ ବିନିମୟ

## ସବୁ ଯୋଜନାର ମୂଳରେ ଜନସାଧାରଣଙ୍କ ଫିଡ୍‌ବ୍ୟାକ



**ଭୁବନେଶ୍ୱର,୧୧।୬/ଏନ୍ଏନ୍ଏସ୍:** ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସବୁଠାରୁ ମହତ୍ୱପୂର୍ଣ୍ଣ ହେଲେ ସାଧାରଣ ଜନତା। ଜନତାର ପ୍ରତ୍ୟେକବର୍ଗର ଲୋକେ ହେଉଛନ୍ତି ଗଣତାନ୍ତ୍ରିକ ପଦ୍ଧତିର ଅଂଶ ବିଶେଷ। ଏହି ଏକ ବର୍ଷ ଥିଲା ଲୋକଙ୍କ ଆଶା-ଆକାଂକ୍ଷା ପୂରଣ କରିବାର ବର୍ଷ ଏବଂ ଏହି ବର୍ଷ ଥିଲା ସରକାର-ଜନ ସାଧାରଣଙ୍କ ମଧ୍ୟରେ ଥିବା ଖାଇକୁ ଦୂର କରି ସେତୁ ବାନ୍ଧିବାର ବର୍ଷ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

ଲୋକସେବା ଭବନ ସ୍ଥିତ କନଭେନସନ ସେଣ୍ଟର ଠାରେ ରାଜ୍ୟର ରାଷ୍ଟ୍ରୀୟ ପୁରସ୍କାର ବିଜେତା, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀମାନଙ୍କ ସହିତ ଭାବ ବିନିମୟ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଏକ ବର୍ଷ ମଧ୍ୟରେ ଆମ ସରକାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ ଆମେ ଲୋକଙ୍କ ପାଖରେ କିଭଳି ପହଁଚିବୁ, ଏବଂ ଏହାକୁ ଆମେ ସଫଳ କରି ଦେଖାଇଛୁ। ବଜେଟ ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ଏବଂ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ଏ ସମସ୍ତ କାର୍ଯ୍ୟର ମୁଲ୍ୟାଙ୍କନ ଆଜି ଜନସାଧାରଣ କରୁଛନ୍ତି। ପ୍ରତ୍ୟେକ କାର୍ଯ୍ୟ ହାତକୁ ନେବା ପୂର୍ବରୁ ଆଜି ସରକାର ଲୋକମାନଙ୍କ ମତ ନେଉଛନ୍ତି ଏବଂ ତାଙ୍କ ଫିଡବ୍ୟାକ ଆଧାରରେ ହିଁ ସରକାର ସମସ୍ତ ନୀତି ପ୍ରଣୟନ କରୁଛନ୍ତି। ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିବା କାର୍ଯ୍ୟ ସହିତ ଅନେକ ଅଭିନବ ପରିକଳ୍ପନାକୁ ରୂପାୟିତ କରାଯାଇଛି। ଓଡ଼ିଶାର ବରପୁତ୍ରମାନଙ୍କୁ ସମ୍ମାନ ପ୍ରଦର୍ଶନ ହେଉ ଅବା ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଓଡ଼ିଆ ସଂସ୍କୃତିକୁ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ପ୍ରତିପାଦିତ କରିବା ହେଉ, ସବୁଥିରେ ସରକାର ନିଜର ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ବର୍ଷକ ସମୟ, ଗୋଟିଏ ସରକାର ପାଇଁ କେବଳ ଅୟମାରମ୍ଭ ମାତ୍ର। ଓଡ଼ିଶାର ସାଂସ୍କୃତିକ ବିଭବକୁ ବିଶ୍ୱସ୍ତରରେ ପ୍ରତିପାଦିତ କରିବା ପାଇଁ ଆମ ସରକାର ଆଗାମୀ ଦିନରେ ମଧ ନିରନ୍ତର ପ୍ରୟାସ ଜାରୀ ରଖିବେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଗାମୀ ଦିନରେ ୨୧ ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯିବ। ସ୍ୱାଧୀନ ଭାରତର ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ୧୨୫ ତମ ଜୟନ୍ତୀ ବର୍ଷବ୍ୟାପୀ କରାଯାଉଛି। କେବଳ ପ୍ରତିମୂର୍ତ୍ତି ଅନାବରଣ ନୁହେଁ, ଆଗାମୀ ଦିନରେ ଏହିଭଳି ମହାନ ବରପୁତ୍ରମାନଙ୍କ ଜନ୍ମସ୍ଥାନରେ ସ୍ମୃତି ସଂଗ୍ରହାଳୟ, ବ୍ୟାଖ୍ୟାନ କେନ୍ଦ୍ର, ଶିଶୁ ଉଦ୍ୟାନ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତିଭୂମି ପ୍ରତିଷ୍ଠା କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ରାଜ୍ୟରେ ପ୍ରାୟ ଶହେରୁ ଦେଢଶହ ଗ୍ରାମ, ଯେଉଁଠି ମହାପୁରୁଷ ଓ ମହୀୟସୀମାନେ ଜନ୍ମ ଗ୍ରହଣ କରିଥିଲେ, ତାଙ୍କ ଗ୍ରାମକୁ ଆଦର୍ଶ ଗ୍ରାମ କରି ତୋଳିବୁ।କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଭରଷା ଓ ଦୃଢ ଇଚ୍ଛାଶକ୍ତି ବଳରେ ଆଜି ଓଡିଶା ନିଜ ଅସ୍ମିତା ପାଇଁ ଅନେକ ପଦକ୍ଷେପ ନେଇଛି। ଆଜି ପ୍ରତ୍ୟେକ ସୃଜନଶୀଳତାକୁ ମିଳୁଛି ପରିଚୟ। କଳା ସଂସ୍କୃତି ର ବିକାଶ ହୋଇ ଏହା ଜନାଦୃତ ହୋଇ ପାରୁଛି କେବଳ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ।ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତକ 'ସଂସ୍କୃତିରୁ ସମୃଦ୍ଧି' ଉନ୍ମୋଚନ ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜିବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂସ୍କୃତି ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

# ୯୯ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ ସ୍ମିଥ୍

## ବ୍ରାଡ୍‌ମ୍ୟାନ୍, ବର୍ଡର୍ ଓ ରିଚାର୍ଡ୍ସଙ୍କୁ ପଛରେ ପକାଇଲେ



**ଲଣ୍ଡନ,୧୧।୬/ଏଜେନ୍ସି:** ଅଷ୍ଟ୍ରେଲିଆର ଷ୍ଟାର୍ ବ୍ୟାଟର୍ ଷ୍ଟିଭ୍ ସ୍ମିଥ୍ ଦକ୍ଷିଣ ଆଫ୍ରିକା ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍ ମ୍ୟାଚ୍‌ରେ ବୁଧବାର ଏକ ବଡ କୀର୍ତ୍ତିମାନ କରିଛନ୍ତି। ସ୍ମିଥ୍ ୩୩ତମ ଓଭର୍‌ରେ କାଗିସୋ ରବାଡାଙ୍କ ବଲ୍‌ରେ ଚୌକା ଲଗାଇ ଟେଷ୍ଟରେ ନିଜର ୪୨ତମ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହାପରେ ଏକ ସିଙ୍ଗଲ୍ ରନ୍ ଚୋରାଇ କ୍ରିକେଟ୍‌ର ମକ୍କା ଲର୍ଡ୍ସରେ ୯୯ ବର୍ଷର ପୁରୁଣା ରେକର୍ଡ ଧ୍ୱସ୍ତ କରି ଏକ ନୂଆ ଇତିହାସ ରଚିଛନ୍ତି। ୫୧ ରନ୍ କରିବା ମାତ୍ରେ ହିଁ ସ୍ମିଥ୍ ଲର୍ଡ୍ସରେ ସର୍ବାଧିକ ଟେଷ୍ଟ ରନ୍ ସଂଗ୍ରହକାରୀ ବିଦେଶୀ ବ୍ୟାଟର୍ ହୋଇଛନ୍ତି। ସେ ନିଜ ଦେଶର ୱାରେନ୍ ବାର୍ଡସ୍ଲେଙ୍କ ଏକ ବଡ଼ କୀର୍ତ୍ତିମାନ ଧ୍ୱସ୍ତ କରିଛନ୍ତି। ବାର୍ଡସ୍ଲେ ୧୯୦୯ରୁ ୧୯୨୬ ମଧ୍ୟରେ ଲର୍ଡ୍ସରେ ୫ ଟେଷ୍ଟ ମ୍ୟାଚ୍‌ର ୭ ଇନିଂସ୍‌ରେ ଦୁଇଟି ଲେଖାଏଁ ଶତକ ଓ ଅର୍ଦ୍ଧଶତକ ସହାୟତାରେ ୫୭୫ ରନ୍ କରିଥିଲେ। ଏବେ ଲର୍ଡ୍ସରେ ସ୍ମିଥ୍‌ଙ୍କର ୫୯୧ ରନ୍ ହୋଇଛି। ଏହି ପଡ଼ିଆରେ ସେ ଦୁଇଟି ଶତକ ଏବଂ ତିନିଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

ଡବ୍ଲ୍ୟୁଟିସି ଫାଇନାଲ୍‌ର ପ୍ରଥମ ଇନିଂସ୍‌ରେ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ସ୍ମିଥ୍ ମହାନ୍ ଡନ୍ ବ୍ରାଡ୍‌ମ୍ୟାନ୍ ଏବଂ ୱେଷ୍ଟଇଣ୍ଡିଜ୍‌ର ମହାନ୍ କ୍ରିକେଟର୍ ଗ୍ୟାରୀ ସୋବର୍ସଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ଲର୍ଡ୍ସରେ ବ୍ରାଡ୍‌ମ୍ୟାନ୍ ୪ ଟେଷ୍ଟ ମ୍ୟାଚ୍‌ର ୮ ଇନିଂସ୍‌ରେ ୫୫୧ ରନ୍ କରିଥିବା ବେଳେ ଗ୍ୟାରୀ ସୋବର୍ସ ୫ ଟେଷ୍ଟର ୯ ଇନିଂସ୍‌ରେ ୫୭୧ ରନ୍ ସଂଗ୍ରହର କାରନାମା କରିଥିଲେ। ଏବେ ସ୍ମିଥ୍ ଲର୍ଡ୍ସରେ ୬୦୦ ଟେଷ୍ଟ ରନ୍ ହାସଲକାରୀ ପ୍ରଥମ ବ୍ୟାଟର୍ ହେବାକୁ ଯାଉଛନ୍ତି।

ଏହା ବ୍ୟତୀତ ସ୍ମିଥ୍ ଇଂଲଣ୍ଡ ମାଟିରେ ସର୍ବାଧିକ ୫୦+ ଟେଷ୍ଟ ସ୍କୋର୍ ହାସଲକାରୀ ବ୍ୟାଟର୍ ମଧ୍ୟ ହୋଇଛନ୍ତି। ଏହି ମାମଲାରେ ସେ ଅଷ୍ଟ୍ରେଲିଆର ଆଲାନ୍ ବର୍ଡର୍ ଓ ୱେଷ୍ଟଇଣ୍ଡିଜ୍‌ର ଭିଭିଆନ୍ ରିଚାର୍ଡ୍ସଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ବର୍ଡର୍ ଇଂଲଣ୍ଡରେ ୨୫ ଟେଷ୍ଟ ମ୍ୟାଚ୍‌ରେ ୧୭ ଥର ପଚାଶରୁ ଅଧିକ ସ୍କୋର୍ କରିଥିବା ବେଳେ ରିଚାର୍ଡ୍ସ ୨୪ ଟେଷ୍ଟ ମ୍ୟାଚ୍‌ରେ ଏହି କାରନାମା କରିଥିଲେ। ଏବେ ସ୍ମିଥ୍‌ଙ୍କ ନାମରେ ଇଂଲଣ୍ଡରେ ୧୮ ଥର ପଚାଶରୁ ଉର୍ଦ୍ଧ୍ୱ ସ୍କୋର୍ ହୋଇଛି। ସେ ମାତ୍ର ୨୩ ଟେଷ୍ଟ ମ୍ୟାଚ୍‌ରେ ଏହି କାରନାମା କରିଛନ୍ତି।

## ଡବ୍ଲ୍ୟୁଟିସି ଫାଇନାଲ୍: ରବାଡାଙ୍କୁ ୫ ୱିକେଟ୍

# ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍ ୨୧୨ ରନ୍‌ରେ ଶେଷ

**ଲଣ୍ଡନ,୧୧।୬/ଏଜେନ୍ସି:** ଅଷ୍ଟ୍ରେଲିଆ ଓ ସାଉଥ୍ ଆଫ୍ରିକା ମଧ୍ୟରେ ୨୦୨୫ ବିଶ୍ୱ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍ ମ୍ୟାଚ୍ କ୍ରିକେଟ୍‌ର ମକ୍କା ଲର୍ଡ୍ସରେ ବୁଧବାରଠାରୁ ଆରମ୍ଭ ହୋଇଛି। ସାଉଥ୍ ଆଫ୍ରିକା କ୍ୟାପଟେନ୍ ଟେମ୍ବା ବାଭୁମା ଟସ୍ ଜିତି

**ସାଉଥ୍ ଆଫ୍ରିକା ୪୩/୪**



ଅଷ୍ଟ୍ରେଲିଆକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ୨୧୨ ରନ୍ କରି ପ୍ରଥମ ଦିନ ଅଲଆଉଟ୍ ହୋଇଛି। ଷ୍ଟିଭ୍ ସ୍ମିଥ୍ ଓ ବ୍ୟୁ ୱେବ୍‌ଷ୍ଟର୍ ଅର୍ଦ୍ଧଶତୀୟ ଇନିଂସ୍ ଖେଳିଥିବା ବେଳେ କାଗିସୋ ରବାଡା ୫ ୱିକେଟ୍ ଅକ୍ତିଆର କରିଛନ୍ତି। ଜବାବରେ ସାଉଥ୍ ଆଫ୍ରିକା ପ୍ରଥମ ଦିନର ଖେଳ ଶେଷ ବେଳକୁ ୪ ୱିକେଟ୍ ହରାଇ ୪୩ ରନ୍ କରି ୧୬୯ ରନ୍ ପଛରେ ରହିଛି। ଷ୍ଟମ୍ପସ ବେଳକୁ କ୍ୟାପ୍ଟେନ୍ ଟେମ୍ବା ବାଭୁମା ୩ ଓ ଡେଭିଡ୍ ବେଡିଙ୍ଗହାମ୍ ୮ ରନ୍‌ରେ ବ୍ୟାଟିଂ କରୁଥିଲେ।

୨୧୨ ରନ୍ ଜବାବରେ ବ୍ୟାଟିଂ କରିଥିବା ସାଉଥ୍ ଆଫ୍ରିକାକୁ ପ୍ରଥମ ଓଭରରେ ହିଁ ଝଟ୍‌କା ଲାଗିଥିଲା ଏବଂ ଓପ୍ନର୍ ଏଡ଼େନ୍ ମାର୍କରମ୍ ଖାତା ଖୋଲିବା ପୂର୍ବରୁ ମିଚେଲ୍ ଷ୍ଟାର୍କଙ୍କ ବଲ୍‌ରେ ବୋଲ୍ଡ ଆଉଟ୍ ହୋଇଥିଲେ। ଏହାପରେ ଅନ୍ୟତମ ଓପ୍ନର୍ ର୍ୟାନ୍ ରିକେଲ୍‌ଟନ୍ ୧୬ ରନ୍ କରି ମିଚେଲ୍ ଷ୍ଟାର୍କଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଯୁବ ବ୍ୟାଟର୍ ୱିଆନ୍ ମୁଲ୍ଡର ୬ ରନ୍ କରିଥିବା ବେଳେ ଅଷ୍ଟ୍ରେଲିଆ କ୍ୟାପ୍ଟେନ୍ ପ୍ୟାଟ୍ କମିନ୍ସଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ୍ ଫେରିଛନ୍ତି। ଟ୍ରିଷ୍ଟନ୍ ଷ୍ଟବ୍ସ (୨) ଶସ୍ତାରେ ଜୋଶ୍ ହେଜଲ୍‌ଉଡ୍‌ଙ୍କ ଦ୍ୱାରା ବୋଲ୍ଡ ଆଉଟ୍ ହୋଇ ଫେରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆର ଅବସ୍ଥା ବହୁତ ଖରାପ ଥିଲା। ଓପ୍ନର୍ ଉସ୍‌ମାନ୍ ଖ୍ୱାଜା ୧୯ ବଲ୍ ଖେଳିବା ପରେ ଶୂନ ରନ୍‌ରେ ରବାଡାଙ୍କ ବଲ୍‌ରେ ସ୍ଲିପରେ ଡେଭିଡ୍ ବେଡିଂହାମ୍‌ଙ୍କୁ କ୍ୟାଚ୍‌ରେ ଫେରିଥିଲେ। ଏହାପରେ ରବାଡାଙ୍କ ସେହି ଓଭରର ଶେଷ ବଲ୍‌ରେ କାମେରୁନ୍ ଗ୍ରୀନ୍ (୪) ଏଡ଼େନ୍ ମାର୍କରମ୍‌ଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ମାର୍ନସ୍ ଲାବୁଶେନ୍ ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ମଧ୍ୟରେ ୩୦ ରନ୍‌ର ପାର୍ଟନରଶିପ୍ ହୋଇଥିଲେ। ତେବେ ଲାବୁଶେନ୍ ୧୭ ରନ୍ କରିଥିବା ବେଳେ ମାର୍କୋ ଜାନ୍‌ସେନ୍ ତାଙ୍କୁ ପ୍ୟାଭିଲିୟନ୍ ରାସ୍ତା ଦେଖାଇଥିଲେ। ଜାନ୍‌ସେନ୍ ଏହାପରେ ଟ୍ରାଭିସ୍ ହେଡ୍‌ଙ୍କୁ ମଧ୍ୟ ଆଉଟ୍ କରିଥିଲେ। ହେଡ୍‌ଙ୍କ ଆଉଟ୍ ପରେ ସ୍ମିଥ୍ ଓ ବ୍ୟୁ ୱେବ୍‌ଷ୍ଟରଙ୍କ ମଧ୍ୟରେ ୭୯ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ମାତ୍ର ସ୍ମିଥ୍‌ଙ୍କୁ ଆଉଟ୍ କରି ଏଡ଼େନ୍ ମାର୍କରମ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ଇତିମଧ୍ୟରେ ୩୩ତମ ଓଭର୍‌ରେ କ୍ୟାରିୟରର ୪୨ତମ ଅର୍ଦ୍ଧଶତକ ପୂରଣ କରିଥିବା ସ୍ମିଥ୍ ୧୧୨ ବଲ୍‌ରେ ୧୦ ଚୌକା ସହାୟତାରେ ୬୬ ରନ୍ କରିଥିଲେ। ଏହାପରେ କେଶବ ମହାରାଜ ଆଲେକ୍ସ କେରୀ (୨୩)ଙ୍କୁ ବୋଲ୍ଡ କରି ପ୍ୟାଭିଲିୟନ୍ ପେରାଇଥିଲେ। ପରବର୍ତ୍ତୀ ଓଭର୍‌ରେ ରବାଡା କ୍ୟାପ୍ଟେନ୍ ପ୍ୟାଟ୍ କମିନ୍ସ (୧)ଙ୍କୁ ବୋଲ୍ଡ କରିଥିଲେ। ୯୨ ବଲ୍‌ରେ ୧୧ ଚୌକା ସହାୟତାରେ ସର୍ବାଧିକ ୭୨ ରନ୍ କରିଥିବା ୱେବ୍‌ଷ୍ଟର୍ ୫୫ତମ ଓଭରରେ ରବାଡାଙ୍କ ଚତୁର୍ଥ ଶିକାର ହୋଇଥିଲେ। ନାଥନ୍ ଲାୟନ୍ ଖାତା ଖୋଲିବା ପୂର୍ବରୁ ଜାନ୍‌ସେନ୍‌ଙ୍କ ଦ୍ୱାରା ବୋଲ୍ଡ ଆଉଟ୍ ହୋଇଥିଲେ। ଏହାପରେ ମିଚେଲ୍ ଷ୍ଟାର୍କଙ୍କୁ ନିଜର ପଞ୍ଚମ ଶିକାର କରିବା ସହିତ ରବାଡା ଅଷ୍ଟ୍ରେଲିଆ ଇନିଂସ୍‌କୁ ୨୧୨ ରନ୍‌ରେ ସୀମିତ କରିଦେଇଥିଲେ। ରବାଡାଙ୍କ ବ୍ୟତୀତ ଜାନ୍‌ସେନ୍ ୩ଟି, ମହାରାଜ ଓ ମାର୍କରମ୍ ୧-୧ ୱିକେଟ୍ ଅକ୍ତିଆର କରିଥିଲେ।


# ଓଡ଼ିଶା ବଧିର କ୍ରିକେଟ୍ ସଂଘର କାର୍ଯ୍ୟକର୍ତ୍ତା ନିର୍ବାଚନ




**କଟକ,୧୧।୬/ଏଜେନ୍ସି:** ଓଡ଼ିଶା ବଧିର କ୍ରିକେଟ୍ ସଂଘ (ଓଡିସିଏ)ର ବାର୍ଷିକ ସାଧାରଣ ସଭା ଜୁନ୍ ୮ ତାରିଖରେ ବାଦାମବାଡ଼ିସ୍ଥିତ ହୋଟେଲ୍ ଗ୍ରାଣ୍ଡ ରେସିଡେନ୍ସିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୫-୨୦୨୯ ଅବଧି ପାଇଁ ସଂଘର ନୂତନ କର୍ମକର୍ତ୍ତାଙ୍କ ନିର୍ବାଚନ ମଧ୍ୟ ହୋଇଥିଲା। ଭାରତୀୟ ବଧିର କ୍ରିକେଟ୍ ସଂଘର ଉପ-ସଭାପତି ଥିବା ସାଗରକାନ୍ତ ସେନାପତି ଓଡ଼ିଶା ସଂଘର ସମ୍ପାଦକ ଭାବେ ପୁନଃନିର୍ବାଚିତ ହୋଇଥିବା ବେଳେ ଜ୍ୟୋତିରଞ୍ଜନ ବେହେରା ସଭାପତି, ପ୍ରିୟରଞ୍ଜନ ସାହୁ ଉପସଭାପତି, ରବୀନ୍ଦ୍ର କୁମାର ନାୟକ ଯୁଗ୍ମ ସମ୍ପାଦକ, ରାଜୀବ ମହାନ୍ତି କୋଷାଧ୍ୟକ୍ଷ ଏବଂ କମାଣ୍ଡର ଦ୍ୱିତୀକୃଷ୍ଣ ମିଶ୍ର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସ୍ୱାଗତ ଗୌଡ଼, ସଞ୍ଜୀବ ମଲ୍ଲ, ଦୀପକ କୁମାର ପତି, ବିଶ୍ୱଜିତ୍ ହୋତା, ସୁଶାନ୍ତ ଦାଶ ଓ ନନ୍ଦକିଶୋର ଦାଶ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରମୋଦ କୁମାର ମହାପାତ୍ରଙ୍କୁ ଓଡ଼ିଶା ସଂଘର ଇଣ୍ଟରପ୍ରିଟର୍ ନିର୍ବାଚିତ କରାଯାଇଛି। ବୈଠକରେ ସଂଘର ଆଗାମୀ ୨୦୨୯ ପର୍ଯ୍ୟନ୍ତ ରୋଡ୍‌ମ୍ୟାପ୍ ରୂପରେଖ ପ୍ରସ୍ତୁତ କରାଯାଇଛି। ନୂତନ ନିର୍ବାଚିତ କର୍ମକର୍ତ୍ତା ଦେଶ ଓ ବିଦେଶରେ ବଧିର କ୍ରିକେଟ୍‌ର ପ୍ରଚାର ପାଇଁ ସଂଗଠନର ନେତୃତ୍ୱ ନେବେ। ଅନ୍ତର୍ଜାତୀୟ ବଧିର କ୍ରିକେଟ୍ ପରିଷଦ (ଡିଆଇସିସି)ର ସଦସ୍ୟ ଭାବେ ସ୍ୱୀକୃତି ହାସଲ କରିଥିବା ଓଡ଼ିଶା ବଧିର କ୍ରିକେଟ୍ ସଂଘ (ଓଡିସିଏ) ଭାରତରେ ବଧିର କ୍ରିକେଟ୍‌ର ଗଭର୍ଣ୍ଣିଂ ବଡି ହୋଇଥିବା ବେଳେ ସମାବେଶୀ କ୍ରୀଡ଼ା କରଣକୁ ସମର୍ଥନ କରିବା ସହିତ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରୁଛି। ସ୍ଥାପନା ପରଠାରୁ ଓଡିସିଏ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ତାଲିମ ଶିବିର ଏବଂ ବଧିର କ୍ରିକେଟ୍ ପ୍ରତିଭାଙ୍କ ସନ୍ଧାନ ଓ ବିକାଶ ପାଇଁ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବଧିର କ୍ରିକେଟରଙ୍କୁ ସମାନ ସୁଯୋଗ ପ୍ରଦାନ, ସେମାନଙ୍କ ଅଧିକାର ସୁରକ୍ଷିତ ରଖିବା ସହିତ କ୍ରିକେଟ୍ ସମୁଦାୟରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିଆସୁଛି।

## ତୃତୀୟ ଟି-୨୦: ୱେଷ୍ଟଇଣ୍ଡିଜ୍ ୨୦ ରନ୍‌ରେ ପରାଜିତ

# ଇଂଲଣ୍ଡର ୩-୦ରେ ସିରିଜ୍ କ୍ଲିନ୍ ସ୍ୱିପ୍



**ସାଉଥାମ୍ପଟନ୍,୧୧।୬/ଏଜେନ୍ସି:** ବେନ୍ ଡକେଟ୍‌ଙ୍କ ବିସ୍ଫୋରକ ୮୪ ରନ୍ ବଳରେ ଇଂଲଣ୍ଡ ତୃତୀୟ ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍‌କୁ ୩୭ ରନ୍‌ରେ ହରାଇ ସିରିଜ୍ ୩-୦ରେ କ୍ଲିନ୍ ସ୍ୱିପ୍ କରିଛି। ଏହା ପୂର୍ବରୁ ଇଂଲଣ୍ଡ ଦିନିକିଆ ସିରିଜ୍ ମଧ୍ୟ ୩-୦ରେ ଜିତିଥିଲା। ଡକେଟ୍‌ଙ୍କ ୪୬ ବଲ୍‌ର ଇନିଂସ୍‌ରେ ୧୦ ଚୌକା ଓ ୨ ଛକା ସାମିଲ ଥିଲା, ଯାହା ଫଳରେ ଇଂଲଣ୍ଡ ଘରୋଇ ପଡ଼ିଆରେ ନିଜର ସଂଯୁକ୍ତ ସର୍ବୋଚ୍ଚ ଟି-୨୦ ସ୍କୋର୍ ୨୪୮/୩ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୮ ୱିକେଟ୍ ହରାଇ ୨୧୧ ରନ୍ କରିବାକୁ ସମର୍ଥ ହୋଇଥିଲା।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପକ୍ଷରୁ ଓପ୍ନର୍ ଜେମି ସ୍ମିଥ୍ ଓ ବେନ୍ ଡକେଟ୍ ବିସ୍ଫୋରକ ଆରମ୍ଭ କରି ୫୩ ବଲ୍‌ରେ ୧୨୦ ରନ୍‌ର ପାର୍ଟନରଶିପ୍ କରିଥିଲେ। ୨୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଡକେଟ୍ ୮୩ ରନ୍ ଏବଂ ଜେମି ସ୍ମିଥ୍ ୨୬ ବଲ୍‌ରେ ୪ ଚୌକା ଓ ୫ ଛକା ସହାୟତାରେ ୬୦ ରନ୍ କରି ଆଉଟ୍ ହୋଇଥିଲେ। ହ୍ୟାରି ବ୍ରୁକ୍ (୩୫) ଏବଂ ଜାକୋବ୍ ବେଥେଲ୍ (୩୬)ଙ୍କ ମଧ୍ୟରେ ଅବିଭାଜିତ ଚତୁର୍ଥ ୱିକେଟ୍ ପାଇଁ ୩୧ ବଲ୍‌ରେ ୭୦ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଜୋସ୍ ବଟ୍‌ଲର୍ ୨୨ ରନ୍ କରିଥଲେ। ୨୪୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ୱେଷ୍ଟଇଣ୍ଡିଜ୍ ୧୧୯ ରନ୍ ମଧ୍ୟରେ ଶୀର୍ଷ ୫ ୱିକେଟ୍ ହରାଇଥିଲା। ଓପ୍ନର୍ ଇଭିନ୍ ଲୁଇସ୍ ଓ ଜାନ୍‌ସନ୍ ଚାର୍ଲ୍ସ ୯-୯ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଶିମରୋନ୍ ହେଟ୍‌ମାୟର୍ ୮ ବଲ୍‌ରେ ୩ ଚୌକା ଓ ଗୋଟିଏ ଛକା ସହାୟତାରେ ୨୬ ରନ୍ କରିଥିଲେ। କ୍ୟାପ୍ଟେନ୍ ଶାଇ ହୋପ୍ ୨୭ ବଲ୍‌ରେ ୪୫ ରନ୍‌ର ଇନିଂସ୍ ଖେଳିଥିବା ବେଳେ ରୋଭ୍‌ମାନ୍ ପାୱେଲ୍ ୪୫ ବଲ୍‌ରେ ଅପରାଜିତ ୭୯ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷର ଲ୍ୟୁକ୍ ଉଡ୍ ୩ଟି ଏବଂ ଆଦିଲ୍ ରଶିଦ୍‌ଙ୍କୁ ଦୁଇଟି ୱିକେଟ୍ ମିଳିଥିଲା।

# ଇଂଲଣ୍ଡରେ ଟିମ୍ ଇଣ୍ଡିଆର ପ୍ରାକ୍ଟିସ୍




**କ୍ୟାପ୍ଟେନ୍ ଗିଲ୍‌ଙ୍କ ସହ ଖେଳାଳିଙ୍କ ଫିଲ୍ଡିଂ ଅଭ୍ୟାସ**

**ନୂଆଦିଲ୍ଲୀ,୧୧।୬/ଏଜେନ୍ସି:** ଭାରତୀୟ କ୍ରିକେଟ୍ ଟିମ୍ ବୁଧବାର ଇଂଲଣ୍ଡରେ ଫିଲ୍ଡିଂ ପ୍ରାକ୍ଟିସ୍ କରିଛି। ବିସିସିଆଇ ଏହାର ଭିଡିଓ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛି। ଏହି ଭିଡିଓରେ ଟିମ୍‌ର ନୂଆ ଟେଷ୍ଟ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍ ଅନ୍ୟ ଖେଳାଳିଙ୍କ ସହ କ୍ୟାଚ୍ ଅଭ୍ୟାସ କରୁଥିବା ଏଥିରେ ଦେଖିବାକୁ ମିଳିଛି। ସେହିପରି ଟିମ୍‌ର ଷ୍ଟାର୍ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା ମଧ୍ୟ ଥ୍ରୋ ଏବଂ ଫିଲ୍ଡିଂ କରିଛନ୍ତି।

ଟିମ୍‌ର କେତେକ ଖେଳାଳି ଏବଂ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଜୁନ୍ ୬ ତାରିଖରେ ମୁମ୍ବାଇ ବିମାନ ବନ୍ଦରରୁ ଇଂଲଣ୍ଡ ଅଭିମୁଖେ ଯାତ୍ରା କରିଥିଲେ। ରୋହିତ ଶର୍ମା ଟେଷ୍ଟରୁ ସନ୍ନ୍ୟାସ ନେବାପରେ ୨୫ ବର୍ଷୀୟ ଶୁଭମନ୍ ଗିଲ୍‌ଙ୍କୁ ଭାରତୀୟ ଟେଷ୍ଟ ଟିମ୍‌ର ନୂଆ କ୍ୟାପ୍ଟେନ୍ ନିଯୁକ୍ତ କରାଯାଇଛି। ୱିକେଟ୍‌କିପର୍ ବ୍ୟାଟର୍ ଋଷଭ ପନ୍ତ ଟିମ୍‌ର ଭାଇସ୍ କ୍ୟାପ୍ଟେନ୍ ଅଛନ୍ତି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ପରେ ଟିମ୍‌ର ଏହା ପ୍ରଥମ ଗସ୍ତ ହେବ। ଏହା ପୂର୍ବରୁ ଜୁନ୍ ୮ ତାରିଖରେ ଟିମ୍ ପ୍ରଥମ ପ୍ରାକ୍ଟିସ୍ ସେସନ୍‌ରେ ଭାଗ ନେଇଥିଲା। କୋଚ୍ ଗୌତମ ଗମ୍ଭୀରଙ୍କ ମାର୍ଗଦର୍ଶନରେ ଖେଳାଳିମାନେ ପଡ଼ିଆରେ କଠିନ ପରିଶ୍ରମ କରିଥିଲେ। ତେବେ ଟିମ୍‌ର କେତେକ ଖେଳାଳି ଭାରତ-ଏ' ଟିମ୍‌ର ସଦସ୍ୟ ଥିବାରୁ ଏହି ସେସନ୍‌ରେ ସାମିଲ ହୋଇପାରି ନଥିଲେ। ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍‌ର ଟେଷ୍ଟ ସିରିଜ୍ ଜୁନ୍ ୨୦ରୁ ଲିଡ୍‌ସରେ ଆରମ୍ଭ ହେବ। ସେହିପରି ଅନ୍ତିମ ଟେଷ୍ଟ ଜୁଲାଇ ୩୧ ତାରିଖରୁ ଲଣ୍ଡନର ଦ ଓଭାଲ୍‌ରେ ଖେଳାଯିବ। ଭାରତ ୨୦୦୭ ପରେ ଇଂଲଣ୍ଡରେ ଟେଷ୍ଟ ସିରିଜ୍ ଜିତିପାରି ନାହିଁ। ଫଳରେ ଏହି ସିରିଜ୍ ଜିତିବା ଉପରେ ଟିମ୍‌ର ନଜର ରହିବ।

# ହାମ୍ପଶାୟାର ସହ ତିଳକ ବର୍ମାଙ୍କ ଚୁକ୍ତି



**ନୂଆଦିଲ୍ଲୀ,୧୧।୬/ଏଜେନ୍ସି:** ଯୁବ ଭାରତୀୟ ବ୍ୟାଟର୍ ତିଳକ ବର୍ମାଙ୍କ ସହ ହାମ୍ପଶାୟାର କାଉଣ୍ଟି କ୍ରିକେଟ୍ କ୍ଲବ୍ ଚୁକ୍ତିବଦ୍ଧ ହୋଇଛି। ବାମହାତୀ ହାଇଦ୍ରାବାଦ ବ୍ୟାଟରଙ୍କ ଏହି ଚୁକ୍ତି କାର୍ଯ୍ୟକାଳ ଦୁଇମାସ ପାଇଁ ହୋଇଥିବା ବେଳେ ବିସିସିଆଇ ଏବଂ ହାଇଦ୍ରାବାଦ କ୍ରିକେଟ୍ ଆସୋସିଏସନ୍ (ଏଚ୍‌ସିଏ) ତାଙ୍କୁ ଏନ୍‌ଓସି ପ୍ରଦାନ କରିଛନ୍ତି। କ୍ରିକବଜ୍ ସୂଚନା ଅନୁଯାୟୀ, ୨୨ ବର୍ଷୀୟ ତିଳକ ଜୁନ୍ ୧୮ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ କାଉଣ୍ଟି କ୍ଲବ୍ ପାଇଁ ଖେଳିବେ ଏବଂ ଏହି ସମୟରେ ସେ ପ୍ରାରମ୍ଭିକ ଭାବରେ ଚାରୋଟି ଚାରିଦିନିଆ ଖେଳ ଖେଳିବେ। ତେବେ ସୀମିତ ଓଭର୍ ଫର୍ମାଟ୍‌ରେ କାଉଣ୍ଟିର ପ୍ରତିନିଧିତ୍ୱ କରିବେ କି ନାହିଁ ତାହା ସ୍ପଷ୍ଟ ହୋଇନି। ୧୮ ପ୍ରଥମଶ୍ରେଣୀ ମ୍ୟାଚ୍‌ରେ ତିଳକ ବର୍ମା ପାଞ୍ଚ ଶତକ ଏବଂ ଚାରି ଅର୍ଦ୍ଧଶତକ ସହିତ ୫୦ରୁ ଅଧିକ ହାରାହାରିରେ ୧୨୦୪ ରନ୍ କରିଛନ୍ତି। ଏହା ବ୍ୟତୀତ ୨୫ ଟି-୨୦ ଅନ୍ତର୍ଜାତୀୟ ଏବଂ ଚାରିଟି ଦିନିକିଆରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ଟି-୨୦ରେ ୪୯.୯୩ ହାରାହାରି ଏବଂ ୧୫୫ ଷ୍ଟ୍ରାଇକ୍ ରେଟ୍‌ରେ ସେ ୨୪ ଇନିଂସ୍‌ରେ ମୋଟ ୭୪୯ ରନ୍ କରିଛନ୍ତି।

# ବ୍ରାଜିଲ୍, ଅଷ୍ଟ୍ରେଲିଆକୁ ଫିଫା ବିଶ୍ୱକପ୍ ଟିକେଟ୍



**ନୂଆଦିଲ୍ଲୀ,୧୧।୬/ଏଜେନ୍ସି:** ବ୍ରାଜିଲ୍, ଇକ୍ୱେଡର୍ ଏବଂ ଅଷ୍ଟ୍ରେଲିଆ ଆସନ୍ତା ବର୍ଷ ହେବାକୁ ଥିବା ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଥିବା ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଣ୍ଟିନା ଓ କଲମ୍ବିଆ ମ୍ୟାଚ୍ ଡ୍ର'ରେ ଶେଷ ହୋଇଛନ୍ତି। ଏହା ବ୍ୟତୀତ ବଲିଭିୟାଠାରୁ ୨-୦ରେ ହାରି ଚିଲି ଲଗାତାର ତୃତୀୟ ଥର ପାଇଁ ବିଶ୍ୱକପ୍ ଖେଳିବାରୁ ବଞ୍ଚିତ ହୋଇଛି। ଏହି ଟିମ୍‌ଗୁଡ଼ିକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୩ ଟିମ୍ ଯୋଗ୍ୟତା ଅର୍ଜନ କରିସାରିଲେଣି। ୨୦୨୬ ବିଶ୍ୱକପ୍‌ରେ ୪୮ ଟିମ୍ ଅଂଶଗ୍ରହଣ କରିବେ। ଏହା ପୂର୍ବରୁ ୨୦୨୨ରେ ମୋଟ ୩୨ ଟିମ୍ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। ଫିଫା ବିଶ୍ୱକପ୍ ଆମେରିକା, ମେକ୍ସିକୋ ଓ କାନାଡାରେ ଆୟୋଜିତ ହେବ। ଏହି ତିନି ଦେଶ ଆୟୋଜକ ହିସାବରେ ପ୍ରଥମରୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଟୁର୍ଣ୍ଣାମେଣ୍ଟ ଆସନ୍ତାବର୍ଷ ଜୁନ୍-ଜୁଲାଇରେ ଖେଳାଯିବ।

ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ବ୍ରାଜିଲ୍ ୧-୦ ଗୋଲ୍‌ରେ ପରାଗୁଏକୁ ହରାଇ ଯୋଗ୍ୟତା ଅର୍ଜନ କରିଛି। ନୂଆ କୋଚ୍ କାର୍ଲୋ ଏଞ୍ଚେଲୋଟିଙ୍କ ଦିଗ୍‌ଦର୍ଶନରେ ଏହାର ଟିମ୍‌ର ପ୍ରଥମ ବିଜୟ। ରିୟଲ୍ ମାଦ୍ରିଦ୍ ଷ୍ଟାର୍ ଭିନିସିୟସ୍ ଜୁନିୟର୍ ୪୪ତମ ମିନିଟ୍‌ରେ ଏକମାତ୍ର ଗୋଲ୍‌ଟି ଦେଇ ବ୍ରାଜିଲର ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପକ୍କା କରିଛନ୍ତି। ମାଞ୍ଚେଷ୍ଟର୍ ୟୁନାଇଟେଡ୍ ଖେଳାଳି ମାଥ୍ୟୁସ୍ କୁହ୍ନାଙ୍କ କ୍ରସ୍‌ରୁ ଭିନିସିୟସ୍ ଗୋଲ୍ କରି ଟିମ୍‌କୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହା ପୂର୍ବରୁ କୁହ୍ନା ୩୫ତମ ମିନିଟ୍‌ରେ ଏକ ଗୋଲ୍ ସୁଯୋଗ ମଧ୍ୟ ହାତଛଡ଼ା କରିଥିଲେ। ପାରାଗୁଏକୁ ଯୋଗ୍ୟତା ଅର୍ଜନ ପାଇଁ ଏକ ପଏଣ୍ଟ ଏବଂ ବ୍ରାଜିଲ୍‌କୁ ଗୋଟିଏ ବିଜୟ ଦରକାର ଥିଲା। ଏହି ବିଜୟ ସହ ବ୍ରାଜିଲ୍ ୧୬ ମ୍ୟାଚ୍‌ରୁ ୨୫ ପଏଣ୍ଟ ହାସଲ କରି ଆମେରିକା ଷ୍ଟାଣ୍ଡିଂର ତୃତୀୟ ସ୍ଥାନରେ ରହିଛି। ଟିମ୍ ଶୀର୍ଷ-୬ରେ ରହି ସିଧା ଯୋଗ୍ୟତା ଅର୍ଜନ କରିଛି। ଅନ୍ୟପକ୍ଷରେ ଏହି ପରାଜୟ ପରେ ପାରାଗୁଏ ୨୪ ପଏଣ୍ଟରେ ରହିଛି। ୨୦୧୦ ପରେ ପ୍ରଥମ ଥର ବିଶ୍ୱକପ୍ ଯୋଗ୍ୟତା ଅର୍ଜନ ପାଇଁ ଟିମ୍‌କୁ ମାତ୍ର ୧ ପଏଣ୍ଟର ଆବଶ୍ୟକତା ରହିଛି।

ସେହିପରି ସାଉଦି ଆରବକୁ ୨-୧ ଗୋଲ୍‌ରେ ହରାଇ ଅଷ୍ଟ୍ରେଲିଆ ଲଗାତାର ୬ଷ୍ଠ ଥର ପାଇଁ ବିଶ୍ୱକପ୍‌ରେ ସ୍ଥାନ ହାସଲ କରିଛି। ଟିମ୍ ପକ୍ଷରୁ କୋନୋର୍ ମେଟ୍‌କାଫେ ହାଫ୍‌ଟାଇମ୍‌ର ଠିକ୍ ପୂର୍ବରୁ ପ୍ରଥମ ଗୋଲ୍ ଦେଇଥିବା ବେଳେ ମିଚେଲ୍ ଡ୍ୟୁକ୍ ୪୮ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ୍ ସ୍କୋର୍ କରିଥିଲେ। ସାଉଦି ଆରବ ପାଇଁ ଅବ୍‌ଦୁଲ୍ ରହମାନ୍ ଅଲ୍ ଓବୁଦ୍ ୧୯ତମ ମିନିଟ୍‌ରେ ଏକମାତ୍ର ଗୋଲ୍ ଦେଇଥିଲେ।






Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra